ପୃଷ୍ଠା–୧୨+୮

49

# ଧରିତ୍ରୀ
DHARITRI

୪୯

ସମ୍ବଲପୁର, ଗୁରୁବାର, ଡିସେମ୍ବର ୧/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Thursday, December 1/2022 | Page 20 | ₹ 7.00 | ★★

୧୮ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 343 | ମୂଲ୍ୟ₹୭/-

DSPL-316

ODISHA
NEW OPPORTUNITIES



*Odisha's 3rd flagship Investors' Summit*

MAKE IN
ODISHA
CONCLAVE'22
BHUBANESWAR | 30 NOV-04 DEC | 2022

*Come & explore the vast investment opportunities in Odisha.*

**Shri Naveen Patnaik**
Hon'ble Chief Minister, Odisha

**10:30 AM | 01ST DEC. 2022 | JANATA MAIDAN | BHUBANESWAR**

Plenary Session with Business Leaders

Business Leadership Talks

Partner Country Sessions

Launch of Industrial Policy Resolution (IPR-2022)

**2000+** Business Delegates

**50+** Distinguished Leaders

**20+** MoUs, Inaugurations and Ground-Breaking

**COME, JOIN THE JUGGERNAUT**

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Registered Visitors Timing** 10:00 AM Onwards | **Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc | Country Partners: Germany, Japan, Norway




**Live Streaming on Youtube**
https://youtu.be/sYAsXeNuLMs

SCAN ME

Scan to See Live

OIPR-14005/13/0036/2223

# କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୧୪୩ କୋଟି ୬୫ ଲକ୍ଷ ୩୫ ହଜାର ଟଙ୍କା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧୪ କୋଟି ୮୧ ଲକ୍ଷ ୫୨ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ ହୋଇଛି। କୃଷିମନ୍ତ୍ରୀଙ୍କ ତରଫରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି ଖର୍ଚ୍ଚଦାବିକୁ ବୁଧବାର ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଖର୍ଚ୍ଚଦାବି ଆଲୋଚନା ବେଳେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଶିକ୍ଷକ ଆନ୍ଦୋଳନ ନେଇ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ପ୍ରବଳ ହୋହଲ୍ଲା କରିଥିଲେ। ଗୃହର ସୁପରିଚାଳନା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇପାରି ନ ଥିଲା। ପାଟିତୁଣ୍ଡ ମଧ୍ୟରେ ବିଭାଗର ଖର୍ଚ୍ଚଦାବି ଗୃହୀତ ହୋଇଥିଲା। ହୋହଲ୍ଲା ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟରେ ଧାନ, ବିରି, ମାଣ୍ଡିଆ ଏବଂ ଡାଲିଜାତୀୟ ଫସଲର ଅମଳ ବୃଦ୍ଧି ପାଇଛି । ମତ୍ସ୍ୟ ଓ ପଶୁପାଳନ କ୍ଷେତ୍ରରେ ଏସ୍‌ଏଚଜି ମହିଳାମାନଙ୍କୁ ସାମିଲ କରାଯାଇଛି। ୫-ଟି ଓ ମୋ ସରକାର ମାଧ୍ୟମରେ ଚାଷୀମାନଙ୍କୁ ବିହନଠାରୁ ଆରମ୍ଭ କରି ବିଭିନ୍ନ ସେବା ଯୋଗାଇବାରେ ତ୍ୱରିତ ପଦକ୍ଷେପ ନିଆଯାଉଛି। ଏହି ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ଶାସକ ଦଳ ସଭ୍ୟ ଅମର ପ୍ରସାଦ ଶତପଥୀ କହିଛନ୍ତି, କୃଷି ହେଉଛି ଅର୍ଥନୀତିର ଆଧାର । ଓଡ଼ିଶା ପୂର୍ବରୁ ଖାଦ୍ୟଶସ୍ୟ ଆମଦାନୀ କରୁଥିବା ବେଳେ ଏବେ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ପରିଗଣିତ ହୋଇଛି । ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନ କରି ଅନ୍ୟ ରାଜ୍ୟକୁ କୃଷିଜାତ ସାମଗ୍ରୀ ପଠାଉଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। କୃଷି ଉଦ୍ୟୋଗୀକରଣ ଆବଶ୍ୟକ ଅଛି । ତେଣୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଭଳି ପୁଞ୍ଜିନିବେଶ ଆୟୋଜନ ମଧ୍ୟ ଓଡ଼ିଶା କରୁଛି। ରାଜ୍ୟ ସରକାର ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରାଜ୍ୟରେ ଉନ୍ନତ ପ୍ରଣାଳୀରେ ଚାଷ ହେଉଛି । ଆଶାଠାରୁ ଦୁଇଗୁଣ ଉତ୍ପାଦନ ହେଉଛି। ଏହା ସହିତ କାଳିଆ ଓ ବଳିଆ ଯୋଜନାରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଦିଆଯାଉଛି। ଓଡ଼ିଶାରୁ ଚାଉଳ ଉତ୍ପାଦନ କରାଯାଇ ପିଡିଏସ୍ ବ୍ୟବସ୍ଥାରେ ଚାଉଳ ପହଞ୍ଚୁଛି । ମିଲେଟ୍ ମିଶନ ମାଧ୍ୟମରେ ଆଦିବାସୀମାନଙ୍କର ମାଣ୍ଡିଆ ଚାଷକୁ ମୂଲ୍ୟଯୁକ୍ତ ଓ ବଜାର ଆଭିମୁଖ୍ୟ କରାଯାଇଛି ବୋଲି ସେ କହିଛନ୍ତି।

# ବନ୍ଧୁକ ମରାମତି ବେଳେ ହାଟରେ ଫୁଟିଲା ଗୁଳି

■ **୪ ମହିଳାଙ୍କ ସମେତ ୫ ଆହତ**

ପାପଡ଼ାହାଣ୍ଡି/ମୈଦଲପୁର,୩୦।୧୧(ଡି.ଏନ୍.ଏ.)

ହାଟରେ ଦେଶୀ ବନ୍ଧୁକ ମରାମତି ବେଳେ ଗୁଳି ଫୁଟିଯିବାରୁ ବୁଧବାର ୪ ମହିଳାଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ସାପ୍ତାହିକ ହାଟରେ ଏଭଳି ଘଟଣା ଘଟିଛି। ଆହତମାନେ ହେଲେ ବନ୍ଧୁକ ମାଲିକ ବୁଦୁ ମାଝି, ମୈଦଲପୁର ଅଞ୍ଚଳର ସବିତା ମାଲି, ବେତଝରଣ ଗ୍ରାମର ଫୁଲରିଡ଼ା କଟିମ୍, ନୀଳାଦ୍ରିଗୁଡ଼ାର ତୁଳସା ପୂଜାରୀ ଏବଂ ଡଙ୍ଗରିଗୁଡ଼ାର ମୁକ୍ତା ଜାନି। ସମସ୍ତଙ୍କୁ ଉଦ୍ଧାର କରାଯାଇ ମୈଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି । ସୂଚନା ଅନୁଯାୟୀ, ବାର୍‌ହା ଶିକାର ଅଭିଯୋଗରେ ମୈଦଲପୁର ବନ ବିଭାଗ ପକ୍ଷରୁ ବୁଦୁଙ୍କ ଦେଶୀ ବନ୍ଧୁକ ୨୦୧୨ରେ ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ କୋର୍ଟ ଅର୍ଡର ଆଣି ସେ ବନ୍ଧୁକ ଏବଂ ଗୁଳି ଫେରିପାଇଥିଲେ। ବୁଧବାର ହାଟ ଥିବାବେଳେ ବୁଦୁ ବନ୍ଧୁକ ୱେଲ୍ଡିଂ ପାଇଁ ନେଇ ଯାଇଥିଲେ। ୱେଲ୍ଡିଂ ଦୋକାନରେ ମରାମତି ଚାଲିଥିବାବେଳେ ବନ୍ଧୁକରୁ ଗୁଳି ଫୁଟିଯାଇଥିଲା। ଅନ୍ୟପକ୍ଷରେ ଆହତ ୪ ମହିଳା ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଆହତ ଫୁଲରିଡ଼ା କଟିମ୍ ଘଟଣା ନେଇ ମୈଦଲପୁର ଫାଣ୍ଡିରେ ଏତଲା ଦେଇଛନ୍ତି। ପୋଲିସ ବନ୍ଧୁକ ମାଲିକ ବୁଦୁ ଏବଂ ୱେଲ୍ଡିଂ ଦୋକାନ ମାଲିକ ହରିହର ମିର୍ଗାନ୍‌ଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ସରିଲା ଦଶମ ଶ୍ରେଣୀ ସମ୍ମେଟିଭ-୧, ୯ରୁ ମୂଲ୍ୟାୟନ

**କଟକ ଅଫିସ,୩୦।୧୧**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପ୍ରଥମ ସମ୍ମେଟିଭ ଆସେସ୍‌ମେଣ୍ଟ (ଏସ୍‌ଏ-୧) ପରୀକ୍ଷା ବୁଧବାର ଶେଷ ହୋଇଛି। ଡିସେମ୍ବର ୯ରୁ ମୂଲ୍ୟାୟନ ଆରମ୍ଭ ହେବ। ମୋଟ ୫୬ଟି କେନ୍ଦ୍ରରେ ୧୨,୪୫୦ ଶିକ୍ଷକ ଖାତା ଦେଖିବେ। ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ଚାଲିବ। ଏନେଇ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ୧୦ ଦିନ ମଧ୍ୟରେ ଖାତା ଦେଖା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁ ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକଙ୍କ ଅଭାବ ରହିବ ସେଠାରେ ଜିଲା ଶିକ୍ଷାଧିକାରୀ ଶିକ୍ଷକ ନିଯୁକ୍ତି କରିବେ। ଖାତାଦେଖାରେ ଯେପରି କୌଣସି ତ୍ରୁଟି ନ ହୁଏ ସେଥିପ୍ରତି ଶିକ୍ଷକମାନେ ସତର୍କତା ଅବଲମ୍ବନ କରିବେ। ଖାତାଦେଖା ପାଇଁ ନିଯୁକ୍ତି ପାଇଥିବା ଶିକ୍ଷକମାନେ ସେମାନଙ୍କର ନିଯୁକ୍ତି ପତ୍ର ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ କରିବେ। ଆସନ୍ତା ୮ ତାରିଖରେ ମୂଲ୍ୟାୟନ କେନ୍ଦ୍ର ନିକଟରେ ସେମାନେ ପହଞ୍ଚିବେ ବୋଲି ମହାନ୍ତି କହିଛନ୍ତି। ଏହି ପରୀକ୍ଷାର ବିଭିନ୍ନ ବିଷୟରେ କପି କରି ୧୯୪ଜଣ ଧରାପଡିଥିବା ଜଣାପଡିଛି।

ଚଳିତବର୍ଷ ୫ ଲକ୍ଷ ୩୨ ହଜାର ୭୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେହିପରି ମଧ୍ୟମା ପରୀକ୍ଷା ପାଇଁ ୨,୯୧୪ ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୧୮୧ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଏହି ପରୀକ୍ଷାକୁ ସୁରୁଖୁରୁରେ କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବିଶେଷକରି କପି ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ, ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ନେବାକୁ ଅନୁମତି ଦିଆଯାଇ ନ ଥିଲା।






49 ଧରିତ୍ରୀ DHARITRI ୪୯
ସମ୍ବଲପୁର, ଗୁରୁବାର, ଡିସେମ୍ବର ୧/୨୦୨୨ Sambalpur, Thursday, December 1/2022


SCAN QR CODE FOR INFO. ON G20

# ଗଣତନ୍ତ୍ରର ଜନନୀ ଆୟୋଜନ କରୁଛି ଜି20 ସମ୍ମିଳନୀ

## ଆସନ୍ତୁ, ଏହାକୁ ବୈଶ୍ୱିକ ପରିବର୍ତ୍ତନର ବାହକରେ ପରିଣତ କରିବା

ଗଣତନ୍ତ୍ରର ଜନ୍ମଦାତ୍ରୀ, ଭାରତ ବର୍ତ୍ତମାନର ବିଶ୍ୱର ନେତୃତ୍ୱ ନେବା ଲାଗି ପ୍ରସ୍ତୁତ ହୋଇସାରିଛି ଏବଂ 'ଜି୨୦ ଭାରତ'ରେ ନିଜର ନିର୍ଣ୍ଣାୟକ ତଥା କାର୍ଯ୍ୟାନୁଷ୍ଠାନ ଆଧାରିତ ଦୃଷ୍ଟିକୋଣ ସହିତ ଭବିଷ୍ୟତର ଲକ୍ଷ୍ୟ ହାସଲ ନିମନ୍ତେ ତତ୍ପର ରହିଛି । ଜି୨୦ ରାଷ୍ଟ୍ରସମୂହ ସଂଗଠନର ବୈଠକ ଯୋଜନା ଦେଶର ବିଭିନ୍ନ ରାଜ୍ୟ ଓ ସହରରେ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯାହାଫଳରେ ସାରା ବିଶ୍ୱର ଆସୁଥିବା ଅତିଥିମାନଙ୍କୁ ଭାରତର ଅଦ୍ଭୁତ ବିବିଧତା, ବିଶେଷ ପରମ୍ପରା ଏବଂ ସାଂସ୍କୃତିକ ସମୃଦ୍ଧିର ବ୍ୟାପକ ଅନୁଭୂତି ହୋଇପାରିବ ।




G20 भारत 2023 INDIA
वसुधैव कुटुम्बकम्
ONE EARTH • ONE FAMILY • ONE FUTURE

cbc 14126/13/0017/2223

/@g20org /g20org /g20org /@g20orgindia

ଧରିତ୍ରୀ
DHARITRI
ଗୁରୁବାର, ୧ ଡିସେମ୍ବର, ୨୦୨୨

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ରଙ୍କ ଯାଇ ସଭାରେ ବସେ**
**କନା ରଙ୍କ ଯାଇ କଣରେ ପଶେ।**

ଯେଉଁମାନେ ଭଲ ଦି' ମୁଠା ଦି' ଓଳି ଖାଇବାକୁ ପାଇ ନ ଥାନ୍ତି ସେମାନେ ଖାଇବା ଆଶାରେ ଆଖପାଖରେ ହେଉଥିବା ବିଭିନ୍ନ ସଭା ତଥା ମେଳା ମଉଛବରେ ପହଞ୍ଚି ଯାଇଥାନ୍ତି। ସେହିପରି ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ। ବସ୍ତ୍ର ବିନା ପଦାକୁ ବାହାରିବା ନିଷେଧ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଣ୍ଡାରି ଦେଖିଲେ**
**ନଖ କଅଁଳେ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶା ଥାଏ, ତାଙ୍କୁ ଦେଖିବା ମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଆଗଭର ହୋଇଥାନ୍ତି। କରିବା ଲୋକ ତ ହାବୁଡ଼େ ପଡ଼ିଗଲା, କାମଟା କରେଇନେବା ଚକରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଉ ମାସେ ବଢ଼ିଲା ଅବଧି




## ହାଇକୋର୍ଟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲା

- ଡିସେମ୍ବର ୩୧ ପର୍ଯ୍ୟନ୍ତ ଯାଞ୍ଚ କୋହଳ
- ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

କଟକ ଅଫିସ,୩୦।୧୧

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରସ୍ତୁତ ଅବଧିକୁ ଆଉ ମାସେ ଅର୍ଥାତ୍ ଡିସେମ୍ବର ୩୧ ଯାଏ ବଢ଼ାଯାଇଛି। ଏହି ସମୟ ମଧ୍ୟରେ ଉକ୍ତ ପ୍ଲେଟ୍ ଯାଞ୍ଚ କୋହଳ କରାଯିବା ସହି ଜରିମାନା ଆଦାୟ କରାଯିବ ନାହିଁ ବୋଲି ହାଇକୋର୍ଟରେ ବୁଧବାର ଦର୍ଶାଯାଇଛି। ଏହାଦ୍ୱାରା ଗାଡି ଚାଳକମାନେ ଆଶ୍ୱସ୍ତି ହୋଇଛନ୍ତି। ଏନେଇ ରାଜ୍ୟ ସରକାର ଦେଇଥିବା ଚିଠି ଉପରେ ପଦକ୍ଷେପ ଗ୍ରହଣ କରି ରାଜ୍ୟ ପରିବହନ ବିଭାଗ ଏହି ନିଷ୍ପତ୍ତି ଗ୍ରହଣ କରିଥିବା ହାଇକୋର୍ଟରେ ସତ୍ୟପାଠ ମାଧ୍ୟମରେ ଦର୍ଶାଯାଇଛି। ଏଥିସହ ହାଇକୋର୍ଟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲାର ଅନ୍ତ ଘଟିଛି। ଭବିଷ୍ୟତରେ ଏହାକୁ ନେଇ ପୁଣି ଆବେଦନକାରୀ ମାମଲା କରିପାରିବେ ବୋଲି ମଧ୍ୟ ବୁଧବାର ହାଇକୋର୍ଟରେ ଶୁଣାଣିବେଳେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କାଜଲ ସାହୁ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାକର ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୧, ୨, ୩, ୪ ଶେଷ ନମ୍ବର ପାଇଁ ଅନ୍ତିମ ତାରିଖ ନଭେମ୍ବର ୩୦ ତାରିଖ ରହିଥିଲା। ଗତ ୨୮ ତାରିଖରେ ମାମଲାର ଶୁଣାଣି ବେଳେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ତିଆରି ଅବଧି ବଢ଼ାଇବା ପାଇଁ ରାଜ୍ୟ ସରକାର ପରିବହନ ବିଭାଗକୁ ଦେଇଥିବା ଚିଠି ଉପରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ନିଯୁକ୍ତି ପରୀକ୍ଷାରେ ମିଳିବ ଅତିରିକ୍ତ ୫% ମାର୍କ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

**କରୋନା ମୁକାବିଲାରେ ନିୟୋଜିତ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

କରୋନା ମହାମାରୀ ସମୟରେ ରାଜ୍ୟରେ ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ ଅଳ୍ପ ସମୟ ପାଇଁ ସେବା କ୍ଷେତ୍ରରେ ନିୟୋଜିତ ହୋଇଥିଲେ ସେମାନଙ୍କ ଲାଗି ବୁଧବାର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନିଯୁକ୍ତି ପରୀକ୍ଷାରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କୁ ଅତିରିକ୍ତ ୫ ପ୍ରତିଶତ ମାର୍କ ମିଳିବ।

ସୂଚନାଯୋଗ୍ୟ, କରୋନା ମୁକାବିଲା ନିମନ୍ତେ ସହସ୍ରାଧିକ ସ୍ୱାସ୍ଥ୍ୟକର୍ମୀଙ୍କୁ ରାଜ୍ୟ ସରକାର ନିୟୋଜିତ କରିଥିଲେ। କରୋନା ନମୁନା ପରୀକ୍ଷାଠାରୁ ଆରମ୍ଭ କରି ଟିକାକରଣ ପ୍ରଭୃତି କ୍ଷେତ୍ରରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କର ଅବଦାନ ରହିଥିଲା। ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବୋରାଟୋରି ଟେକ୍ନିସିଆନ ଭଳି ସ୍ୱାସ୍ଥ୍ୟକର୍ମୀମାନେ ସାରା ରାଜ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ, କୋଭିଡ୍ କେୟାର ସେଣ୍ଟରରେ ନିୟୋଜିତ ହୋଇଥିଲେ। ମହାମାରୀ ସମୟରେ ଅଳ୍ପ ସମୟ ପାଇଁ କାର୍ଯ୍ୟ କରିଥିବା ଏହି ସ୍ୱାସ୍ଥ୍ୟକର୍ମୀଙ୍କ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଯୁକ୍ତି ପରୀକ୍ଷାରେ ସେମାନଙ୍କୁ ଅତିରିକ୍ତ ୫ମାର୍କ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଶର୍ଟ୍ ଟର୍ମ କୋଭିଡ୍-୧୯ ହେଲ୍‌ଥ ୱାର୍କର୍ସ ରୁଲ୍‌ସ-୨୦୨୨ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, କରୋନା ସମୟରେ ଅତି କମ୍‌ରେ ତିନିମାସ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ହେବାକୁ ଥିବା ଆଗାମୀ ନିଯୁକ୍ତି ପରୀକ୍ଷାରେ ୫ ପ୍ରତିଶତ ଅତିରିକ୍ତ ମାର୍କ ଦିଆଯିବ। ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବୋରେଟୋରି ଟେକ୍ନିସିଆନ, ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଏହା କେବଳ ଗୋଟିଏ ଥର ନିଯୁକ୍ତି ପରୀକ୍ଷା ନିମନ୍ତେ ଲାଗୁ ହେବ। ତେଣୁ ଏହି ନିଯୁକ୍ତି ପରୀକ୍ଷାରେ କରୋନା ସମୟରେ ନିୟୋଜିତ ହୋଇଥିବା ସ୍ୱାସ୍ଥ୍ୟକର୍ମୀମାନେ ସୁବିଧା ପାଇପାରିବେ। ଏଥିଲାଗି ଏହି ସ୍ୱାସ୍ଥ୍ୟକର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଗ୍ନିକାଣ୍ଡରେ ପରିବାରର ୬ ମୃତ

ଫିରୋଜାବାଦ,୩୦।୧୧(ପି.ଟି.): ଉତ୍ତରପ୍ରଦେଶର ଫିରୋଜାବାଦରେ ଏକ ଇଲେକ୍ଟ୍ରୋନିକ୍ସ ଓ ଫର୍ନିଚର ଦୋକାନରେ ନିଆଁ ଲାଗି ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ପିଲା ଅଛନ୍ତି। ବିଲ୍ଡିଂର ତଳ ମହଲାରେ ଦୋକାନ ଥିବାବେଳେ ଉପର ମହଲାରେ ପରିବାର ରହୁଥିଲେ। ଶର୍ଟ ସର୍କିଟରୁ ନିଆଁ ଲାଗି ଦୋକାନ ସମେତ ମାଲିକଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ବିଲ୍ଡିଂକୁ ଏକ ସଙ୍କୀର୍ଣ୍ଣ ଅଞ୍ଚଳରେ ଥିବାରୁ ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଥିଲା।

# 'ସାଧାରଣ ଜନତା ସଚେତନ ହେଲେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ'




ପୁସ୍ତକ ମେଳା ୬ଷ୍ଠ ସନ୍ଧ୍ୟାର ମୁଖ୍ୟ ଅତିଥି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

## ଭଦ୍ରକ ପୁସ୍ତକମେଳାର ୬ଷ୍ଠ ସନ୍ଧ୍ୟା

ଭଦ୍ରକ ଅଫିସ,୩୦।୧୧

ଆମେ ଆମ ଭାଷା ଓ ମାଟିକୁ ଭୁଲିଯାଉଛୁ ବୋଲି ଆମକୁ ଆମ ଭାଷା ଓ ମାଟି ପର ଲାଗୁଛି। ଆମ ଭାଷା ଓ ଧର୍ମକୁ ଆମେ ଅପଭ୍ରଂଶ କରୁଛୁ। ମା' କହୁଥିବା ଭାଷାକୁ ପିଲାମାନେ କହିପାରୁଥିବାରୁ ଏହାକୁ ମାତୃଭାଷା କୁହାଯାଏ। ସମସ୍ତେ ଆସନ ପାଇଁ ଲୋଭୀ, କାହାରି ପାଖରେ ରାଷ୍ଟ୍ର ପାଇଁ ଆତ୍ମୀୟତା ନାହିଁ। ସାଧାରଣ ଲୋକ ବର୍ତ୍ତମାନର ବାସ୍ତବତା ଜାଣିବା କଷ୍ଟକର। ଆମ ବିଶେଷତାକୁ ବୁଝି ଜନସାଧାରଣ ସଚେତନ ହେଲେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଲିଖିତ ଭାଷାକୁ ଆମେ ବିରୋଧ କରୁଛୁ, ଅଶୋକଙ୍କ ସମୟରେ ଧଉଳି ସ୍ତୁପରେ ବିଭିନ୍ନ ଶିଳାରେ ପାଲି ଭାଷାରେ ଲେଖା ରହିଛି। ଭାରତର କୌଣସି ବିଶ୍ୱବିଦ୍ୟାଳୟରେ ପାଲି ଭାଷାକୁ ଗୁରୁତ୍ୱ ଦିଆଯାଉନାହିଁ। କିନ୍ତୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଏହାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସ୍ଥାନୀୟ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଅନୁଷ୍ଠିତ ଭଦ୍ରକ ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ବେଦ ପୀୟୂଷର ସମ୍ପାଦକ ତଥା ପ୍ରବଚକ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ବିଦ୍ୱାନମାନଙ୍କୁ ସମ୍ମାନ ଦେଲେ ରାଷ୍ଟ୍ରର ଉନ୍ନତି ହୋଇପାରିବ। ଧନର ସମ୍ମାନ ନୁହେଁ ଜ୍ଞାନର ସମ୍ମାନ ଆବଶ୍ୟକ। ଜ୍ଞାନୀଠାରୁ ବଡ଼ କେହି ନାହିଁ, ଜ୍ଞାନର ପରାଜୟ ହୁଏ ନାହିଁ । କାଟି ଖାଇବା ନୁହେଁ ବାଣ୍ଟି ଖାଇବା ଆମ ସଂସ୍କୃତି ବୋଲି ସେ କହିଥିଲେ। ବୁଧବାର ପୁସ୍ତକ ମେଳାର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଭାରତୀୟ ସଂସ୍କୃତିର ମହନୀୟତା ଶୀର୍ଷକ ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ପ୍ରାଧ୍ୟାପକ ନାସିର ବକ୍ସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ, ପୁସ୍ତକ ମେଳା କମିଟିର ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବାମପନ୍ଥୀ ନେତା ତ୍ରୈଲୋଚନ ଜେନା, ଭାଜପା ନେତା ଡା. ପ୍ରଦୀପ ନାୟକ, ଚର୍ଚ୍ଚିକା ମହାପାତ୍ର, ଅଶୋକ କୁମାର ଦ୍ୱିବେଦୀ, ଗୌରାଙ୍ଗ ବାରିକ, ଅଧିବକ୍ତା ଗଦାଧର ବଳ, ବାବୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ମୁଖ୍ୟ ଅତିଥି ସତପଥୀ ସମସ୍ତ ବହି ଷ୍ଟଲ ବୁଲିବା ସହିତ ମନପସନ୍ଦର ବହି କିଣିଥିଲେ। ଭଦ୍ରକ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚିବା ପରେ ପୁସ୍ତକ ମେଳା କମିଟି ଓ ଭଦ୍ରକ ଖବରଦାତାଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇ ପୁସ୍ତକ ମେଳା ମଞ୍ଚକୁ ନିଆଯାଇଥିଲା।

# ବିନୋଦ କୁମାରଙ୍କୁ ୩ବର୍ଷ ଜେଲ୍

## ଓଆର୍‌ଏଚ୍‌ଡିସି ଗୃହ ଦୁର୍ନୀତି ମାମଲା

- ଜାଲ ଦସ୍ତାବିଜରେ 'ଭୂମିକା ବିଲ୍ଡର୍ସ'କୁ ଦେଇଥିଲେ ୧୮.୫୦ ଲକ୍ଷର ଗୃହ ଋଣ
- ଅନ୍ୟ ୫ ଅଭିଯୁକ୍ତ ମଧ୍ୟ ଭୋଗିବେ ୩ ବର୍ଷ କାରାଦଣ୍ଡ, ଦେବେ ଜରିମାନା



ବିନୋଦ କୁମାର

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ 'ଏମ୍/ଏସ୍ ଭୂମିକା ବିଲ୍ଡର୍ସ ପ୍ରାଇଭେଟ ଲିଃ'କୁ ଅନୁଚିତ ଅନୁଗ୍ରହ ଦେଖାଇ ୧୮.୫୦ ଲକ୍ଷ ଟଙ୍କାର ଗୃହ ଋଣ ଦେବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବହିଷ୍କୃତ ଆଇଏଏସ୍ ଅଫିସର ତଥା 'ଓଆର୍‌ଏଚ୍‌ଡିସି'ର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବିନୋଦ କୁମାରଙ୍କୁ ୩ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ସେହିପରି ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ୍ୟ ସମାନ ଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ 'ଓଆର୍‌ଏଚ୍‌ଡିସି'ର ତତ୍କାଳୀନ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତି ରଞ୍ଜନ ମହାପାତ୍ର, ଲୋନ ଅଫିସର ସତ୍ୟ ପ୍ରକାଶ ବେହେରା, ଆସିଷ୍ଟାଣ୍ଟ ସିଷ୍ଟମ୍ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, 'ଭୂମିକା ବିଲ୍ଡର୍ସ'ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଦେବଦତ୍ତ ରାୟ ଏବଂ ପାର୍ଟନର୍ ବିଭୂତି ଭୂଷଣ ସ୍ୱାଇଁ। ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ ୫୦ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ଏପ୍ରିଲ ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଥିଲେ। ସେହି ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର, ସତ୍ୟ ପ୍ରକାଶ ବେହେରା, ଜ୍ଞାନେନ୍ଦ୍ର ସ୍ୱାଇଁ 'ଓଆର୍‌ଏଚ୍‌ଡିସି'ରେ କାର୍ଯ୍ୟ କରୁଥିଲେ। ୨୦୦୦ ଅଗଷ୍ଟ ଓ ଡିସେମ୍ବରରେ ଭୂମିକା ବିଲ୍ଡର୍ସ ପକ୍ଷରୁ ଜାଲ ଦସ୍ତାବିଜ୍ ଦ୍ୱାରା ଦୁଇଟି ଗୃହ ଋଣ ଆବେଦନ କରାଯାଇଥିଲା। ବିନୋଦ ଏବଂ ଅନ୍ୟ ଅଭିଯୁକ୍ତମାନେ ନିୟମ ଉଲ୍ଲଂଘନ କରି ୨ଟି ଲୋନ ପାଇଁ ୧୮.୫୦ ଲକ୍ଷ ଟଙ୍କାର ଗୃହ ଋଣ ଦେଇଥିଲେ। ଫଳରେ ରାଜ୍ୟ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୦୦୬ ଡିସେମ୍ବର ୩୦ରେ ଏକ ମାମଲା (ନଂ. ୫୭/ ୦୬) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏହି ମାମଲାରେ ବିନୋଦଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ୧୪ଜଣଙ୍କ ସାକ୍ଷ୍ୟ ଓ ୧୦୪ ଦସ୍ତାବିଜ ଆଧାରରେ ଦୁର୍ନୀତି ସଂକ୍ରାନ୍ତ ପ୍ରମାଣ ପାଇବା ପରେ କୋର୍ଟ ବୁଧବାର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଉଲ୍ଲେଖଯୋଗ୍ୟ, ଦୋଷୀ ସାବ୍ୟସ୍ତ ହୋଇଥିବା ବିନୋଦଙ୍କ ବିରୋଧରେ ରାଜ୍ୟ ସରକାର ମୋଟ ୨୭ଟି ଭିଜିଲାନ୍ସ ମାମଲା କରିଥିବାବେଳେ ଏହାକୁ ମିଶାଇ ୫ଟିରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

## କ୍ୟାବିନେଟ ନିଷ୍ପତ୍ତି

# ଗଞ୍ଜାମ, ସୋନପୁର ଜିଲାର ୮ ବ୍ଲକକୁ ପାନୀୟ ଜଳ

- ୯୫୦ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଗଞ୍ଜାମ ଜିଲା ପାତ୍ରପୁର, ଚିକିଟି, ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ୬୩ ପଞ୍ଚାୟତର ୪୭୯ ଗ୍ରାମରେ ଜେଜେଏମ୍ ଯୋଜନାରେ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିନିମନ୍ତେ ୩୮୬ କୋଟି ୯୬ ଲକ୍ଷ ୪୦ ହଜାର ୫ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି । ସେହିପରି ଦ୍ୱିତୀୟ ପ୍ରସ୍ତାବରେ ସୋନପୁର ଜିଲାର ତରଭା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକର ୬୪ ଗ୍ରାମ ପଞ୍ଚାୟତର ୬୨୫ ଗାଁରେ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ୫୫୩ କୋଟି ୮୫ ଲକ୍ଷ ୮୨ ହଜାର ୭୦୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ୨ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# ନିଯୁକ୍ତି ପ୍ରକ୍ରିୟାର ନିୟମାବଳୀ-୨୦୨୨କୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ବିଭିନ୍ନ ପଦବୀରେ ଭର୍ତ୍ତି ନିମନ୍ତେ ଥିବା ଶାରୀରିକ ମାନକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା 'ଖ' ଓ 'ଗ' ବର୍ଗ ଅନ୍ତର୍ଗତ ବିଭିନ୍ନ ପଦବୀର ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏହାର ଲକ୍ଷ୍ୟ। କନିଷ୍ଠ ଷ୍ଟେନୋଗ୍ରାଫର, କନିଷ୍ଠ ଟାଇପିଷ୍ଟ, ଡାଟାଏଣ୍ଟ୍ରି ଅପରେଟର ଓ ଜୁନିୟର କ୍ଲର୍କ-କମ୍-ଟାଇପିଷ୍ଟ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ଏହି ପରୀକ୍ଷାଗୁଡ଼ିକ ସୁବ୍ୟବସ୍ଥିତ ହେବା ସହିତ ପରୀକ୍ଷାର୍ଥୀ ଓ ରାଜ୍ୟ ସରକାରଙ୍କ ବ୍ୟୟଭାର ହ୍ରାସ ପାଇବ। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ର ଧାରା-୨ର ଉପଧାରା-୨, ଧାରା-୧୪, ୧୯, ୨୪, ୨୫, ୪୬ ଓ ୮୭ର ସଂଶୋଧନକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ଏହାସହିତ ଉକ୍ତ ଆଇନରେ ଏକ ନୂତନ ଅଧ୍ୟାୟ ୩-ଏ, ନୂତନ ଧାରା ୧୦-ଏ ଓ ୩୩-ଏ'କୁ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ରାଜ୍ୟର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି, ଦ୍ରୁତ ଶିଳ୍ପାୟନ ତଥା ଅଧିକରୁ ଅଧିକ ନିବେଶକମାନଙ୍କ ପାଇଁ ପୁଞ୍ଜି ନିବେଶ କରିବାର ସୁଯୋଗ ସୃଷ୍ଟି ହୋଇପାରିବ। ଅମଳ ପରବର୍ତ୍ତୀ କ୍ଷତି ଏବଂ ଉଦ୍ୟାନ କୃଷି ଉତ୍ପାଦର ବ୍ରାଣ୍ଡିଂ, ପ୍ୟାକେଜିଂ ଓ ମାର୍କେଟିଂ କ୍ଷେତ୍ରକୁ ସହାୟତା ଯୋଗାଇବା ସହ କୃଷକମାନଙ୍କୁ ଆର୍ଥିକ ସହାୟତା ଦେବା ଉଦ୍ଦେଶ୍ୟରେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ଉଦ୍ୟାନ କୃଷିର ଅମଳ ପରବର୍ତ୍ତୀ ବିପଣନରେ ସହାୟତା ଯୋଜନାଟି କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହା ଗ୍ରାମାଞ୍ଚଳରେ ଚାଷୀଙ୍କ ରୋଜଗାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଉଦ୍ୟାନ କୃଷିର ଦ୍ରୁତ ଆଧୁନିକୀକରଣରେ ସହାୟକ ହେବ।

ଓଡ଼ିଶା କାରଖାନା ଓ ବାଷ୍ପିତ ନିରୀକ୍ଷଣ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମାବଳୀ-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ତଦନୁଯାୟୀ ଏହି ସେବାର ମୂଳ ପଦବୀ ଆସିଷ୍ଟାଣ୍ଟ ଡାଇରେକ୍ଟର ଚୟନ ଲାଗି ଲିଖିତ ଓ ସାକ୍ଷାତକାର ପରୀକ୍ଷା ଲୋକସେବା ଆୟୋଗ ଦ୍ୱାରା କରାଯିବ।

ଓଡ଼ିଆ ଚଳଚ୍ଚିତ୍ର 'ଦମନ'କୁ ଟିକସମୁକ୍ତ କରିବା ପାଇଁ ପୂର୍ବ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର ମାରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଏକାଦଶ ଚନ୍ଦ୍ର ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତିକୁ ବିଷାଦିତ ରଖିବ। ପରିବହନରେ ଝଗଡ଼ା କିନ୍ତୁ ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଶୁକ୍ରଙ୍କ ସ୍ୱଗୃହୀ ପ୍ରଭାବରୁ ଉନ୍ନତ ରହିବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ଯାହାକି ଆପଣଙ୍କ ସକାଶେ ହିତକର ହେବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ନବମସ୍ଥ ଚନ୍ଦ୍ର ଧାର୍ମିକ କାର୍ଯ୍ୟ କିମ୍ବା ମାଙ୍ଗଳିକ କାମରେ ନିୟୋଜିତ କରି ହର୍ଷୋତ୍‌ଫୁଲ୍ଲ କରାଇବ। ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସି ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ ଏପରିକି ବକେୟା ମଧ୍ୟ ପାଇପାରନ୍ତି। କିନ୍ତୁ ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ** ଅଷ୍ଟମଚନ୍ଦ୍ର ବିଭିନ୍ନ ସମସ୍ୟା, କାର୍ଯ୍ୟହାନିଜନିତ ଟେନ୍ସନ ସାଙ୍ଗକୁ ମାନସିକ ଅସ୍ଥିରତା ମଧ୍ୟ ସୃଷ୍ଟି କରିବ। ଅବଶ୍ୟ ପାରିବାରିକ କ୍ଷେତ୍ରରେ ସ୍ଥଗିତ ରହିଯାଇଥିବା ଦୀର୍ଘଦିନର ଆଶା ଫଳବତୀ ହେବ। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ରୁଗ୍‌ଣ ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ଦେଖାଯାଇପାରେ।

**ସିଂହ** ଚନ୍ଦ୍ରଙ୍କ ସପ୍ତମସ୍ଥିତି ଯାତ୍ରାକୁ ବିଳମ୍ବିତ କରିବା ସାଙ୍ଗକୁ ବିଭିନ୍ନ ଦିଗରେ ଖର୍ଚ୍ଚାନ୍ତ କରାଇବ। ଗୁରୁକୃପାରୁ ଅଭାବ ପୂରଣ ହୋଇଯିବ ଏବଂ କୌଣସି ବୟସ୍କ ବ୍ୟକ୍ତିଙ୍କ ଉଦାରତାରୁ ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବ୍ୟବସାୟ, ପରିବହନ, ଯାତ୍ରା, ପ୍ରତିଯୋଗିତା କ୍ଷେତ୍ର ପ୍ରାୟତଃ ଭଲ ରହିବ।

**କନ୍ୟା** ଆଜିର ଶୁଭଚନ୍ଦ୍ର ଆପଣଙ୍କ ଲକ୍ଷ୍ୟ ହାସଲ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ। ଆଇନ ସହାୟତା ପାଇବା ସହ କଚେରି ମାମଲାର ରାୟ ଆପଣଙ୍କ ସପକ୍ଷରେ ଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆଜିର ଚନ୍ଦ୍ର ଆପଣଙ୍କୁ କଳ୍ପନାବିଳାସୀ କରାଇ ଲେଖାପଢ଼ା କ୍ଷେତ୍ରରେ ପ୍ରତିଷ୍ଠିତ କରାଇବ। କିନ୍ତୁ କେତେକ କ୍ଷେତ୍ରରେ ଆପଣଙ୍କୁ ଆଶାଜନକ ପ୍ରାପ୍ୟ ମିଳି ନ ପାରେ। ପୁନଶ୍ଚ ସନ୍ତାନଙ୍କ ପାଇଁ ବିଶେଷ ଚିନ୍ତିତ ହେବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** ମଙ୍ଗଳଙ୍କ ବ୍ୟତୀତ ସମସ୍ତଗ୍ରହ ରାହୁ ଓ କେତୁଙ୍କ ମଧ୍ୟବର୍ତ୍ତୀ ହୋଇ ଆଂଶିକ କାଳସର୍ପଯୋଗ ସୃଷ୍ଟିକରୁଥିବାରୁ ପ୍ରତ୍ୟେକ କାମରେ ବ୍ୟତିକ୍ରମ ରହିବ। ରାଶ୍ୟାଧିପ ମଙ୍ଗଳ ପ୍ରଭାବରୁ ଉଦ୍ୟମ ଜାରି ରଖିବେ ଏବଂ କେତେକାଂଶରେ ସଫଳତା ପାଇବେ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ଶନିକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ତଥାପି କୌଣସି କାମ ଅଟକି ରହିବନାହିଁ ଓ କର୍ମକ୍ଷେତ୍ରର ସମସ୍ୟାର ସମାଧାନ ହୋଇଯିବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅତୀତର କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ମୁଖଭାବରେ ଚନ୍ଦ୍ର ଆପଣଙ୍କ କଥା ଓ ବ୍ୟବହାରରେ ବିନୟଯୁକ୍ତ କୋମଳତା ପରିପ୍ରକାଶ ହେବ। ଫଳତଃ ଅର୍ଥ, ସମ୍ମାନ ସହ ଅନ୍ୟମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦରଯୁକ୍ତ ହେବେ। ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ।

**କୁମ୍ଭ** ବିଭିନ୍ନ ପ୍ରକାରର ବିବାଦୀୟ ଚିନ୍ତାରେ ମାନସିକ ସନ୍ତୁଳନ ହରାଇବେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ ଏବଂ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ କୌଣସି ନୂଆ ଯୋଜନା କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ରୋଗଯୁକ୍ତ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

ଆଜି ଡିସେମ୍ବର ୧ ତାରିଖ, ମାର୍ଗଶିର ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ମାଣବସା ଗୁରୁବାର ଚତୁର୍ଥ ପାଳି, ବିଶ୍ୱ ଏଡ୍‌ସଦିବସ, ଶରଣ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୦୮ ମି. ଗତେ ଘ.୦୭.୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨.୫୭ ମି. ଗତେ ଘ.୦୨.୧୯ ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ DHARITRI

୪୯ 49

ଗୁରୁବାର, ଡିସେମ୍ବର ୧/୨୦୨୨ | Thursday, December 1/2022 | ପୃଷ୍ଠା-୧




**ଖେଳରତ୍ନ ପୁରସ୍କାର ଗ୍ରହଣ କଲେ ଅଚନ୍ତ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ବୁଧବାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଗ୍ରହଣ କରିଛନ୍ତି ଭାରତୀୟ ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ।

୦୮

୦୫

**ଓଭରକନ୍ଫିଡେଣ୍ଟ ନୱାଜୁଦ୍ଦିନ**

ଲଗାତର ତିନିଟି ଫିଲ୍ମ ଫ୍ଲପ୍ ହେବା ସତ୍ତ୍ୱେ ଇଣ୍ଡଷ୍ଟ୍ରିରେ ନିଜ କ୍ରେଜ୍ କମି ନ ଥିବା ନୱାଜୁଦ୍ଦିନ ସିଦ୍ଦିକି କହିଛନ୍ତି।



# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଉଦ୍‌ଘାଟିତ

## ଆଦର୍ଶ ମହିଳା ଉଦ୍ୟୋଗୀ ସୃଷ୍ଟି ମୂଳ ଲକ୍ଷ୍ୟ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଆରମ୍ଭ ହୋଇଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ୩ୟ ସଂସ୍କରଣ। ଭୁବନେଶ୍ୱର ଜନତା ମଇଦାନଠାରେ ବୁଧବାର ଆୟୋଜିତ ଆକର୍ଷଣୀୟ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ସହଯୋଗୀ ରାଷ୍ଟ୍ର ଜର୍ମାନୀ, ନରୱେ, ଜାପାନ ଏବଂ ନେପାଳର ରାଷ୍ଟ୍ରଦୂତଙ୍କ ସହ ବହୁ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବିଶେଷକରି ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ହିରୋଶି ସୁଜୁକି, ନରୱେର ରାଷ୍ଟ୍ରଦୂତ ହାଂସ ଜାକବ୍ ଫ୍ରାଇଡେନ୍‌ଲୁଣ୍ଡ, ନେପାଳର ରାଷ୍ଟ୍ରଦୂତ ଡ. ଶଙ୍କର ପ୍ରସାଦ ଶର୍ମା, କାଉନ୍‌ସେଲ ଜେନେରାଲ ମ୍ୟାନ୍‌ଫ୍ରେଡ୍ ଅଷ୍ଟର, କୋଲ୍‌କାତାରେ ଅବସ୍ଥାପିତ ଜର୍ମାନୀ କନ୍‌ସୁଲେଟ ପ୍ରତିନିଧି ମଧ୍ୟ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା, ୫ ଟି ସଚିବ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ପ୍ରଦୀପ ଜେନା, ମେୟର ସୁଲୋଚନା ଦାଶ, କଟକ ମେୟର ସୁବାସ ସିଂହ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

ଦେଶବିଦେଶର ଶିଳ୍ପପତିମାନଙ୍କୁ ନେଇ ୫ଦିନିଆ ଶିଳ୍ପ ମହାସମାବେଶର ଆୟୋଜନ କରାଯାଇଛି। ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଦେଶବିଦେଶରୁ ୧୨୦ରୁ ଅଧିକ କମ୍ପାନୀ ଓ ପ୍ରମୁଖ ଶିଳ୍ପପତିମାନେ ଉକ୍ତ ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ମେକ୍ ଇନ୍ ଓଡ଼ିଶା(ଏମ୍‌ଆଇଓ)ର ଏହି ୩ୟ ସଂସ୍କରଣରେ ପୂର୍ବ ୨ଥର ଅପେକ୍ଷା ଅଧିକ ନିବେଶ ପ୍ରସ୍ତାବ ଓଡ଼ିଶାକୁ ଆସିପାରେ। ବିଶେଷକରି ଏଥର ୬ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ଆସିପାରେ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି କନ୍‌କ୍ଲେଭରେ ୭ଟି ପ୍ରମୁଖ କ୍ଷେତ୍ର ଉପରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ରହିଛି। ବିଶେଷ କରି ମେଟାଲ ଓ ମିନେରାଲ, ପେଟ୍ରୋକେମିକାଲ, ଟେକ୍ସଟାଇଲ, ଫୁଡ୍ ପ୍ରୋସେସିଂ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ ଏବଂ ଆଇଟି ସେକ୍ଟରକୁ ଅଧିକ ଫୋକସ୍ କରାଯାଇଛି। ସେହିପରି ଏମଆଇଓ ପାଇଁ ଚଳିତ ଥର ଜାପାନ, ନରୱେ ଏବଂ ଜର୍ମାନୀ ଭଳି ଦେଶ କଣ୍ଟ୍ରି ପାର୍ଟନର ଥିବାବେଳେ ଫିକି ଜାତୀୟ ସହଯୋଗୀ ଭାବେ କାର୍ଯ୍ୟ କରୁଛି। ଅପରପକ୍ଷରେ ଓଡ଼ିଶାରେ ସବୁ ପ୍ରକାରର ସୁବିଧା ଓ ପ୍ରାକୃତିକ ସମ୍ପଦ ରହିଛି। ଏହାର ବିନିଯୋଗ ସହ ରାଜ୍ୟର ଅର୍ଥନୀତିର ବିକାଶ କରାଯାଇପାରିବ। ବିଶେଷ କରି ରାଜ୍ୟ ସରକାର ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାବେଳେ ଉଦ୍ୟୋଗୀ ସୃଷ୍ଟିକୁ ମଧ୍ୟ ପ୍ରୋତ୍ସାହନ କରାଯାଉଛି ବୋଲି ମନ୍ତ୍ରୀ ପ୍ରତାପ ଦେବ ମତବ୍ୟକ୍ତ କରିଛନ୍ତି। ଏମଆଇଓର ଶୁଭାରମ୍ଭ ବେଶ୍ ଚିତ୍ତାକର୍ଷକ ଓ ଆକର୍ଷଣୀୟ ରହିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଡ୍ରୋନ ସାହାଯ୍ୟରେ ଓଡିଶା କଳା ସଂସ୍କୃତି ଓ ଇତିହାସକୁ ପ୍ରଦର୍ଶନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ଲେଜର ଶୋ ଜରିଆରେ ଦର୍ଶକଙ୍କ ମନରଞ୍ଜନ କରାଯାଇଥିଲା। ଶେଷରେ ଓଡିଶାର ☞ପୃଷ୍ଠା-୩




ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଫିତାକାଟି ଉଦ୍‌ଘାଟନ କରୁଛନ୍ତି। (ଫଟୋ-ବିକାଶ)

**ଆଜିର ସମ୍ପାଦକୀୟ**

ଏଲନ ମସ୍କ ଓ ଟୁଇଟର

**ଆଜିର ମନ୍ତବ୍ୟ**

“ ମହାତ୍ମା ଗାନ୍ଧୀ ଓ ସର୍ଦ୍ଦାର ପଟେଲ ବିଂଶ ଶତାବ୍ଦୀରେ ଗୁଜରାଟୀଙ୍କ ଗର୍ବ ତଥା ସମ୍ମାନର ପ୍ରତୀକ। ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ









# ରାସ୍ତାରୁ ହଟିବ ୧୫ ବର୍ଷିଆ ଗାଡ଼ି

## ସ୍କ୍ରାପିଂ ପଲିସି ନୀତିକୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ସହରାଞ୍ଚଳରୁ ବାୟୁ ପ୍ରଦୂଷଣ ମାତ୍ରା କମାଇବାକୁ ରାଜ୍ୟ ସରକାର ୧୫ ବର୍ଷିଆ ସମସ୍ତ ଯାନକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପଞ୍ଜୀକୃତ ଯାନ ସ୍କ୍ରାପିଂ ସୁବିଧା ନୀତି-୨୦୨୨(ରେଜିଷ୍ଟର୍ଡ ଭେହିକିଲ୍ ସ୍କ୍ରାପିଂ ଫାସିଲିଟି ପଲିସି-୨୦୨୨) ଆଣିଛନ୍ତି। ଏହି ନୀତିକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ସ୍କ୍ରାପିଂ କରିଥିବା ଗାଡ଼ି ମାଲିକଙ୍କୁ ନୂଆ ଗାଡ଼ି କିଣିବାକୁ ପ୍ରୋତ୍ସାହନ ଦିଆଯିବ। ଯାନଜନିତ ବାୟୁ ପ୍ରଦୂଷଣ ହ୍ରାସ କରିବାରେ ଏହି ନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟର ୫୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଧାନସଭା ଚାଲିଥିବାରୁ ସରକାରଙ୍କ ପକ୍ଷରୁ କ୍ୟାବିନେଟ ବୈଠକ ପରେ କୌଣସି ସୂଚନା ☞ପୃଷ୍ଠା-୩

## ପୁଞ୍ଜିନିବେଶକାରୀଙ୍କ ପାଇଁ ୮ ନୂଆ ନୀତି

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

- ■ ଶିଳ୍ପ, ପର୍ଯ୍ୟଟନ, ବିମାନ, ଖାଦ୍ୟ ପ୍ରକ୍ରିୟାକରଣକୁ ଗୁରୁତ୍ୱ
- ■ ୨୦୩୦ ସୁଦ୍ଧା ୧୧ ହଜାର ମେଗାୱାଟ ଅକ୍ଷୟ ଶକ୍ତି ଲକ୍ଷ୍ୟ

ବୁଧବାରଠାରୁ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଆରମ୍ଭ ହୋଇଛି। ଏହାର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାର ପୁଞ୍ଜିପତିମାନଙ୍କୁ ଆକୃଷ୍ଟ କରିବାକୁ ୮ଟି ନୂଆ ନୀତି(ପଲିସି) ଆଣିଛନ୍ତି। କ୍ୟାବିନେଟରେ ଉକ୍ତ ପଲିସିଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହାଛଡ଼ା ଅନେକ ନୀତିଗତ ନିଷ୍ପତ୍ତି କ୍ୟାବିନେଟ ବୈଠକରେ ନିଆଯାଇଛି।

ଓଡ଼ିଶା ଶିଳ୍ପ ନୀତି-୨୦୨୨କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ବଡ଼ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଓଡ଼ିଶାକୁ ପୂର୍ବ ଭାରତର ଶିଳ୍ପ ହବ୍ କରିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି । ଏହି ନୀତି ଅନୁଯାୟୀ ଶିଳ୍ପଗୁଡ଼ିକୁ ଥ୍ରଷ୍ଟ ସେକ୍ଟର, ପ୍ରାୟରିଟି ସେକ୍ଟର ଭାବରେ ବର୍ଗୀକୃତ କରାଯାଇଛି । ଏହି ନୂଆ ନୀତି ଅନୁଯାୟୀ ଉକ୍ତ ୨ଟି କ୍ଷେତ୍ରରେ ପ୍ରତିଷ୍ଠିତ ଶିଳ୍ପ ପାଇଁ ସର୍ବୋତ୍ତମ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି । ଏଥିରେ ଉତ୍ତମ ଶିଳ୍ପ ଭିତ୍ତିଭୂମିର ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ନୂଆ ଶିଳ୍ପ ନୀତି ଷ୍ଟାର୍ଟଅପ୍ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି।

କୋଭିଡ୍ ମହାମାରୀ ଯୋଗୁ ରାଜ୍ୟ ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି କ୍ଷେତ୍ରକୁ ନୂଆ ଜୀବନ ଦେବା ସହ ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ନୂତନ ପର୍ଯ୍ୟଟନ ନୀତି-୨୦୨୨ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରାଯିବା ସହିତ ସ୍ୱାସ୍ଥ୍ୟ, ୱେଲ୍‌ନେସ ଓ ମେଡିକାଲ ଟୁରିଜମ୍‌କୁ ପର୍ଯ୍ୟଟନ ଉଦ୍ୟୋଗ ଭାବେ ଅନୁମୋଦନ ଦେବା ପାଇଁ ଏଥିରେ ବ୍ୟବସ୍ଥା ରହିଛି । ପର୍ଯ୍ୟଟକଙ୍କୁ ଓଡ଼ିଶା ଆକୃଷ୍ଟ କରିବା ସହ ହୋଟେଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ବ୍ୟବସ୍ଥା କରାଯାଇଛି। ଏହି ନୀତି ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସାମାଜିକ ଓ ଆର୍ଥିକ କ୍ଷେତ୍ର ବିକଶିତ ହେବ। ଏଥିରେ ☞ପୃଷ୍ଠା-୩

## ଏଏସ୍‌ଓ ପରୀକ୍ଷା ନେଇ ପୁଣି ମାମଲା

■ ଓପିଏସ୍‌ସିକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ ଅଫିସ,୩୦।୧୧: ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାକୁ ନେଇ ହାଇକୋର୍ଟରେ ପୁଣି ଏକ ମାମଲା ବୁଧବାର ରୁଜୁ ହୋଇଛି। କେତେଜଣ ପରୀକ୍ଷାର୍ଥୀ ଏନେଇ ସାନି ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ପାଇଁ ଦର୍ଶାଇଛନ୍ତି। କେବଳ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ସେମାନେ ଦାବି କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏହି ମାମଲାର ତ୍ୱରିତ ଶୁଣାଣି କରି ଓପିଏସ୍‌ସିକୁ ଜବାବ ☞ପୃଷ୍ଠା-୩

## ପୁଅ ଅଧିକ କର୍କଟଗ୍ରସ୍ତ

ନୂଆଦିଲ୍ଲୀ,୩୦।୧୧

**ଭାରତର ୩ ପ୍ରମୁଖ କ୍ୟାନ୍‌ସର ସେଣ୍ଟର ତଥ୍ୟ ଆଧାରରେ ଲାନ୍‌ସେଟ୍ ରିପୋର୍ଟ**

ଲାନ୍‌ସେଟ୍‌ର ଅନ୍‌କୋଲୋଜିରେ ପ୍ରକାଶିତ ଏକ ସଦ୍ୟ ରିପୋର୍ଟ ଅନୁସାରେ ଭାରତରେ ଝିଅଙ୍କ ତୁଳନାରେ କର୍କଟ ରୋଗରେ ପୀଡ଼ିତ ପୁଅମାନେ ଅଧିକ ସଂଖ୍ୟାରେ ଚିକିତ୍ସିତ ହେଉଛନ୍ତି। ସମାଜରେ



ଲିଙ୍ଗଗତ ତାରତମ୍ୟକୁ ଏହାର ଏକ କାରଣ ବୋଲି ବିବେଚନା କରାଯାଉଛି। ଖାଦ୍ୟ ସାମଗ୍ରୀରେ ରାସାୟନିକ ପଦାର୍ଥର ଅପମିଶ୍ରଣ ଏବଂ ଦୈନନ୍ଦିନ ଜୀବନରେ ଲୋକଙ୍କ ଜୀବନଶୈଳୀରେ ଘଟୁଥିବା ପରିବର୍ତ୍ତନ ଯୋଗୁ ଅନେକେ କ୍ୟାନ୍‌ସର ଆକ୍ରାନ୍ତ ହେଉଛନ୍ତି। ଭାରତରେ ମଧ୍ୟ ଏହି ଦୁରାରୋଗ୍ୟ ବ୍ୟାଧି ବିଭିନ୍ନ ବୟସବର୍ଗ ଲୋକଙ୍କୁ କବଳିତ କରିଛି।

ଭାରତର ତିନି ପ୍ରମୁଖ କ୍ୟାନ୍‌ସର ସେଣ୍ଟରର ୨୦୦୫ ଜାନୁୟାରୀ ୧ରୁ ଆରମ୍ଭ କରି ୨୦୧୯ ଡିସେମ୍ବର ୩୧ ଡେଟାକୁ ଅନୁଧ୍ୟାନ କରି ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ କରାଯାଇଛି। ଦିଲ୍ଲୀର ଜନସଂଖ୍ୟାଭିତ୍ତିକ କ୍ୟାନ୍‌ସର ପଞ୍ଜୀକରଣ(ପିବିସିଆର୍)ର ☞ପୃଷ୍ଠା-୩


DSPL - 318




OIPR-44009/13/0028/2223

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ।–**ଶ୍ରୀଅରବିନ୍ଦ**

# ଏଲନ ମସ୍କ ଓ ଟୁଇଟର



ଜାସନ ଷ୍ଟାନ୍‌ଲେ

ଏଲନ ମସ୍କ କାହିଁକି ଟୁଇଟର କିଣିଲେ ? ଏଭଳି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ,ବାକ୍ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସେ ଏହାକୁ କିଣିଛନ୍ତି। ପ୍ରଶ୍ନଟି ଜନମାନସରୁ ଦୂର ହେବ ନାହିଁ, କାରଣ ଏଭଳି ଉତ୍ତର ସନ୍ଦେହ ସୃଷ୍ଟି କରିଛି। ଟୁଇଟର କିଣିବା ପରଠାରୁ ମସ୍କ ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଏଭଳି କିଛି ଆଦର୍ଶ ବିଚାରଧାରାକୁ ସାଧାରଣରେ ବାରମ୍ବାର ସୂଚିତ କରିଆସୁଛନ୍ତି। ହେଲେ ଏହା ଏତେ ଭ୍ରମାତ୍ମକ ଯେ ତାହା ତାଙ୍କ ମାନସିକତା ଉପରେ ଗଭୀର ସନ୍ଦେହ ସୃଷ୍ଟି କରିଛି। ଉଦାହରଣସ୍ୱରୂପ, ଟୁଇଟରରୁ ଡୋନାଲ୍ଡ ଟ୍ରମ୍ପଙ୍କ ଆକାଉଣ୍ଟ ହଟାଇଦେବା ନିଷ୍ପତ୍ତିକୁ ମସ୍କ ତିରସ୍କାର କରିଥିଲେ। ସେ ଯୁକ୍ତି ବାଢନ୍ତି ଯେ, ଏକ ଦୃଢ ଗଣତନ୍ତ୍ରର ମୂଳ ଆଧାର ହେଉଛି ବାକ୍ ସ୍ୱାଧୀନତା। କିନ୍ତୁ ଟ୍ରମ୍ପ ନିର୍ବାଚନ ସମ୍ପର୍କରେ ସାଧାରଣରେ ବ୍ୟାପକ ହିଂସକ ଭାଷା ବ୍ୟବହାର କରିବାରୁ ତାଙ୍କ ଅକାଉଣ୍ଟକୁ ହଟାଇ ଦିଆଯାଇଥିଲା। ବାସ୍ତବରେ ଟ୍ରମ୍ପ ନିର୍ବାଚନ ହାରିଯିବା ପରେ ଏକ ମୁକ୍ତ ଏବଂ ଅବାଧ ନିର୍ବାଚନକୁ ଗୁପ୍ତ ଓ ଚକ୍ରାନ୍ତକାରୀ କାର୍ଯ୍ୟ ବୋଲି ଦାବି କରିବା ଲାଗି ତାଙ୍କୁ ଏକ ପ୍ଲାଟଫର୍ମ ଯୋଗାଇଦେଇ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଏକ ପ୍ରଭାବୀ ପଥ ସମ୍ପର୍କରେ ଚିନ୍ତା କରିବା କଠିନ। ଏବେସୁଦ୍ଧା ରିପବ୍ଲିକାନ ପାର୍ଟିର ନେତା ଟ୍ରମ୍ପଙ୍କୁ ଟୁଇଟର ବ୍ୟବହାର କରି ଗଣତନ୍ତ୍ରକୁ ଆକ୍ରମଣ କରିବାକୁ ସୁଯୋଗ ଦେଇ ତାହାକୁ କିଭଳି ଦୃଢ କରାଯାଇପାରିବ। ନ୍ୟାୟୋଚିତ ନିୟମଗୁଡ଼ିକର ବ୍ୟାପକ ଗ୍ରହଣୀୟତା ଉପରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ନିର୍ଭର କରେ। ଏହା ଭୋଟିଂରେ ଅଧିକ ସ୍ପଷ୍ଟ ଭାବେ ପ୍ରକାଶ ପାଇଥାଏ। ଏଣୁ ଯେଉଁମାନେ ଗଣତନ୍ତ୍ରର ବୈଧତାକୁ ନଷ୍ଟ କରିବାକୁ ଚାହୁଁଛନ୍ତି ସେମାନେ ନିର୍ବାଚନ ବ୍ୟବସ୍ଥାରେ ଥିବା ବିଶ୍ୱାସକୁ ଦୁର୍ବଳ କରିବା ପାଇଁ ଲଗାତର ମିଥ୍ୟା ପ୍ରଚାର କରୁଛନ୍ତି।

ଗଣତନ୍ତ୍ରର ବୈଧତାକୁ ଦୁର୍ବଳ କରିବା ସକାଶେ ଅନ୍ୟ ବାଟସବୁ ଅଛି। ଗଣତନ୍ତ୍ର ରାଜନୈତିକ ସମାନତାର ଆଧାର ଉପରେ ପର୍ଯ୍ୟବସିତ। 'ଗୋଟିଏ ବ୍ୟକ୍ତି, ,ଗୋଟିଏ ଭୋଟ' ର ସିଦ୍ଧାନ୍ତ ହିଁ ଏଭଳି ସମାନତାକୁ ଅଧିକ ପ୍ରତୀୟମାନ କରିଥାଏ। ଏ କ୍ଷେତ୍ରରେ ରାଜନୈତିକ ସମାନତାର ବ୍ୟାପକ ଗୁରୁତ୍ୱ ରହିଛି। ଅର୍ଥାତ୍, ଗଣତନ୍ତ୍ରରେ ସମସ୍ତଙ୍କ ସ୍ୱର ଶୁଣାଯାଇପାରେ। ଦାର୍ଶନିକ ଷ୍ଟିଫେନ୍ ଡାରୱାଲ କହିଛନ୍ତି ଯେ, ଏକ ଗଣତନ୍ତ୍ରରେ କ୍ଷମତାକୁ ସତ୍ୟ କହିବା ସମ୍ଭବ ହେବା ଦରକାର। ଗଣତନ୍ତ୍ରର ବୈଧତା ବଜାୟ ରଖିବା ମାନେ ଏକ ଗଣତାନ୍ତ୍ରିକ ସୂଚନା କ୍ଷେତ୍ରର ସୁରକ୍ଷା କରିବା। ସୂଚନା କ୍ଷେତ୍ର ହେଉଛି ପାରସ୍ପରିକ ବିଶ୍ୱାସର କ୍ଷେତ୍ର ; ଯେଉଁଥିରେ ନାଗରିକମାନେ ଆତ୍ମବିଶ୍ୱାସ ଅନୁଭବ କରନ୍ତି, ଯାହା ଦ୍ୱାରା ସେମାନେ ବାସ୍ତବତା ସମ୍ପର୍କରେ ଏକ ସହଭାଗୀ ସହମତି ଆଧାରରେ ମୁକ୍ତ ଭାବେ ବିତର୍କ ଓ ସମାଲୋଚନା କରିପାରନ୍ତି। ହେଲେ ବାସ୍ତବତାର ସହଭାଗୀ ମନୋଭାବକୁ ଦୁର୍ବଳ କରିବା ପାଇଁ ଅନେକ ସୁବ୍ୟସ୍ଥିତ ପଦ୍ଧତି ଖଞ୍ଜାଯାଇଛି ; ଯାହା ଏକ ଗଣତାନ୍ତ୍ରିକ ସୂଚନା କ୍ଷେତ୍ରର ସମ୍ଭାବନାକୁ ନଷ୍ଟ କରୁଛି। ଅଧିକ ଷଡ଼ଯନ୍ତ୍ରକାରୀ ବିଚାରଗୁଡ଼ିକୁ ପ୍ରଚାର କରୁଥିବା କ୍ଷମତାଶାଳୀ ଲୋକଙ୍କୁ ଏକ ପ୍ଲାଟ୍‌ଫର୍ମ ଦେବା ଏହି ପଦ୍ଧତିଗୁଡ଼ିକ ମଧ୍ୟରୁ ଅନ୍ୟତମ।

ଏଭଳି ଆହୁରି ଅନେକ ଉଦାହରଣ ଅଛି। ଉଭୟ ତମାଖୁ ଶିଳ୍ପ ଏବଂ ଜୀବାଶ୍ମ ଇନ୍ଧନ ଶିଳ୍ପ ପ୍ରାୟୋଜିତ ଗବେଷଣା ଧୂମପାନ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ବୈଜ୍ଞାନିକ ସହମତିରେ ଥିବା ସଂଶୟ ପ୍ରଚାର କରିବାକୁ କିଭଳି ବ୍ୟଗ୍ର ତାହା 'ମର୍ଚ୍ଚାଣ୍ଟସ୍ ଅଫ୍ ଡାଉଟ'ରେ ଦର୍ଶାଯାଇଛି। ହାର୍ଭାଡର ଐତିହାସିକ ଆଓମି ଓରେସ୍କିଜ ଏବଂ କାଲଟେକ୍‌ର ଏରିକ କନ୍‌ୱେଙ୍କ ଦ୍ୱାରା ଉକ୍ତ ପୁସ୍ତକ ଲିଖିତ। ଫଳରେ ସହମତି ଅଭାବ ଓ ପ୍ରତିବଦ୍ଧତା ଅଭାବରୁ ନୀତିଗୁଡ଼ିକ ପାସ୍ ହୋଇପାରିନାହିଁ। ବୈଜ୍ଞାନିକ ସଂଶୟ ପ୍ରଚାର ଦ୍ୱାରା ସାର୍ବଜନୀନ ବିଶ୍ୱାସକୁ ଦୁର୍ବଳ ହୋଇ ଏହି ସବୁ ସମସ୍ୟା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ପାଇଁ ଏକ ଗଣତାନ୍ତ୍ରିକ ସୂଚନା କ୍ଷେତ୍ରର ସମ୍ଭାବନାକୁ କ୍ଷତି କରିଦେଲା। ଏପରିକି ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତିତ ରହିଥିଲେ ବି ଏହାର ପ୍ରଭାବ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକୁ ବିରୋଧ କରିବାର ସମ୍ଭାବନା ଦେଖାଯାଇଛି। ସେହିସବୁ ପଦକ୍ଷେପ ପଛରେ ଥିବା ବାସ୍ତବ କାର୍ଯ୍ୟସୂଚୀକୁ ମାନବତାକୁ ଗୌଣ କରିବା ଲାଗି ଏକ ଷଡ଼ଯନ୍ତ୍ର ବୋଲି ଯଦି ବିଶ୍ୱାସ କରିବା ତେବେ ଜଳବାୟୁ ପଦକ୍ଷେପକୁ ବିରୋଧ କରିବାର ସମ୍ଭାବନା ଉପୁଜିବ। ଏକ ପ୍ଲାଟ୍‌ଫର୍ମ ଯୋଗାଇ ତାହାକୁ ବୈଧ କଲେ ତାହା ଭଲ ପ୍ରଚାରକ ହୋଇପାରିବ, କିନ୍ତୁ ଏସବୁ କେବଳ ନିର୍ଦ୍ଦିଷ୍ଟ ରାଜନୈତିକ ବିଷୟ ଯଥା ଜଳବାୟୁ ପରିବର୍ତ୍ତନ ପାଇଁ ଆବଶ୍ୟକ ଗଣତାନ୍ତ୍ରିକ ସୂଚନା କ୍ଷେତ୍ରର ସମ୍ଭାବନାକୁ କ୍ଷତି କରିବ। ଏହି ରଣନୀତିରେ କୌଣସି ପ୍ରସଙ୍ଗରେ ସହମତିର ସମ୍ଭାବନାକୁ ନଷ୍ଟ କରି ଗଣତାନ୍ତ୍ରିକ ବୈଧତାକୁ ଟାର୍ଗେଟ କରିବା ସମ୍ଭବ। ଏଭଳି କରିବାକୁ ସାର୍ବଜନୀନ ରାଜନୈତିକ ପ୍ରସଙ୍ଗର ପ୍ରତ୍ୟେକ କଳ୍ପନୀୟ ସୁଦ୍ଧାନ୍ତଗୁଡ଼ିକ ସମ୍ପର୍କରେ ଷଡ଼ଯନ୍ତ୍ରକାରୀ ବିଚାରଗୁଡ଼ିକ ପ୍ରସାର କରୁଥିବା ସ୍ୱରକୁ ଗୁରୁତ୍ୱ ଦେଉଥିବା ଗୋଟିଏ ପ୍ଲାଟଫର୍ମ ଦରକାର। ରୁଷିଆ ସରକାର ସେମାନଙ୍କ ନିୟନ୍ତ୍ରଣାଧୀନ ଆର୍‌ଟି ଟେଲିଭିଜନ ଚ୍ୟାନେଲରେ ଏଭଳି ପ୍ରୟାସ କରିଥିଲେ। ମସ୍କ ଏବେ ଟୁଇଟରରେ ଏହି ରଣନୀତି ଆପଣାଉଛନ୍ତି।

ଜୀବାଶ୍ମ ଇନ୍ଧନ ଶିଳ୍ପ କାହିଁକି ଜଳବାୟୁ ପରିବର୍ତ୍ତନ ଉପରେ ଥିବା ଗଣତାନ୍ତ୍ରିକ କଟକଣାଯୁକ୍ତ ପଦକ୍ଷେପର ସମ୍ଭାବନାକୁ ଦୁର୍ବଳ କରିବାକୁ ଚାହୁଁଛି ତାହା ସ୍ପଷ୍ଟ ହୋଇଛି। କିନ୍ତୁ ବିଶ୍ୱର ଧନୀ ଲୋକ(ମସ୍କ) କାହିଁକି ଗଣତନ୍ତ୍ରର ବୈଧତାକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ତାହାର ଉତ୍ତର ସ୍ପଷ୍ଟ ହେବା ଉଚିତ। ଏକ ସୁସ୍ଥ ଗଣତନ୍ତ୍ରରେ ଏକ ସହଭାଗୀ ଗଣତାନ୍ତ୍ରିକ ସୂଚନା କ୍ଷେତ୍ର ସତ କହିବାକୁ ସମସ୍ତଙ୍କୁ ଅନୁମତି ଦିଏ। ଏହା ହେଉଛି ରାଜନୈତିକ ସମାନତାର ସାରାଂଶ। ଏକ ସୁସ୍ଥ ଗଣତନ୍ତ୍ରରେ ଏକ ମଧ୍ୟବର୍ଗର ସାମ୍ବାଦିକ ସୁଅଧ୍ୟୟନବଶିଷ୍ଟ ତଥ୍ୟ ପ୍ରକାଶ କରି ବହୁରାଷ୍ଟ୍ରୀୟ କମ୍ପାନୀ କିମ୍ବା ଅତି ଧନୀ ବ୍ୟକ୍ତିମାନଙ୍କ ମୁଖା ଖୋଲିପାରିବେ ; ଯାହା ସେମାନଙ୍କ କାର୍ଯ୍ୟକଳାପ, ଟ୍ୟାକ୍ସ ବୃଦ୍ଧିକୁ ରୋକିବା ଲାଗି ଏକ ସହମତି ସୃଷ୍ଟି କରିପାରିବ। ଅନ୍ୟପକ୍ଷରେ ସେମାନଙ୍କ କାର୍ଯ୍ୟ ଲାଗି ସେମାନଙ୍କୁ ଉତ୍ତରଦାୟୀ କରାଯିବ। ଯଦି ଜଣେ ସାମୂହିକ ସଂଶୟ ବା ଅବିଶ୍ୱାସ ଖେଳାଇ ସେହି ସୂଚନା କ୍ଷେତ୍ରକୁ ନଷ୍ଟ କରିବ ତେବେ ଏହି ବାଟରେ କ୍ଷମତାଶାଳୀଙ୍କ ବିରୋଧରେ ନାଗରିକମାନଙ୍କୁ ସଂଗଠିତ କରିବାକୁ ବେଶି ସମୟ ଲାଗିବ ନାହିଁ। କ୍ଷମତାସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ, ଗଣତାନ୍ତ୍ରିକ ବୈଧତା ହେଉଛି ଏକ ବିପଦ। କାରଣ ଏହା ସେମାନଙ୍କ କ୍ଷମତାର ବାଟ ଓଗାଳେ। ଏ ଦୃଷ୍ଟିରୁ କାହିଁକି ବିଶ୍ୱର ଜଣେ ସବୁଠୁ କ୍ଷମତାଶାଳୀ ବ୍ୟକ୍ତି ଏହାକୁ ହଟାଇ ଦେବା ଲାଗି ନ ଚାହିଁବ ?

**ପ୍ରାଧ୍ୟାପକ, ଦର୍ଶନଶାସ୍ତ୍ର, ୟେଲେ ବିଶ୍ୱବିଦ୍ୟାଳୟ**

# ଆଜିଠାରୁ ଆରମ୍ଭ ଭାରତର ଜି୨୦ ଅଧ୍ୟକ୍ଷତା



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପୂର୍ବରୁ ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ୧୭ଟି ରାଷ୍ଟ୍ର ଏହାର ଉଦ୍ଦେଶ୍ୟକୁ ସାକାର କରିବା ନିମନ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି- ବିଶେଷ କରି ସାମୂହିକ ଆର୍ଥିକ ସ୍ଥିରତା, ଅନ୍ତଃରାଷ୍ଟ୍ରୀୟ ଟିକସ ବ୍ୟବସ୍ଥାର ସୁସଂଗତୀକରଣ, ରାଷ୍ଟ୍ରମାନଙ୍କ ଋଣଭାର ଉପଶମ ସମେତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏଥିରେ ସାମିଲ। ଏହିସବୁ ସଫଳତାରୁ ଆମେ ସଭିଏଁ ଉପକୃତ ହେବୁ ଏବଂ ଏହି ଧାରାକୁ ଆଗେଇ ନେବୁ।

କିନ୍ତୁ, ଆଜି ଯେତେବେଳେ ଭାରତ ଏହି ଗୁରୁଦାୟିତ୍ୱ ବହନ କରୁଛି, ମୁଁ ନିଜକୁ ନିଜେ ପ୍ରଶ୍ନ କରୁଛି ଜି-୨୦କୁ ଆହୁରି ଆଗେଇ ନେଇ ହେବ କି ? ଆମେ କ'ଣ ମୌଳିକ ମାନସିକତାକୁ ଆହୁରି ତ୍ୱରାନ୍ୱିତ କରିବାରେ ଉତ୍ପ୍ରେରକ ଭୂମିକା ଗ୍ରହଣ କରିପାରିବା, ଯଦ୍ୱାରା ଏଥିରୁ ସମଗ୍ର ମାନବ ସମାଜ ସାମଗ୍ରିକ ଭାବେ ଉପକୃତ ହୋଇପାରିବ ? ମୋର ଦୃଢ଼ ବିଶ୍ୱାସ ଯେ ଆମେ ତାହା କରିପାରିବା।

ଆମର ମାନସିକତା ଆମ ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ହିଁ ଗଢ଼ାହୋଇଛି। ଯଦିଚ ସମଗ୍ର ଇତିହାସରେ ମାନବ ଜାତି ସଦାସର୍ବଦା ଅଭାବ ଭିତରେ ଜୀବନ ବଞ୍ଚିଆସିଛି। ଆମେ ସୀମିତ ସମ୍ବଳ ସକାଶେ ପରସ୍ପର ମଧ୍ୟରେ ଲଢ଼େଇ କରିଛୁ, କାରଣ ଅନ୍ୟମାନଙ୍କୁ ବଞ୍ଚିତ କରିବା ଉପରେ ଆମର ଜୀବନ ନିର୍ଭରଶୀଳ। ଚିନ୍ତାଧାରା, ଆଦର୍ଶ ଓ ପରିଚୟକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା ଏକ ଧାରା ପାଲଟିଛି।

ଦୁର୍ଭାଗ୍ୟର କଥା, ଆମେ ଆଜି ସୁଦ୍ଧା ସେହି ଅପରିବର୍ତ୍ତିତ ମାନସିକତା ମଧ୍ୟରେ ଆବଦ୍ଧ ହୋଇ ରହିଆସିଛୁ। ଆମେ ଦେଖିଛୁ ଯେତେବେଳେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ କୌଣସି ଭୂଖଣ୍ଡ କିମ୍ବା ସମ୍ପଦ ପାଇଁ ଲଢ଼େଇ ଚାଲେ। ଆମେ ଦେଖିଛୁ ଯେତେବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ। ପୁଣି ଆମେ ଦେଖୁ କିଛି ବ୍ୟକ୍ତିବିଶେଷଙ୍କ ନିକଟରେ ପ୍ରତିଷେଧକ ଟିକା ମହଜୁଦ ଥାଏ, ଯେତେବେଳେ କି କୋଟି କୋଟି ଲୋକ ଆପଦଗ୍ରସ୍ତ ଅବସ୍ଥାରେ ରହିଥା'ନ୍ତି।

କେହି କେହି ଯୁକ୍ତି ବାଢ଼ିପାରନ୍ତି ଯେ ବିବାଦ ଏବଂ ଲୋଭ ହେଉଛି ମଣିଷର ମୌଳିକ ସ୍ୱଭାବ। ମୁଁ ସେଭଳି ଯୁକ୍ତି ସହ ସହମତ ନୁହେଁ। ଯଦି ମଣିଷ ସ୍ୱଭାବତଃ ସ୍ୱାର୍ଥପର ହୋଇଥା'ନ୍ତା, ତେବେ ଏତେସବୁ ଆଧ୍ୟାତ୍ମିକ ପରମ୍ପରାରେ ଐକ୍ୟର ବାର୍ତ୍ତା କେମିତି ସମ୍ଭବ ହୋଇଥା'ନ୍ତା ?

ସେହିଭଳି ଗୋଟିଏ ପରମ୍ପରା, ଯାହାକି ଭାରତରେ ବେଶ୍ ଲୋକପ୍ରିୟ ଏବଂ ତାହା ହେଉଛି ସମସ୍ତ ଜୀବନ୍ତ ପ୍ରାଣୀ ଏପରି କି ନିର୍ଜୀବ ପଦାର୍ଥ, ସେହି ପାଞ୍ଚଗୋଟି ମୂଳ ତତ୍ତ୍ୱରୁ ହିଁ ଉତ୍ପନ୍ନ ଯାହାକୁ ଆମେ ପଞ୍ଚତତ୍ତ୍ୱ ବୋଲି କହୁ ଏବଂ ସେଗୁଡ଼ିକ ହେଲା – ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶ। ଏହି ସକଳ ତତ୍ତ୍ୱ ମଧ୍ୟରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା ଆମର ପାର୍ଥିବ, ସାମାଜିକ ଏବଂ ପାରିବେଶିକ ସୁସ୍ଥତା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ।

ଭାରତର ଜି-୨୦ ସଂଗଠନର ଅଧ୍ୟକ୍ଷତା ଏହି ସାର୍ବଜନୀନ ଏକତ୍ୱର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ। ତେଣୁ ଆମର ମୂଳ ପ୍ରସଙ୍ଗ ହେଉଛି ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ। ଏହା କେବଳ ଏକ ସ୍ଲୋଗାନ ନୁହେଁ। ଏହା ସମ୍ପ୍ରତି ମାନବୀୟ ପରିସ୍ଥିତିରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ପ୍ରଦର୍ଶିତ କରୁଛି, ଯାହାକୁ ଆମେ ସାମୂହିକ ଭାବେ ସ୍ୱୀକାର କରିବାରେ ବିଫଳ ହୋଇଛୁ।

ଆଜି, ଆମେ ବିଶ୍ୱର ସମସ୍ତ ମାନବ ସମାଜ ନିମନ୍ତେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ପାଇଁ ଉତ୍ପାଦନ କରିବା ଲାଗି ସକ୍ଷମ। ଆଜି, ଆମେ ନିଜର ବଞ୍ଚିରହିବାର ସ୍ଥିତି ନିମନ୍ତେ ଆଉ ସଂଘର୍ଷ କରିବାର କୌଣସି ଆବଶ୍ୟକତା ନାହିଁ। ଆମ ସମୟ ଏକ ଯୁଦ୍ଧର କାଳ ହେବା ଅନୁଚିତ। ଏହା ବାସ୍ତବ ସତ୍ୟ, ଏହା କଦାଚିତ୍ ହେବା ଉଚିତ ନୁହେଁ!

ଆଜି, ଆମେ ଯେଉଁ ବୃହତ୍ ବିପଦର ସାମ୍ନା କରୁଛୁ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ବୈଶ୍ୱିକ ମହାମାରୀ– ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହିଲେ ଏସବୁ ସମସ୍ୟାକୁ କଦାପି ସମାଧାନ କରିହେବ ନାହିଁ, ବରଂ ମିଳିତ ଭାବେ ସେସବୁର ମୁକାବିଲା କରିବା ଆବଶ୍ୟକ।

ସୌଭାଗ୍ୟର କଥା, ଆଜିର ପ୍ରଯୁକ୍ତିବିଦ୍ୟା ମଧ୍ୟ ସମଗ୍ର ମାନବ ଜାତି ପାଇଁ ଏହିସବୁ ସମସ୍ୟାର ମୁକାବିଲା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଛି। ଭର୍ଚୁଆଲ ଦୁନିଆରେ ଆମମାନଙ୍କ ଉପସ୍ଥିତି ଡିଜିଟାଲ୍ ପ୍ରଯୁକ୍ତିର ବିଶାଳ ଆକାରକୁ ପ୍ରଦର୍ଶିତ କରୁଛି।

ବିଶ୍ୱର ଏକ ଷଷ୍ଠାଂଶ ଲୋକଙ୍କ ନିବାସସ୍ଥଳୀ, ତାହା ପୁଣି ବ୍ୟାପକ ଭାଷା, ଧର୍ମ, ପରମ୍ପରା ଓ ବିଶ୍ୱାସଗତ ବିଭିନ୍ନତା ସତ୍ତ୍ୱେ ; ସେହି ଦୃଷ୍ଟିରୁ ବିଚାର କଲେ ଭାରତ ହେଉଛି ଏକ କ୍ଷୁଦ୍ର ବିଶ୍ୱ। ସାମୂହିକ ନିଷ୍ପତ୍ତି ଗ୍ରହଣର ପ୍ରାଚୀନତମ ପରମ୍ପରା ହେଉଛି ଗଣତନ୍ତ୍ରର ମୌଳିକ ଡିଏନ୍‌ଏକୁ ଭାରତର ଅବଦାନ। ଗଣତନ୍ତ୍ରର ଜନନୀଭାବେ, ଭାରତର ରାଷ୍ଟ୍ରୀୟ ସହମତି କୌଣସି ଆଦେଶ ବଳରେ ନୁହେଁ, ବରଂ କୋଟି କୋଟି ନାଗରିକଙ୍କ ମୁକ୍ତ କଣ୍ଠରୁ ନିଃସୃତ ସ୍ୱର ହିଁ ଏହାର ସ୍ୱରୂପ।

ଆଜି, ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ଭାରତ ହେଉଛି ବିଶ୍ୱର ବିଶାଳତମ ରାଷ୍ଟ୍ର। ଆମର ନାଗରିକ କୈନ୍ଦ୍ରିକ ସୁଶାସନର ମଡେଲ ସବୁଠାରୁ ଅବହେଳିତ ନାଗରିକଙ୍କର ମଧ୍ୟ ଯତ୍ନ ନିଏ ଓ ସେମାନଙ୍କୁ ସୁରକ୍ଷା ପ୍ରଦାନ କରେ। ଆଉ ମଧ୍ୟ ଏହା ଆମ ବିଚକ୍ଷଣ ବୁଦ୍ଧିମତ୍ତାଯୁକ୍ତ ଯୁବଗୋଷ୍ଠୀଙ୍କ ସୃଜନଶୀଳତାର ପରିପ୍ରକାଶ ପାଇଁ ଯତ୍ନବାନ୍ ହୋଇଥାଏ।

ଆମେ କେତେବେଳେ ଉପରୁ ତଳ ଶାସନ ବ୍ୟବସ୍ଥା ଜରିଆରେ ରାଷ୍ଟ୍ରୀୟ ବିକାଶର ପରିକଳ୍ପନା କରିନାହୁଁ ବରଂ ଏହା ସର୍ବଦା ଏକ ନାଗରିକ ନେତୃତ୍ୱାଧୀନ 'ଜନ ଆନ୍ଦୋଳନ'। ଜନସାଧାରଣଙ୍କ ପାଇଁ ଡିଜିଟାଲ୍ ଉତ୍ପାଦ ସୃଷ୍ଟି କରିବାରେ ଆମେ ସଦାବେଳେ ପ୍ରଯୁକ୍ତିକୁ ପ୍ରାଧାନ୍ୟ ଦେଇଆସିଛୁ ଏବଂ ତାହା ମୁକ୍ତ ଓ ସମାବେଶୀ। ସାମାଜିକ ସୁରକ୍ଷା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଇଲେକ୍ଟ୍ରୋନିକ ପେମେଣ୍ଟ ଭଳି ବିଭିନ୍ନ କ୍ଷେତ୍ରରେ ତାହା ବୈପ୍ଳବିକ ପ୍ରଗତି ହାସଲ କରିବା ସହିତ ଲୋକମାନଙ୍କୁ ଏହାର ସୁଫଳ ପ୍ରଦାନ କରିଛି। ଏହିସବୁ କାରଣ ଯୋଗୁ, ଭାରତର ଅନୁଭୂତି ବୈଶ୍ୱିକ ସମସ୍ୟାବଳୀର ସମାଧାନ ନିମନ୍ତେ ଉପାୟ ବାହାର କରିବାରେ ସହାୟକ ହୋଇପାରିବ।

ଜି-୨୦ ଅଧ୍ୟକ୍ଷତା ଅବଧି ମଧ୍ୟରେ, ଆମେ ଭାରତର ସ୍ୱକୀୟ ଅନୁଭୂତି, ଅଧ୍ୟୟନ ଏବଂ ମଡେଲଗୁଡ଼ିକୁ ଅନ୍ୟମାନଙ୍କ ପାଇଁ, ବିଶେଷ କରି ବିକାଶଶୀଳ ରାଷ୍ଟ୍ରମାନଙ୍କ ଲାଗି ଉଦାହରଣ ଭାବେ ଉପସ୍ଥାପନ କରିବୁ।

ଜି-୨୦ରେ ଆମର ଅଗ୍ରାଧିକାର କେବଳ ଜି-୨୦ ସହଯୋଗୀ ରାଷ୍ଟ୍ରଙ୍କ ସହିତ ବିଚାରବିମର୍ଶ ଭିତ୍ତିରେ ନୁହେଁ ବରଂ ଆମର ସହଗାମୀ ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ର, ଯେଉଁମାନଙ୍କ ସ୍ୱର ପ୍ରାୟତଃ କର୍ଣ୍ଣଗୋଚର ହୋଇ ନ ଥାଏ, ସେମାନଙ୍କୁ ମଧ୍ୟ ଏଥିରେ ସାମିଲ କରିବୁ।

ଆମେ 'ଏକ ବିଶ୍ୱ'ର ସମସ୍ୟା ସମାଧାନ ଉପରେ ଅଗ୍ରାଧିକାର ପ୍ରଦାନ କରିବୁ। ଏଥି ସହିତ ଆମର 'ଏକ ପରିବାର' ଭିତରେ ସମନ୍ୱୟ ରକ୍ଷାପୂର୍ବକ ଭବିଷ୍ୟତ ଆଶା ଚରିତାର୍ଥ କରିବୁ। ବିଶ୍ୱର ଅସୁସ୍ଥତାକୁ ଦୂର କରିବା ନିମନ୍ତେ ଆମେ ପୋଷଣୀୟ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବୁ ଯାହାକି ପ୍ରକୃତି ପ୍ରତି ଭାରତର 'ପ୍ରତିବଦ୍ଧତା' ଆଧାରରେ ହେବ।

ମାନବୀୟ ପରିବାର ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆମେ ବୈଶ୍ୱିକ ଖାଦ୍ୟ, ସାର ଏବଂ ଔଷଧୀୟ ଉତ୍ପାଦ ଯୋଗାଣକୁ ରାଜନୀତିମୁକ୍ତ ରଖିବା ନିମନ୍ତେ ଆହ୍ୱାନ ଜଣାଇବୁ ଯଦ୍ୱାରା ଭୂ-ରାଜନୈତିକ କାରଣରୁ ମାନବୀୟ ସଙ୍କଟ ଉପନୀତ ହେବନାହିଁ। ଆମ ନିଜ ପରିବାର ଭଳି, ଯାହାର ଆବଶ୍ୟକତା ସର୍ବାଧିକ ତାଙ୍କ ପ୍ରତି ଯେଉଁଭଳି ଆମେ ପ୍ରଥମେ ଚିନ୍ତା କରିଥାଉ, ତାହାର ଅନୁରୂପ ପ୍ରଦର୍ଶନ ପାଇଁ ଆମେ ପ୍ରୟାସୀ ହେବୁ।

ଆମର ଭବିଷ୍ୟତ ବଂଶଧରମାନଙ୍କ ମନରେ ଆଶା ସଂଚାରିବା ନିମନ୍ତେ ଗଣବିଧ୍ୱଂସୀ ମାରଣାସ୍ତ୍ର ଏବଂ ବୈଶ୍ୱିକ ନିରାପତ୍ତା ପ୍ରତି ଉପୁନ୍ନ ବିପଦର ଆଶଙ୍କାକୁ ଦୂର କରିବା ଲାଗି ଆମେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଆପୋସ ଆଲୋଚନା କରିବା ପାଇଁ ପ୍ରୋତ୍ସାହିତ କରିବୁ।

ଭାରତର ଜି-୨୦ କାର୍ଯ୍ୟସୂଚୀ ହେବ ସମାବେଶୀ, ଆକାଂକ୍ଷୀ, କ୍ରିୟାଶୀଳ ଓ ନିଷ୍ପତ୍ତି ଭିତ୍ତିକ। ଆସନ୍ତୁ, ଭାରତର ଜି-୨୦ ଅଧ୍ୟକ୍ଷତାକୁ ଉପଶମ, ସମନ୍ୱୟ ଓ ଆଶାର ଅଧ୍ୟକ୍ଷତାରେ ପରିଣତ କରିବା ନିମନ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା।

ଆସନ୍ତୁ, ଏକ ମାନବକୈନ୍ଦ୍ରିକ ଜଗତୀକରଣର ନୂତନ ଆଦର୍ଶକୁ ରୂପ ପ୍ରଦାନ କରିବା ନିମନ୍ତେ ପରସ୍ପର ସହ ହାତ ମିଳାଇ କାର୍ଯ୍ୟ କରିବା।

## sudoku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | 4 | | | |
| | | | | 7 | | 1 | | |
| 4 | 5 | 2 | | | | | | |
| | | | | 3 | 8 | 6 | | |
| | 1 | 4 | 7 | | | | | 5 |
| | | | | | | 3 | | |
| | 9 | 7 | 3 | | | | | |
| 5 | 6 | | | | | | | 2 |
| | | | | 1 | 5 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 4 | 5 | 2 | 9 | 6 | 1 |
| 2 | 9 | 1 | 6 | 7 | 8 | 5 | 3 | 4 |
| 6 | 5 | 4 | 9 | 1 | 3 | 2 | 8 | 7 |
| 8 | 2 | 7 | 3 | 9 | 4 | 6 | 1 | 5 |
| 4 | 3 | 9 | 5 | 6 | 1 | 8 | 7 | 2 |
| 1 | 6 | 5 | 2 | 8 | 7 | 3 | 4 | 9 |
| 3 | 4 | 8 | 1 | 2 | 9 | 7 | 5 | 6 |
| 9 | 1 | 6 | 7 | 3 | 5 | 4 | 2 | 8 |
| 5 | 7 | 2 | 8 | 4 | 6 | 1 | 9 | 3 |

ଗତକାଲିର ଉତ୍ତର

# କ୍ୟାମ୍ପସ୍‌ରେ ଜଙ୍କ୍‌ଫୁଡ୍ ମନା



ଡା. ପ୍ରଫୁଲ୍ଲ କୁମାର ଦାସ

ବିଦ୍ୟାଳୟ ପରେ ଏବେ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ବନ୍ଦ ହେବ ଜଙ୍କ୍‌ଫୁଡ୍। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍‌ରେ ଜଙ୍କ୍‌ଫୁଡ୍ ପ୍ରସ୍ତୁତ କିମ୍ବା ବିକ୍ରୟ ଉପରେ ରୋକ ଲଗାଯାଇଛି। ଏଥିସହ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଏ ବିଷୟରେ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶର ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛି। ଏନେଇ ସ୍ୱତନ୍ତ୍ର ଗାଇଡଲାଇନ୍ ମଧ୍ୟ ଜାରି ହୋଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ କ୍ୟାମ୍ପସ୍‌ରେ ଏ ବିଷୟରେ ସଚେତନ କରିବା ସହ ଅଧୀନରେ ଥିବା କଲେଜଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦେବାକୁ କୁହାଯାଇଛି।

ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତରେ ଲିଭରଜନିତ ଯାବତୀୟ ସମସ୍ୟା, ଡାଇବେଟିସ୍, ହାଇପରଟେନ୍‌ସନ, ଡାଇସ୍ଲିପିଡେମିଆ ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପାଇଁ ଚିନ୍ତାର ବିଷୟ ପାଲଟିଛି। ମନ୍ତ୍ରାଳୟ ପକ୍ଷରୁ ସାରା ଦେଶରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ୧୦ରୁ ୨୦ ବର୍ଷ ବୟସରେ ପିଲାମାନେ ଅତ୍ୟଧିକ ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ଏଭଳି ରୋଗରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ମନ୍ତ୍ରାଳୟ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ମିଳିତ ଭାବେ ଜଙ୍କ୍‌ଫୁଡ୍ ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ୨୦୧୨ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବା ପରେ କାଉନ୍‌ସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ ପ୍ରଥମେ ୨୦୧୨ରେ ନିୟମକୁ ଲାଗୁ କରିଥିଲା। ଚଳିତବର୍ଷ ଆରମ୍ଭରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ଏବେ ୟୁଜିସି ପକ୍ଷରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜଙ୍କ୍‌ଫୁଡ୍ ବାରଣ ହୋଇଛି। ୟୁଜିସି ପକ୍ଷରୁ କୁହାଯାଇଛି ଯେ ଜଙ୍କ୍‌ଫୁଡ୍ ବଦଳରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପ୍ରସ୍ତୁତ



ଉପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ପିଲାଙ୍କ ପାଇଁ ଏଭଳି ଖାଦ୍ୟ ପ୍ରସ୍ତୁତ କରାଯିବ ଯାହା ସେମାନଙ୍କ ମାନସିକତାରେ ବିକାଶ ଆଣିପାରିବ। ଜଙ୍କ୍‌ଫୁଡ୍ ସମ୍ପର୍କରେ ପିଲାଙ୍କୁ ଅବଗତ ଏବଂ ସଚେତନ କରିବା ଲାଗି କ୍ୟାମ୍ପସ୍‌ରେ କାର୍ଯ୍ୟକ୍ରମ କରାଯିବ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ବୋର୍ଡରେ ଲଗାଇବେ। କେଉଁ ବୟସରେ କେତେ ଓଜନ ହେବା ଆବଶ୍ୟକ, ଶରୀରର ଉଚ୍ଚତା, ଅଣ୍ଟାର ଗୋଲେଇ କେତେ ରହିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବେ। ଅଧ୍ୟାପକ ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଇବାକୁ କୁହାଯାଇଛି। ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ କ୍ୟାମ୍ପସରେ କାଉନ୍‌ସେଲିଂ କରାଯିବ। ପିଲାମାନେ କିଭଳି ଉପଯୁକ୍ତ ନ୍ୟୁଟ୍ରେଶନ, ବ୍ୟାୟାମ, ଉତ୍ତମ ସ୍ୱାସ୍ଥ୍ୟ ରଖିପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଶାରୀରିକ ବ୍ୟାୟାମ ପାଇଁ କ୍ୟାମ୍ପସରେ ବ୍ୟବସ୍ଥା କରିବା ଦିଗରେ ଏସ୍‌ଡବ୍ଲ୍ୟୁଡି ପଦକ୍ଷେପ ନେବେ। ଗାଇଡ୍‌ଲାଇନ ଜାରି ହୋଇଥିଲେ ମଧ୍ୟ କେଉଁ ଖାଦ୍ୟ କ୍ୟାମ୍ପସ୍‌ରେ ବନ୍ଦ କରାଯିବ ସେନେଇ କିଛି କୁହାଯାଇ ନାହିଁ। ଯେଉଁଥିପାଇଁ କିଛି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଧ୍ୟାତ୍ମିକ ଖାଦ୍ୟ ବା ଶିକ୍ଷାୟତନରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଖାଦ୍ୟ ପ୍ରଦାନରେ ଭାରତର ପ୍ରାଚୀନ ଆଧ୍ୟାତ୍ମିକ ଓ ସ୍ୱାସ୍ଥ୍ୟଭିତ୍ତିକ ଆଲୋଚନାରେ ଉଲ୍ଲେଖ ରହିଛି ସର୍ବଦା ଆଧ୍ୟାତ୍ମିକ ଓ ସାତ୍ତ୍ୱିକ ଖାଦ୍ୟ ଉପରେ ଗୁରୁତ୍ୱ ଦେବା। ଯାହାକି ଆଜିର ସମୟରେ ଯୁଗୋପଯୋଗୀ ଓ ଚିନ୍ତାର ପ୍ରସଙ୍ଗ। ଶିକ୍ଷାୟତନ ପରିସର ଭିତରେ ଆଧ୍ୟାତ୍ମିକ ଖାଦ୍ୟ ଅନୁଚିନ୍ତନ ନିଶ୍ଚିତ ଭାବରେ ଆମ ସଂସ୍କୃତି ଓ ଆଧ୍ୟାତ୍ମିକ ବିଭବକୁ ଅନୁପ୍ରାଣିତ କରୁଛି। ଏହା ନିଃସନ୍ଦେହ ଯେ, ସରକାରଙ୍କ ଦୂରଦୃଷ୍ଟି ପୂର୍ବରୁ ଆମେ ଜଣେ ଅଭିଭାବକ ହିସାବରେ ଏ ଦିଗକୁ ଚିନ୍ତା କରିବା କଥା। ଓଡ଼ିଶା ରାଜ୍ୟ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ସ୍ୱାସ୍ଥ୍ୟଭିତ୍ତିକ ଚିନ୍ତାଧାରାକୁ ସବୁ ମହଲରେ ସ୍ୱାଗତ କରାଯାଉଛି। ଯାହାଦ୍ୱାରା ପିଲାମାନେ ଏକ ସାତ୍ତ୍ୱିକ ଓ ଆଧ୍ୟାତ୍ମିକଯୁକ୍ତ ଖାଦ୍ୟ ଖାଇବା ପାଇଁ ଚିନ୍ତା ଓ ଭାବନା ରଖିବେ। ଆମ ଖାଦ୍ୟ ଓ ଚିନ୍ତନକୁ ଅନୁପ୍ରାଣିତ କରିବା ପାଇଁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ଆଜିର ସମୟରେ ଯେହେତୁ ଅନୁଚିନ୍ତନ ହେଉଛି ଏହା ଯେ ଖାଦ୍ୟକୁ ନେଇ ଚରିତ୍ର ଓ ଚିନ୍ତନ, ତେଣୁ ଆମ ସମସ୍ତଙ୍କ ଭିତରେ ଜଙ୍କ୍‌ଫୁଡ୍ ସହ ସବୁ ପ୍ରକାର ଖାଦ୍ୟ ଉପରେ ଆଧ୍ୟାତ୍ମିକ ଅନୁଚିନ୍ତନ ସୃଷ୍ଟି ହେବା ଦରକାର।

**ମୋ-୯୪୩୭୦୨୩୪୪୩**

## ଏଇ ଭାରତରେ

ବ୍ୟକ୍ତି ଚାହିଁଲେ ନିଜେ ଶିକ୍ଷିତ ହେବା ସହ ସମାଜର ବହୁ କଲ୍ୟାଣ କରିପାରିବେ, ଯାହା କରୁଛନ୍ତି ଉତ୍ତରପ୍ରଦେଶର ବ୍ରିଜେଶ ଓ ସଞ୍ଜୟ। ସହରରେ ପଢ଼ା ଶେଷ କରି ଚାକିରି ଅନ୍ୱେଷଣ କରିବା ପରିବର୍ତ୍ତେ ଏହି ଦୁଇ ସାଙ୍ଗ ସୋନଭଦ୍ର ଫେରି ଗରିବ ପିଲାମାନଙ୍କୁ ପଢାଉଛନ୍ତି। ସେମାନେ ଏକ କୋଚିଂ କ୍ଲାସ ଖୋଲିଛନ୍ତି, ଯେଉଁଠି ପଢ଼ା ଦେୟ ଯିଏ ଯାହା ଦେଉଛନ୍ତି ତାହାକୁ ଗ୍ରହଣ କରୁଛନ୍ତି। କେହି ଦେୟ ଦେଇ ନ ପାରିଲେ ସେଥିପାଇଁ କାହାକୁ ବାଧ୍ୟ କରୁନାହାନ୍ତି। ସେମାନେ ବିଗତ ତିନି ବର୍ଷ ହେଲା ପିଲାଙ୍କୁ ଇଂଲିଶ, ଗଣିତ ଓ ବିଜ୍ଞାନ ପଢାଉଛନ୍ତି। ଏବେ ସୁଦ୍ଧା ୬୦୦ ପିଲାଙ୍କୁ ପଢାଇସାରିଲେଣି। କେବଳ ଏତିକି ନୁହେଁ ପାଠ ଛାଡ଼ି ଦେଇଥିବା ପିଲାମାନଙ୍କୁ ଏହି ଦୁଇ ବନ୍ଧୁ ପୁଣି ଶିକ୍ଷା ଧାରାରେ ସାମିଲ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୯୭

- ତାମିଲ ଉଗ୍ରପନ୍ଥୀଙ୍କ ସହ ସମ୍ପର୍କ ଥିବା ସନ୍ଦେହ କରି ଭାରତୀୟ ମହିଳା ସାମ୍ବାଦିକ ସୁଧା ରାମଚନ୍ଦ୍ରନଙ୍କୁ ଶ୍ରୀଲଙ୍କା ପୋଲିସର ଜେରା।
- କେନ୍ଦ୍ରରେ ସରକାର ଗଠନ ଲାଗି ବିଜେପି ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ରାଷ୍ଟ୍ରପତିଙ୍କ ପାଖରେ ଦାବି ଉପସ୍ଥାପନ।
- ଦିଲ୍ଲୀ ନଗରୀରେ ଚାଲୁ ରହିଥିବା ବସ୍ ଧର୍ମଘଟକୁ ଦମନ କରିବା ପରିପ୍ରେକ୍ଷୀରେ ପାଞ୍ଚଶହ ବ୍ଲୁ ଲାଇନ ବସ ମାଲିକ ଗିରଫ।

## ଚିରନ୍ତନୀ

ଭେଦି ସିନ୍ଧୁ ଗରଜନ
କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ
କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ।
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜନଔଷଧି କେନ୍ଦ୍ରର ଔଷଧ ଡାକ୍ତର ଲେଖୁନାହାନ୍ତି

ମହାଶୟ,

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଭାରତର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ନାମରେ ଔଷଧ ଦୋକାନମାନ ଖୋଲିଛି। କିନ୍ତୁ ଡାକ୍ତରମାନେ ଏଠାରେ ଉପଲବ୍ଧ ଔଷଧ ପ୍ରେସ୍‌କ୍ରିପ୍‌ଶନରେ ଲେଖୁନାହାନ୍ତି। ଏଠାର ଔଷଧ ଦାମ୍ ବାହାରେ ମିଳୁଥିବା ସେହି କମ୍ପୋଜିସନ ଔଷଧର ଦାମ୍‌ର ଅଧା। ତେଣୁ ଏହି ଔଷଧ କାମ କରିବ ନାହିଁ ବୋଲି ଲୋକଙ୍କ ମନରେ ସନ୍ଦେହ ଆସୁଛି। ଅନ୍ୟ ପକ୍ଷରେ ଡାକ୍ତରମାନେ ଜନଔଷଧି କେନ୍ଦ୍ରରେ ମିଳୁଥିବା ଔଷଧ ଲେଖୁ ନଥିବାରୁ ତାହା ପ୍ରତି ଲୋକଙ୍କ ସନ୍ଦେହ ଆହୁରି ବଢିଯାଉଛି। ଯଦି ଡାକ୍ତରମାନେ ସେହି ଔଷଧ ଲେଖନ୍ତେ ତେବେ ଭଲ ହୁଅନ୍ତା।

**କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପର୍ଦ୍ଦା ଘେରରେ ସାକ୍ଷ୍ୟ ଗ୍ରହଣ

**ମମିତା ମେହେର ହତ୍ୟା ମାମଲା**

■ **ଧମକ ଦିଆଯିବା ନେଇ ସାକ୍ଷୀ କଲେ ଅଭିଯୋଗ**

ବଲାଙ୍ଗୀର ଅଫିସ,୩୦।୧୧–ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଚାଲିଥିବା ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ପ୍ରକ୍ରିୟାରେ ବୁଧବାର ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଥିଲା। ଏହି ମାମଲାର ଜଣେ ସାକ୍ଷୀଙ୍କୁ କେତେଜଣ ବ୍ୟକ୍ତି ଧମକ ଦେଇଥିବା ନେଇ ସାକ୍ଷୀ ନିଜେ ଅଭିଯୋଗ କରିଛନ୍ତି। ଏହାପରେ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ହିମାଂଶୁ ଶେଖର ମଲ୍ଲିକଙ୍କ ନିର୍ଦ୍ଦେଶରେ ବୁଧବାର ପର୍ଦ୍ଦା ଘେରରେ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ଜଣାପଡିଛି। କୋର୍ଟ ଭିତରେ ପର୍ଦ୍ଦା ଘେରରେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବା ଆଲୋଚନାର ବିଷୟ ହୋଇଛି।

ମିଳିଥିବା ସୂଚନା ମୁତାବକ, ବୁଧବାର ଦିନ ମମିତା ମେହେର ହତ୍ୟା ମାମଲାର ଶୁଣାଣିରେ ୯ ନମ୍ବର ସାକ୍ଷୀ ଭାବେ କଳାହାଣ୍ଡି ଜିଲା ମହାଲିଙ୍ଗ ଗ୍ରାମର ଗୁର୍ଦ୍ଧୁ ହରିଜନ ନାମକ ଜଣେ ବ୍ୟକ୍ତି ଏଡିଜେ କୋର୍ଟରେ ହାଜର ହୋଇଥିଲେ। ଶୁଣାଣି ସମୟରେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ମଧ୍ୟ ହାଜର କରାଯାଇଥିଲା। କିନ୍ତୁ ସାକ୍ଷୀଙ୍କ ବୟାନ ରେକର୍ଡ ହେବା ପୂର୍ବରୁ ସାକ୍ଷୀ ହରିଜନ ଏଡିଜେଙ୍କୁ ଏକ ଦରଖାସ୍ତ ଦେଇଥିଲେ । ମଙ୍ଗଳବାର ଦିନ ତାଙ୍କୁ କେତେଜଣ ବ୍ୟକ୍ତି ଅଭିଯୁକ୍ତ ଗୋବିନ୍ଦଙ୍କ ବିରୋଧରେ ସାକ୍ଷ୍ୟ ଦେଲେ ଅସୁବିଧା ହେବ ବୋଲି ଧମକ ଦେଇଥିବା ନେଇ ସେ ଏଥିରେ ଏଡିଜେଙ୍କୁ ଲିଖିତ ଭାବେ ଜଣାଇଥିଲେ। ସାକ୍ଷୀଙ୍କ ଠାରୁ ଏଭଳି ଅଭିଯୋଗ ପାଇବା ପରେ ଏଡିଜେଙ୍କ ନିର୍ଦ୍ଦେଶକ୍ରମେ କୋର୍ଟ ଭିତରେ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସାକ୍ଷୀ ହରିଜନଙ୍କ ମଧ୍ୟରେ ଏକ ପର୍ଦ୍ଦା ଲଗାଯାଇଥିଲା। ଉଭୟ ସାକ୍ଷୀ ଓ ଅଭିଯୁକ୍ତ ପରସ୍ପରକୁ ଯେଭଳି ଦେଖି ପାରିବେ ନାହିଁ ସେଭଳି ଭାବେ ବ୍ୟବସ୍ଥା କରାଯାଇଥିଲା। ଏହାପରେ ସାକ୍ଷୀ ହରିଜନଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ମହାଲିଙ୍ଗସ୍ଥିତ ଷ୍ଟାଡିୟମ ଭିତରେ ମମିତାଙ୍କ ମୃତଦେହକୁ ପୋତାଯାଇଥିବା ନେଇ ପୋଲିସ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ସେହି ସ୍ଥାନକୁ ଖୋଳାଯାଇ ସେଠାରୁ ପୋଲିସ କିଛି ପ୍ରମାଣ ସଂଗ୍ରହ କରିଥିବା କୁହାଯାଇଥିଲା। ଏହି ଘଟଣାରେ ସିଜର ସାକ୍ଷୀ ଭାବେ ମହାଲିଙ୍ଗ ଗ୍ରାମର ଗୁର୍ଦ୍ଧୁ ହରିଜନଙ୍କ ଠାରୁ କୋର୍ଟରେ ବୟାନ ରେକର୍ଡ କରାଯାଇଥିଲା। ଜଣେ ସାକ୍ଷୀଙ୍କୁ ଧମକ ଦିଆଯାଇଥିବା ନେଇ ଅଭିଯୋଗ ହେବା ଏବଂ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ପର୍ଦ୍ଦା ଘେରରେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବା ଘଟଣା ଏଠାରେ ଆଲୋଚନାର ବିଷୟ ହୋଇଛି।

# ନ୍ୟାୟ ପାଇଁ ବିଧାନସଭା ଘେରାଉ ଉଦ୍ୟମ



ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ସଦସ୍ୟଙ୍କୁ ପୋଲିସ ଉଠାଇ ନେଉଛି।

**ରୁଚିକା ଆତ୍ମହତ୍ୟା ମାମଲା**

■ **ଆନ୍ଦୋଳନକାରୀ-ପୋଲିସ ଧସ୍ତାଧସ୍ତି**

■ **ରୁଚିକାଙ୍କ ମା', ଏନ୍‌ୱାଇଏସ୍‌ସି ସଦସ୍ୟଙ୍କୁ ଉଠାଇନେଲା ପୋଲିସ**

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସରେ ରହୁଥିବା ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣାରେ କମିଶନରେଟ ପୋଲିସ ଚୁପ ବସିଛି। ରାଗିଂରୁ ଏହି ଘଟଣା ଘଟିଥିବା ଓ ୩ ସିନିୟର ଛାତ୍ରୀଙ୍କ ସମ୍ପୃକ୍ତି ଥିବା ଜବତ ସୁଇସାଇଡ୍ ନୋଟରେ ସ୍ପଷ୍ଟ ହୋଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୫ମାସ ବିତିଯାଇଥିଲେ ବି ପୋଲିସ ସମ୍ପୃକ୍ତ ସିନିୟର ଛାତ୍ରୀଙ୍କୁ ଧରିପାରିନାହିଁ। ଏହି ଘଟଣାରେ ନ୍ୟାୟ ପାଇଁ ବୁଧବାର ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ (ଏନ୍‌ୱାଇସିଏସ୍) ସଦସ୍ୟମାନେ ରୁଚିକାଙ୍କ ମା' ବିଦ୍ୟୁତପ୍ରଭାଙ୍କ ସହ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କଲାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା।

ପୂର୍ବାହ୍ନରେ ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ 'ଏନ୍‌ୱାଇସିଏସ୍'ର ଶତାଧିକ ସଦସ୍ୟ ବିଧାନସଭା ଘେରାଉ କରିବାକୁ ଚାରିପଟୁ ଛକି ରହିଥିଲେ। ବିଦ୍ୟୁତପ୍ରଭା ଏବଂ 'ଏନ୍‌ୱାଇସିଏସ୍'ର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଜୟଦେବ ଭବନ ପାଖରୁ ବାହାରି ସଚିବାଳୟ ମାର୍ଗ ନିକଟ ରାସ୍ତା ହୋଇ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। କିଛି ସମୟ ପାଇଁ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଘଟଣାସ୍ଥଳରୁ ସମସ୍ତଙ୍କୁ ପୋଲିସ ଉଠାଇ ନେଇଥିଲା। ଏ ନେଇ ବିଦ୍ୟୁତପ୍ରଭା କହିଛନ୍ତି, ପୋଲିସ କହୁଛି ନ୍ୟାୟ ଦେବ। କିନ୍ତୁ କେବେ ମୋ ଝିଅକୁ ନ୍ୟାୟ ମିଳିବ। ରୁଚିକାଙ୍କ ଭଳି ଏକାଧିକ ଛାତ୍ରୀଛାତ୍ର ରାଗିଂର ଶିକାର ହେଲେଣି। ସରକାର କାହିଁକି ନ୍ୟାୟ ଦେଉନାହାନ୍ତି। ପ୍ରଶାସନ କ'ଣ ପାଇଁ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏମ୍‌ଡି ମନୱର ଅଲ୍ଲୀ କହିଛନ୍ତି, ରୁଚିକା ଓ ରାଗିଂର ଶିକାର ହୋଇଥିବା ଅନ୍ୟମାନଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରି ରହିବ। ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ।

ସୂଚନାଯୋଗ୍ୟ, ରୁଚିକା ଗତ ଜୁଲାଇ ୨ରେ ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ଆଇପିଏସ୍ ଅଫିସର ହେବାର ସ୍ୱପ୍ନ ଦେଖୁଥିବା ମେଧାବୀ ଛାତ୍ରୀ ରୁଚିକା ରାଗିଂର ଶିକାର ହୋଇ ଏଭଳି ପଦକ୍ଷେପ ନେଇଥିଲେ। ବଡ଼ଗଡ଼ ଥାନା ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ ରୁଚିକାଙ୍କୁ ନ୍ୟାୟ ଦେବାକୁ ଅନେକ ଛାତ୍ର ସଙ୍ଗଠନ ଆଗେଇ ଆସିଥିଲେ। ୩ ସିନିୟରଙ୍କୁ ସାମ୍ନାକୁ ଅଣାଯାଉ ନ ଥିବାରୁ ରୁଚିକାଙ୍କ ମା', ପରିବାର ସଦସ୍ୟ ଓ ବିଭିନ୍ନ ଛାତ୍ର ସଙ୍ଗଠନର କର୍ମକର୍ତ୍ତା କଲେଜ ଫାଟକ ସାମ୍ନାରେ ଧାରଣା ଦେଇଥିଲେ। ତେବେ ୧୦ ଦିନ ପରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା।

# ଡିଜିଜିଆଇ ମୁଖ୍ୟ ହେଲେ ଓଡ଼ିଆ ଆଇଆର୍‌ଏସ୍ ଅଫିସର ସୁର୍‌ଜିତ



ନୂଆଦିଲ୍ଲୀ,୩୦।୧୧: ଓଡ଼ିଆ ଆର୍‌ଆର୍‌ଏସ୍ ଅଫିସର ସୁର୍‌ଜିତ ଭୁଜବଲଙ୍କୁ ଜିଏସ୍‌ଟି ଗୋଇନ୍ଦା ମହାନିର୍ଦ୍ଦେଶାଳୟ (ଡିଜିଜିଆଇ)ର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଶୀର୍ଷ ଗୋଇନ୍ଦା ସଂଗଠନ ରାଜସ୍ୱ ବିଭାଗରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମାଶୁଳ୍କ ବୋର୍ଡ ଅଧୀନରେ କାର୍ଯ୍ୟ କରୁଛି। ଡିଜିଜିଆଇ ମୁଖ୍ୟ ହେବାରେ ସୁର୍‌ଜିତ ପ୍ରଥମ ଓଡ଼ିଆ ଅଫିସର। ସର୍ବଭାରତୀୟ ସ୍ତରରେ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଓ ସୀମା ଶୁଳ୍କ ଫାଙ୍କି ସମ୍ପର୍କିତ ଗୋଇନ୍ଦା ତଥ୍ୟ ସଂଗ୍ରହ ଦିଗରେ ସେ କାର୍ଯ୍ୟ କରିବେ। ସୁର୍‌ଜିତ ହେଉଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ଆର୍.କେ. ଭୁଜବଲଙ୍କ ପୁଅ ଏବଂ ଅବସରପ୍ରାପ୍ତ ପୋଲିସ ଆଇଜି କୁଳମଣି ଦେଓଙ୍କ ଜ୍ୱାଇଁ। ଡିଜିଜିଆଇ ୧୯୮୩ରେ ପୂର୍ଣ୍ଣମାତ୍ରାରେ ନିର୍ଦ୍ଦେଶାଳୟ ଏବଂ ୧୯୮୮ରେ ମହାନିର୍ଦ୍ଦେଶାଳୟରେ ପରିବର୍ତ୍ତନ ହୋଇଥିଲା। ଟିକସ ଫାଙ୍କି ରୋକିବା ଦିଗରେ ଏହା ଶୀର୍ଷ ସଂଗଠନ ଭାବେ କାର୍ଯ୍ୟ କରିଥାଏ।

# ଅର୍ଚ୍ଚନାଙ୍କ ଜାମିନ୍ ଆବେଦନ ଖାରଜ

**ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ୍ ମାମଲା**

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ): ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲିଂ କରି ୩ କୋଟି ଟଙ୍କା ମାଗିବା ମାମଲାରେ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ଜାମିନ୍ ଆବେଦନକୁ ବୁଧବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି–୩ କୋର୍ଟ ଖାରଜ କରିଦେଇଛନ୍ତି। ନୟାପଲ୍ଲୀ ଥାନାର ମାମଲା ଆଧାରରେ ଅର୍ଚ୍ଚନାଙ୍କ ଓକିଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୮ ତାରିଖରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ବୁଧବାର କୋର୍ଟ ଅର୍ଚ୍ଚନାଙ୍କ ଜାମିନ୍ ଆବେଦନ ଖାରଜ କରିଦେଇଛନ୍ତି। ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି କରିଥିବା ମାମଲାରେ କୋର୍ଟ ଅର୍ଚ୍ଚନାଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ। ଏଥିଯୋଗୁ ଜେଲରୁ ଅର୍ଚ୍ଚନାଙ୍କ ମୁକୁଳିବା ଆଶା ମଉଳି ଯାଇଛି। ଅର୍ଚ୍ଚନାଙ୍କ ଓକିଲ କହିଛନ୍ତି, ଏହି ମାମଲାରେ ସେମାନେ ଉପର କୋର୍ଟଙ୍କ ଦ୍ୱାରସ୍ଥ ହେବେ।

ଅନ୍ୟପକ୍ଷରେ ଅର୍ଚ୍ଚନା କୋର୍ଟରେ ହାଜର ହେବା ପାଇଁ ଇଡି ଆବେଦନ କରିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ହାଜର କରାଯାଇ ନ ଥିଲା। ଅଧିକ ପଚରାଉଚରା ଲାଗି ଇଡି ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରି ନ ଥିବା ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ସହ ଖଗେଶ୍ୱର ୩୭ ଲକ୍ଷ ଟଙ୍କାର ବ୍ୟାଙ୍କ ଟ୍ରାଞ୍ଜାକ୍ସନ ନେଇ ଇଡି ପ୍ରମାଣ ପାଇଥିଲା। ତେଣୁ କେଉଁଠି ଓ କେତେ ଟଙ୍କା ବିନିଯୋଗ ହୋଇଛି ତାହାର ଖୋଳତାଡ଼ କରିବା ଲାଗି ଖଗେଶ୍ୱରଙ୍କ ସୁପ୍ରିମ ଅଟୋମୋବାଇଲର ସମସ୍ତ ଆର୍ଥିକ କାରବାର ବୁଝୁଥିବା ଅବିନାଶ ଓରଫ ଚନ୍ଦନଙ୍କୁ ଇଡି ସମନ କରିଥିଲା। ସମନ ପାଇ ଚନ୍ଦନ ବୁଧବାର କାର୍ଯ୍ୟାଳୟକୁ ଆସିଥିଲେ। ଇଡି ୧୦ ଘଣ୍ଟାରୁ ଅଧିକ ସମୟ ଧରି ତାଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିଛି। ସେହିପରି ଏହି ମାମଲାରେ ଇଡି ଏଯାବତ ୬ରୁ ଅଧିକ ବ୍ୟକ୍ତିଙ୍କୁ ଜେରା କରି ସାରିଲାଣି। ଇଡି ନୋଟିସ୍ କରିଥିବା ଆହୁରି ୧୦ ଜଣଙ୍କୁ ପଚରାଉଚରା କରିବା ପରେ ନାଗ ଦମ୍ପତି ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ମେକ୍ ଇନ୍ ଓଡ଼ିଶା ...

କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ସଂସ୍କୃତି ଓ ପରମ୍ପରା ସହିତ ବିଭିନ୍ନ କଳାକୌଶଳ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍. ଭିନିଲ୍‌କ୍ରିଷ୍ଣା, ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ପୂର୍ବତନ ଡିଜି ଅଭୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠୀଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି କନ୍‌କ୍ଲେଭକୁ ଉଦ୍‌ଘାଟନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ (ଫିକି) ଜାତୀୟ କାର୍ଯ୍ୟନିର୍ବାହୀ ପରିଷଦକୁ ସମ୍ବୋଧନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଏକ ହବ୍‌ରେ ପରିଣତ ହୋଇଛି। ମିଶନ ଶକ୍ତି ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କ ସଶକ୍ତୀକରଣ ପାଇଁ କାର୍ଯ୍ୟ କରୁଛନ୍ତି। ମିଶନ ଶକ୍ତି ଜରିଆରେ ରାଜ୍ୟରେ ଆଦର୍ଶ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ତୃଣମୂଳସ୍ତରରୁ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ସହ ସେମାନଙ୍କୁ ତାଲିମ ଦେଇ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ 'ଫିକି' ସମସ୍ତ ପ୍ରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଫିକି' ସହ ଓଡ଼ିଶା ସରକାରଙ୍କ ଉତ୍ତମ ସମ୍ପର୍କ ରହିଆସିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଅଧିକ ସଫଳ କରିବାରେ 'ଫିକି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାକୁ ଶିଳ୍ପ ମହାନାୟକମାନଙ୍କୁ ଆକୃଷ୍ଟ କରିବା ଦିଗରେ ଫିକି ସମସ୍ତ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ଅଧିକ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟର ଅଭିବୃଦ୍ଧି ପାଇଁ ଆଗାମୀ ଦିନରେ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ୧୧,୭୦୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ପ୍ରାୟ ୬ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

## ରାସ୍ତାରୁ ହଟିବ ...

ଦିଆଯାଇ ନ ଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ବୁଧବାର ବିଧାନସଭାରେ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ମନ୍ତ୍ରୀ କହିଥିଲେ, ସମୁଦାୟ ୧୨ଟି ବିଭାଗର ୧୭ଟି ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ଲାଭ କରିଛି।

## ପୁଞ୍ଜିନିବେଶକାରୀଙ୍କ ପାଇଁ ...

ଦୀର୍ଘମିଆଦୀ ପର୍ଯ୍ୟଟନ ବିକାଶ କରିବା ନେଇ ବ୍ୟବସ୍ଥା ହୋଇଛି। ରାଜ୍ୟରେ ବିମାନ ସେବାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି କ୍ଷେତ୍ରରେ ରାଜ୍ୟକୁ ଅଧିକ ପୁଞ୍ଜି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ବିମାନ ଚଳାଚଳ ନୀତି ଆଣିଛନ୍ତି। ଏହାକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଆଞ୍ଚଳିକ, ଘରୋଇ ତଥା ଆନ୍ତର୍ଜାତିକ ବିମାନ ସଂଯୋଗକୁ ସୁଦୃଢ଼ କରିବା ସହ ରାଜ୍ୟରେ ଉତ୍ତମ ବ୍ୟବସାୟିକ ଓ ନିଯୁକ୍ତି ପରିବେଶ ସୃଷ୍ଟି କରିବ। ଏହା ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ବେସାମରିକ ବିମାନ ସେବା କ୍ଷେତ୍ରକୁ ପ୍ରଶସ୍ତ କରିବ। ଏଥିସହିତ ବିମାନବନ୍ଦର ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବ। ଏହି ନୀତି ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ୫ ବର୍ଷ ପାଇଁ ବଳବତ୍ତର ରହିବ। ଓଡ଼ିଶା ଅକ୍ଷୟ ଶକ୍ତି ନୀତି–୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହି ନୀତି ଜରିଆରେ ୨୦୩୦ ସୁଦ୍ଧା ରାଜ୍ୟରେ ବିଭିନ୍ନ ଉତ୍ସରୁ ପ୍ରାୟ ୧୧ ହଜାର ମେଗାୱାଟ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ପୋଷାକ ଓ ବୈଷୟିକ ବୟନଶିଳ୍ପ ନୀତି–୨୦୨୨ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି। ଏହି ନୀତି ଓଡ଼ିଶାରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସହାୟକ ହେବ। ଏହି ନୀତିରେ ପୁଞ୍ଜି ବିନିଯୋଗ ସହାୟତା, ନିଯୁକ୍ତି ସହାୟତା ତଥା ବଜାର ବିକାଶ ସହାୟତା ନିମନ୍ତେ ପ୍ରୋତ୍ସାହନ ବ୍ୟବସ୍ଥା ରଖାଯାଇଛି।

ଓଡ଼ିଶାରେ ସଂଯୋଜନ କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ଲଜିଷ୍ଟିକ ପଲିସି–୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହା ବାଣିଜ୍ୟ ପାଇଁ ଉପଯୁକ୍ତ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଯୋଗାଣ ଶୃଙ୍ଖଳକୁ ମଧ୍ୟ ମଜଭୁତ କରିବ। ଏଥିରେ ସବୁଜ ଇନ୍ଧନର ବ୍ୟବହାରକୁ ମଧ୍ୟ ଉତ୍ସାହିତ କରାଯାଇଛି। ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି–୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହି ନୀତି ଅନୁଯାୟୀ ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡ଼ିତ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି।

ଓଡ଼ିଶା ରପ୍ତାନି ପଲିସି–୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହି ନୀତି ଅନୁଯାୟୀ ରପ୍ତାନି ପ୍ରତିଯୋଗିତାରେ ଉନ୍ନତି ଆଣିବା ସହ ଓଡ଼ିଶାକୁ ଭାରତର ୫ଟି ଶ୍ରେଷ୍ଠ ରାଜ୍ୟରେ ସାମିଲ କରିବା ଏବଂ ୨୦୨୬–୨୭ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ରଖାଯାଇଛି।

## ଏଏସ୍‌ଓ ପରୀକ୍ଷା ନେଇ...

ତଲବ କରିଛନ୍ତି। ଡିସେମ୍ବର ୨ରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ପ୍ରାଥମିକ ଭାବେ ଏଏସ୍‌ଓ ପରୀକ୍ଷାରେ ବ୍ୟାପକ ତ୍ରୁଟି ଅଭିଯୋଗକୁ ନେଇ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାୟର ହୋଇଥିଲା। ପରୀକ୍ଷା ହଲ୍‌ରେ ଖାତା ଖୋଲି ନଥିବା ପରୀକ୍ଷାର୍ଥୀ ପାସ୍ କରିଥିବା, ପରୀକ୍ଷା ପରେ କଟ୍ ଅଫ୍ ମାର୍କ ଓ ମାର୍କ ଶିଟ୍ ଆସିବାରେ ବିଳମ୍ବ ହେବା ସମ୍ପର୍କରେ ଏଏସ୍‌ଓ ଆଶାୟୀମାନେ ଅଭିଯୋଗ କରିଥିଲେ। ନଭେମ୍ବର ୧୪ରେ ମାମଲାର ଶୁଣାଣି ହୋଇ ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ଅପରପକ୍ଷରେ ଓପିଏସ୍‌ସି ପକ୍ଷରୁ ଏନେଇ ଏକ ସ୍ପଷ୍ଟୀକରଣ ଜରିଆରେ ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କୁହାଯାଇଥିଲା। ଓପିଏସ୍‌ସିର ନୀତି ଅନୁସାରେ ଚୂଡ଼ାନ୍ତ ଫଳ ପ୍ରକାଶ କରାଯାଇଛି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ ଓ ପାରଦର୍ଶିତାର ସହ କରାଯାଇଛି ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।

## ପୁଅ ଅଧିକ ...

୨୦୦୫ ଜାନୁୟାରୀ ୧ରୁ ୨୦୧୪ ଡିସେମ୍ବର ୩୧ ପର୍ଯ୍ୟନ୍ତର ତଥ୍ୟ ସାଙ୍ଗକୁ ମାଡ୍ରାସ୍ ମେଟ୍ରୋପଲିଟାନ ଟ୍ୟୁମର ପଞ୍ଜୀକରଣର ୨୦୦୫ ଜାନୁୟାରୀଠୁ ୨୦୧୭ ଡିସେମ୍ବର ୩୧ ପର୍ଯ୍ୟନ୍ତର ଡେଟାକୁ କ୍ୟାନ୍‌ସର ଅଧ୍ୟୟନ ପାଇଁ ଲାନ୍‌ସେଟ୍ ସଂଗ୍ରହ କରିଥିଲା। ନବଜାତ ଶିଶୁଙ୍କଠୁ ଆରମ୍ଭ କରି ୧୯ ବର୍ଷ ବୟସ ବର୍ଗର ପିଲାଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ପିବିସିଆର୍ ଏବଂ ୩ କ୍ୟାନ୍‌ସର ହସ୍ପିଟାଲରୁ ହସ୍ତଗତ ହୋଇଥିବା ତଥ୍ୟକୁ ବ୍ୟବହାର କରି ସେମାନଙ୍କ ମଧ୍ୟରୁ ଝିଅ ପୁଅ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟାକୁ ଅଲଗା ଅଲଗା ଭାବେ ଦର୍ଶାଯାଇଛି। ଯେଉଁଥିରେ ଝିଅଙ୍କ ତୁଳନାରେ ଅଧିକ ସଂଖ୍ୟାରେ ପୁଅ କ୍ୟାନ୍‌ସର ଟ୍ରିଟ୍‌ମେଣ୍ଟ ହେଉଥିବା ଦେଖିବାକୁ ମିଳିଛି। ପିବିସିଆର୍‌ରେ ମୋଟ ୧୧,୦୦୦ ନାମ ପଞ୍ଜୀକରଣ କରିଥିବାବେଳେ ହସ୍ପିଟାଲରେ ପାଖାପାଖି ୨୨,୦୦୦ ଜଣ ଶିଶୁଙ୍କ ଚିକିତ୍ସା ଚାଲିଥିବା ଏମ୍ସର ଅଙ୍କୋଲୋଜି ପ୍ରଫେସର ସମୀର ବକ୍ସି କହିଛନ୍ତି। ଦକ୍ଷିଣ ଭାରତରେ କମ୍ ସଂଖ୍ୟକ ଯୁବତୀ କ୍ୟାନ୍‌ସର ହେତୁ ଚିକିତ୍ସିତ ହେଉଥିବାବେଳେ ଉତ୍ତର ଭାରତରେ ଏହାର ସଂଖ୍ୟା ଅଧିକ ରହିଛି। ଚିକିତ୍ସା କ୍ଷେତ୍ରରେ ଲିଙ୍ଗଗତ ପକ୍ଷପାତିତା ମଧ୍ୟ ଦେଖିବାକୁ ମିଳିଛି। ଜଣେ ଝିଅ କ୍ୟାନ୍‌ସରରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଅଣଦେଖା କରାଯାଉଛି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଲୋକଙ୍କଠାରେ ଏ ପ୍ରକାର ମାନସିକତା ଅଧିକ ଦେଖିବାକୁ ମିଳୁଛି। ଏହି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ଅଧିକ ଅର୍ଥ ବ୍ୟୟ ସାଙ୍ଗକୁ ଟ୍ରିଟ୍‌ମେଣ୍ଟ ଫାସିଲିଟି ଖୁବ୍ କମ୍ ସ୍ଥାନରେ ଉପଲବ୍ଧ। ଲିଙ୍ଗଗତ ପାତରଅନ୍ତର ଯୋଗୁ ପୀଡ଼ିତାମାନଙ୍କ ଚିକିତ୍ସା ଲାଗି ସେମାନଙ୍କ ଘରଲୋକ ମନ ବଳାଉନାହାନ୍ତି। ଠିକ୍ ସମୟରେ ଏ ପ୍ରକାର ଚିନ୍ତାଧାରାକୁ ବଦଳା ନ ଗଲେ ଏହି ସମସ୍ୟା ଜଟିଳ ରୂପ ଧାରଣ କରିବ। ବହୁ ପୀଡ଼ିତା ବିନା ଚିକିତ୍ସାରେ ଆଖିବୁଜିବେ। ବିଶେଷ କରି ଯୁବତୀମାନଙ୍କ ଲାଗି ଦେୟମୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେଲେ ଏ ପ୍ରକାର ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ପ୍ରଫେସର ସମୀର ମତ ପ୍ରକାଶ କରିଛନ୍ତି।

# କୋକସରା ବ୍ଲକରେ ଖୋଲିଲା ଖରିଫ ଧାନ ମଣ୍ଡି



ଧାନ ମଣ୍ଡି ଉଦ୍‌ଘାଟିତ କରାଯାଉଛି।

କୋକସରା,୩୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨୫ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର କୋକସରା ବ୍ଲକ ସଦରଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର ଦେବବ୍ରତ କରାଟି, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ମିଲ ମାଲିକ ବିଜୟ ଅଗ୍ରୱାଲ, ବିମଲ ଅଗ୍ରୱାଲ, ପ୍ରଶାନ୍ତ ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝି, ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ, ପ୍ୟାକ୍ସ ଡ଼ାଇରେକ୍ଟର ପଙ୍କଜ ପୋଡ଼, ଚାଷୀ ରମେଶ ଦୁର୍ଗା, ଗୋବିନ୍ଦ ପାଟଯୋଷୀ, ନାରାୟଣ ପଟ୍ଟନାୟକଙ୍କ ସହ ପ୍ୟାକ୍ସ, ଆରଏମସି କର୍ମଚାରୀ ଏବଂ କୋକସରା ପ୍ୟାକ୍ସ ଅଧୀନସ୍ଥ କୋକସରା, ମାଝିଗୁଡା ଓ ରେଙ୍ଗାଲପାଲି ପଞ୍ଚାୟତ ଚାଷୀଙ୍କ ଉପସ୍ଥିତି ରହିଥିଲେ। ଏହି ଅବସରରେ ଚାଷୀମାନେ ବ୍ଲକ ଉପାଧ୍ୟକ୍ଷ ତହସିଲଦାର ଓ ମିଲ ମାଲିକମାନଙ୍କୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡିରେ ବ୍ୟବସ୍ଥିତ ଭାବେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଛନ୍ତି। ମିଲର୍ସମାନେ ମଧ୍ୟ ଚାଷୀଙ୍କୁ ସବୁ ଦୃଷ୍ଟିରୁ ସହଯୋଗ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଥମ ଦିନରେ ୫ଜଣ ଚାଷୀଙ୍କ ଧାନ କ୍ରୟ କରାଯିବା ନେଇ ପ୍ୟାକ୍ସ ସମ୍ପାଦକ ସୂଚନା ଦେଇଛନ୍ତି। ସେହିପରି ବ୍ଲକର ଲଡୁଗାଁ, ଆମପାଣି, ଟେମରା ଓ କାଶିବାହଲ ପ୍ୟାକ୍ସ ଅଧୀନରେ ମଣ୍ଡି ଆରମ୍ଭ କରାଯାଇଛି।

# ହାଇକୋର୍ଟ ବିଚାରପତିଙ୍କ ଦେବଗଡ଼ ଗସ୍ତକୁ ଜିଲା ଓକିଲ ସଂଘର ବିରୋଧ



ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଦେବଗଡ଼ ୩୦।୧୧(ଡି.ଏନ.ଏ.)

ହାଇକୋର୍ଟ ବିଚାରପତିଙ୍କ ଦେବଗଡ଼ ଗସ୍ତକୁ ଜିଲା ଓକିଲ ସଂଘ ପକ୍ଷରୁ ବିରୋଧ କରାଯିବା ସହ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଦିଆଯାଇଥିଲା। କଳାବ୍ୟାଜ ପରିଧାନ କରି ଜିଲା ନ୍ୟାୟାଳୟ ପରିସରରେ ଓକିଲମାନେ ଧାରଣାରେ ବସିଥିଲେ। ହାଇକୋର୍ଟ ଜଷ୍ଟିସ ସଙ୍ଗମ କୁମାର ସାହୁ ୨ଦିନିଆ ଦେବଗଡ ଗସ୍ତରେ ଆସିଥିବାବେଳେ ଜିଲା ନ୍ୟାୟାଳୟକୁ ପରିଦର୍ଶନରେ ଆସିଥିଲେ। ମାତ୍ର ଜିଲା ଓକିଲ ସଂଘ ପକ୍ଷରୁ କୌଣସି ସହଯୋଗ କରାଯାଇ ନ ଥିଲା। ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଜିଲା ନ୍ୟାୟାଳୟ ପରିସରରେ ପ୍ଲାକାଡ଼ ଧରି ଧାରଣାରେ ବସିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ସମ୍ବଲପୁର ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ଦେବଗଡ଼ ଗସ୍ତରେ ଆସି ଦେବଗଡ଼ ଜିଲା ଓକିଲ ସଂଘର ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସମ୍ବଲପୁର ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସମ୍ପାଦକ ସରୋଜ ସାହୁ, ମଧୁସୂଦନ ମିତ୍ର, ପ୍ରମୋଦ ଦାଶ, ସତ୍ୟନାରାୟଣ ପଣ୍ଡା, ବିଜିତେନ୍ଦ୍ରିୟ ପ୍ରଧାନ, ଚନ୍ଦ୍ରକାନ୍ତ ମହାନ୍ତି, ରବି ମିଶ୍ର, ଅତନୁ ଘୋଷ ପ୍ରମୁଖ ଦେବଗଡ଼ ଗସ୍ତରେ ଆସିଥିଲେ।

## ପାର୍ଟନରଙ୍କ ମୁଣ୍ଡକୁ କାନ୍ଥରେ ପିଟି ହତ୍ୟା

ବେଙ୍ଗାଲୁରୁର ହୋରାମାଭୁ ଅଞ୍ଚଳରେ ଲିଭ୍-ଇନ୍ ପାର୍ଟନରଙ୍କ ମୁଣ୍ଡକୁ କାନ୍ଥରେ ପିଟି ହତ୍ୟା କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ମୃତକ କ୍ରିଷ୍ଣା କୁମାରୀ ଜଣେ ବିଉଟିସିଆନ୍ ଓ ତାଙ୍କ ଘର ନେପାଳରେ। ସେ କିଛି ବର୍ଷ ହେଲା ସନ୍ତୋଷ ଧାମିଙ୍କ ସହ ଲିଭ୍-ଇନ୍ ପାର୍ଟନରରେ ରହୁଥିଲେ। ବୁଧବାର କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଜୋର୍‌ଦାର ବଚସା ହୋଇଥିଲା। ପରେ ସନ୍ତୋଷ କ୍ରିଷ୍ଣାଙ୍କ ମୁଣ୍ଡକୁ କାନ୍ଥରେ ପିଟି ହତ୍ୟା କରିଥିଲେ ବୋଲି ପୋଲିସ କହିଛି।



## ସୁନ୍ଦରୀ ଓଟ

କାତାର କେବଳ ଫିଫା ବିଶ୍ୱକପ୍ ନୁହେଁ, ଓଟଙ୍କୁ ନେଇ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଛି। ଆଶ୍-ଶାହାନିୟାହରେ ଅନୁଷ୍ଠିତ କାତାର କ୍ୟାମେଲ ମାୟେନ୍ କ୍ଲବ୍ ବ୍ୟୁଟି କଣ୍ଟେଷ୍ଟରେ ବିଭିନ୍ନ ଉପସାଗରୀୟ ଦେଶର ଓଟ ଭାଗନେଇଛନ୍ତି। ଏହି ଫଟୋରେ ଥିବା ଓଟ କମ୍ପିଟିଶନରେ ପ୍ରଥମ ସ୍ଥାନ ଅଧିକାର କରିଛି।



## ହୃଦ୍‌ଘାତରେ ମନ୍ଦିର ହାତୀର ମୃତ୍ୟୁ

ପଣ୍ଡିଚେରୀର ପ୍ରସିଦ୍ଧ ମନକୁଲା ବିନାୟକର ମନ୍ଦିରରେ ଥିବା ପ୍ରିୟ ହାତୀ 'ଲକ୍ଷ୍ମୀ'ର ବୁଧବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ହାତୀଟିକୁ ୩୨ ବର୍ଷ ହୋଇଥିଲା। ୧୯୯୫ରେ ଜଣେ ଶିଳ୍ପପତି ମନ୍ଦିରକୁ ଏହି ହାତୀ ଦାନ କରିଥିଲେ। କ୍ରମେ ଏହା ଭକ୍ତମାନଙ୍କର ପ୍ରିୟ ହୋଇଯାଇଥିଲା। ଏପରିକି ବିଦେଶୀ ଭକ୍ତମାନେ ମଧ୍ୟ ଉକ୍ତ ହାତୀର ଆଶୀର୍ବାଦ ନେଉଥିଲେ।

# ଦୁର୍ବଳ ହୋଇଛି ଅଧା ଗଣତନ୍ତ୍ର

## ଭାରତ, ଆମେରିକା, ବ୍ରାଜିଲ ସର୍ବାଧିକ ଅବକ୍ଷୟମୁଖୀ: ଆଇଡିଆ ରିପୋର୍ଟ

ଷ୍ଟକ୍‌ହୋମ୍,୩୦।୧୧

ବିଶ୍ୱର ଅଧା ଗଣତନ୍ତ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ପରିଲକ୍ଷିତ ହୋଇଛି। ୟୁକ୍ରେନ୍ ଯୁଦ୍ଧ ଓ ଆର୍ଥିକ ସଙ୍କଟ ଯୋଗୁ ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଛି ବୋଲି ବୁଧବାର ଅନ୍ତର୍ଜାତୀୟ ବିଚାରମଞ୍ଚ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି।

ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ଆସିଷ୍ଟାନ୍ସ (ଆଇଡିଆ) ମହାସଚିବ କେଭିନ୍ କାସାସ୍-ଜାମୋରା କହିଛନ୍ତି, ବିଶ୍ୱର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଅଭୂତପୂର୍ବ ଅବକ୍ଷୟ ଦେଖିବାକୁ ମିଳିଛି। କୋଭିଡ୍-୧୯ ମହାମାରୀ ଓ ୟୁକ୍ରେନ୍ ଯୁଦ୍ଧ ଯୋଗୁ ସୃଷ୍ଟ ଆର୍ଥିକ ସଙ୍କଟରୁ ରାଜନୈତିକ ଅଚଳାବସ୍ଥା ଘନେଇବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ, ନିର୍ବାଚନଗୁଡ଼ିକର ବିଶ୍ୱସନୀୟତାକୁ ଚ୍ୟାଲେଞ୍ଜ କରାଯାଇପାରେ। ଏପରି କି ବିଭିନ୍ନ ରାଷ୍ଟ୍ରର ଆଇନକୁ ଟାର୍ଗେଟ କରାଯାଇପାରେ। ନାଗରିକଙ୍କ ସ୍ୱାଧୀନତା କ୍ଷୁଣ୍ଣ ହୋଇପାରେ। ପୂର୍ବରୁ ଗଣତନ୍ତ୍ର ସର୍ବାଧିକ ଧରାଶାୟୀ ହୋଇଥିବା ୬ 'ବ୍ୟାକ୍‌ସ୍ଲାଇଡିଂ' ରାଷ୍ଟ୍ର ଥିବାବେଳେ ଗତବର୍ଷ ଏହି ସଂଖ୍ୟା ୭କୁ ବଢ଼ିଛି। ଏଭଳି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସର୍ବାଗ୍ରେ ଆମେରିକା ରହିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବ୍ରାଜିଲ, ହଙ୍ଗେରି, ଭାରତ, ମରିସସ୍, ପୋଲାଣ୍ଡ ଓ ଏଲ୍ ସାଲ୍‌ଭାଡୋର ରହିଛି। ରାଜନୈତିକ ଧ୍ରୁବୀକରଣ, ନାଗରିକ ସ୍ୱାଧୀନତା ପ୍ରତି ବିପଦ ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ଟାର୍ଗେଟ କରାଯାଉଛି। ବିଶେଷକରି ଆମେରିକାରେ ଯାହା ସବୁ ଘଟୁଛି ତାକୁ ଦେଖି ଆମେ ମର୍ମାହତ ବୋଲି କେଭିନ୍ କହିଛନ୍ତି।




ଥିଙ୍କ୍‌ଟ୍ୟାଙ୍କ ଇଣ୍ଟରନ୍ୟାଶନାଲ ଆଇଡିଆ ପକ୍ଷରୁ ମୋଟ ୧୭୩ଟି ଦେଶକୁ ନେଇ ସମୀକ୍ଷା କରାଯାଇଥିଲା। ୧୦୪ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ୫୨ ଦେଶ ଗଣତାନ୍ତ୍ରିକ ମୂଲ୍ୟବୋଧ ହରାଇ ବସିଛନ୍ତି। କେବଳ ଏସିଆରେ ୫୪% ଲୋକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବସବାସ କରୁଛନ୍ତି। ଉକ୍ତ ରାଷ୍ଟ୍ରଗୁଡ଼ିକରେ ଏକଚ୍ଛତ୍ରବାଦ ବୃଦ୍ଧି ପାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

## ସଂକ୍ଷେପରେ

### ଚାଇନାର ପୂର୍ବତନ ରାଷ୍ଟ୍ରପତି ଜିଆଙ୍ଗ ଜେମିନ୍‌ଙ୍କ ପରଲୋକ

**ସାଂଘାଇ,୩୦।୧୧:** ଚାଇନାର ପୂର୍ବତନ ରାଷ୍ଟ୍ରପତି ଜିଆଙ୍ଗ ଜେମିନ୍‌ଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା।



ଲୁକେମିଆ ଓ ବିଭିନ୍ନ ଅଙ୍ଗ ଅକାମୀ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆର୍ଥିକ ସଂସ୍କାର ନୀତିକୁ ସମର୍ଥନ କରିବା ସହ ଚାଇନାର ବିକାଶରେ ସେ ପ୍ରମୁଖ ଭୂମିକା ନେଇଥିଲେ। ଟିଆନାନମେନ୍ ସ୍କୋୟାରରେ ଗଣତନ୍ତ୍ର ସପକ୍ଷବାଦୀ ଛାତ୍ର ଆନ୍ଦୋଳନକୁ ସେ କଠୋର ହସ୍ତରେ ଦମନ କରିଥିଲେ। ତାଙ୍କ ଶାସନ କାଳରେ ବଜାରଭିତ୍ତିକ ସଂସ୍କାର ସାଙ୍ଗକୁ ହଂକଂ ବ୍ରିଟିଶ ଶାସନରୁ ଚାଇନା ଅଧୀନକୁ ଫେରିଥିଲା। ଏହା ବ୍ୟତୀତ ୨୦୦୧ରେ ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନରେ ସାମିଲ ହୋଇଥିଲା। ଜେମିନ୍‌ଙ୍କ ପରଲୋକରେ ଚାଇନା କମ୍ୟୁନିଷ୍ଟ ପାର୍ଟି ଏବଂ ସରକାରୀ ବିଲ୍ଡିଂଗୁଡ଼ିକରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି।

### ୫୦୦ କୋଟିର ଡ୍ରଗ୍ସ ଜବତ

**ଅହମଦାବାଦ୍,୩୦।୧୧:** ଗୁଜରାଟ ବଡଦରାର ଏକ ମାନୁଫାକ୍ଚରିଂ ୟୁନିଟ୍‌ରେ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ମଙ୍ଗଳବାର ରାତିରେ ଚଢ଼ାଉ କରି ୫୦୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ଜବତ କରିଛି। ଘଟଣାସ୍ଥଳରୁ ୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ସେଠାରେ ଏମ୍‌ଡି ଡ୍ରଗ୍ (ଡ୍ରାଗ୍ ଟାବ୍‌ଲେଟ) ତିଆରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଗଷ୍ଟରେ ଏଟିଏସ୍ ବଡଦରାର ସହରରେ ଥିବା ୱେର୍‌ହାଉସ୍‌ରୁ ହଜାରେ କୋଟି ଟଙ୍କାର ପାର୍ଟି ଡ୍ରଗ୍ସ ଜବତ କରିଥିଲା।

### ବିକ୍ରମ କିର୍ଲୋସ୍କରଙ୍କ ପରଲୋକ

**ନୂଆଦିଲ୍ଲୀ,୩୦।୧୧:** ହୃଦ୍‌ଘାତରେ ମଙ୍ଗଳବାର ଟୋୟୋଟା କିର୍ଲୋସ୍କର ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି ବିକ୍ରମ କିର୍ଲୋସ୍କାରଙ୍କ ପରଲୋକ ଘଟିଛି। ବୁଧବାର ଟୋୟୋଟା ଇଣ୍ଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ସ୍ତ୍ରୀ ଗୀତାଞ୍ଜଳି କିର୍ଲୋସ୍କର ଓ ଝିଅ ମାନସୀଙ୍କ ସହ ସେ ରହୁଥିଲେ। କିର୍ଲୋସନ୍ ଗ୍ରୁପ୍‌ର ୪ର୍ଥ ପିଢ଼ିଥିଲେ ବିକ୍ରମ। ୧୮୮୮ ମସିହାରୁ କିର୍ଲୋସନ୍ ଗ୍ରୁପ୍ ପମ୍ପ, ଇଞ୍ଜିନ୍ ଏବଂ କମ୍ପ୍ରେସର ନିର୍ମାଣ ଆରମ୍ଭ କରିଥିଲା। ୨୦୧୯-୨୦ ପର୍ଯ୍ୟନ୍ତ ବିକ୍ରମ ଭାରତର ଇଣ୍ଡଷ୍ଟ୍ରି ବଡି କନ୍‌ଫେଡେରେଶନ୍‌ର ସଭାପତି ଦାୟିତ୍ୱରେ ଥିଲେ।



### ବିସ୍ଫୋରଣରେ ୧୬ ମୃତ

**କାବୁଲ,୩୦।୧୧:** ଆଫଗାନିସ୍ତାନର ଆଏବାକ୍ ସହରରେ ଥିବା ଏକ ମଦ୍ରାସାରେ ବୁଧବାର ବିସ୍ଫୋରଣ ଘଟି ୧୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ଅପରାହ୍ନ ନମାଜ ପାଠ ବେଳେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ସମଙ୍ଗାନ୍ ପ୍ରୋଭିନ୍ସିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୧୦ ଜଣ ଛାତ୍ର ଥିବା ଜଣେ ତାଲିବାନ କାର୍ଯ୍ୟକର୍ତ୍ତା କହିଛନ୍ତି। ତେବେ ବିସ୍ଫୋରଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତାଲିବାନ ଶାସନ କ୍ଷମତା ହାତକୁ ନେବା ପରେ ଆଫଗାନିସ୍ତାନରେ ବିସ୍ଫୋରଣ ଏବଂ ହିଂସାକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି।

## କୁଳାଧିପତି ପଦରୁ ହଟିବେ କେରଳ ରାଜ୍ୟପାଳ

### ଚିଠା ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ



ଥିରୁଭାନନ୍ତପୁରମ୍,୩୦।୧୧

କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ପଦରୁ ହଟାଇବା ପାଇଁ ଅଣାଯାଇଥିବା ଚିଠା ବିଲ୍‌କୁ ବୁଧବାର କ୍ୟାବିନେଟ ଅନୁମୋଦନ କରିଛି। ଚିଠା ବିଲ୍ ଅନୁଯାୟୀ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଆଇନରେ ସଂଶୋଧନ ହେବ। ବିଲ୍ ଅନୁଯାୟୀ ରାଜ୍ୟପାଳଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆସିଲେ ତାଙ୍କୁ ଚାନ୍‌ସେଲର ପଦବୀରୁ ବହିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସମଲିଙ୍ଗୀ ବିବାହ ବିଲ୍‌କୁ ସିନେଟ୍ ମଞ୍ଜୁରୀ



ୱାଶିଂଟନ,୩୦।୧୧

ଆମେରିକା ସିନେଟ୍‌ରେ ମଙ୍ଗଳବାର ସମଲିଙ୍ଗୀ ବିବାହ ସମ୍ପର୍କିତ ଏକ ବିଲ୍ ଗୃହୀତ ହୋଇଛି। ୨୦୧୫ରେ ଦେଶବ୍ୟାପୀ ସମଲିଙ୍ଗୀ ବିବାହକୁ ବୈଧ କରାଯାଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ ପଲଟାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ବିଧେୟକ ଅଣାଯାଇଥିଲା। ଉକ୍ତ ବିଲ୍ ଅନୁସାରେ ଯେଉଁ ରାଜ୍ୟରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀ ବିବାହ କରିବେ ସେଠାରେ ଏହା ବୈଧ ହୋଇଥିଲେ ସମ୍ପୃକ୍ତ ଯୋଡ଼ିକୁ ସଂଘୀୟ ସରକାର ସୁରକ୍ଷା ଓ ସ୍ୱୀକୃତି ପ୍ରଦାନ କରିବେ। କିନ୍ତୁ ସମାନ ଲିଙ୍ଗର ଯୋଡ଼ିଙ୍କ ବିବାହକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ଅନୁମତି ଦେଲେ ସେଥିରେ ହସ୍ତକ୍ଷେପ କରାଯିବ ନାହିଁ। ଏହି ବିଲ୍‌କୁ ପାରିତ କରି ସିନେଟ୍ ଏକ ସନ୍ଦେଶ ଦେଇଛି, ଯାହାକୁ ପ୍ରତ୍ୟେକ ଆମେରିକୀୟ ଶୁଣିବା ଉଚିତ। ତୁମେ କିଏ, କାହାକୁ ଭଲ ପାଉଛ ସେଥିରେ କିଛି ଯାଏଆସେ ନାହିଁ। ଆଇନ ଅନୁସାରେ ତୁମେ ସମାନ ସମ୍ମାନ ଓ ବ୍ୟବହାର ପାଇବାକୁ ଯୋଗ୍ୟ ବୋଲି ସିନେଟ୍ ମେଜରିଟି ଲିଡର ଚକ୍ଙ୍କ ସ୍କମର ଏକ ବିବୃତିରେ କହିଛନ୍ତି। ବିଲ୍ ଗୃହୀତ ହେବା ପାଇଁ ୬୦ ସିନେଟର୍‌ଙ୍କ ସମର୍ଥନ ଲୋଡ଼ା ଥିଲା। ଏହା ସପକ୍ଷରେ ୬୧ ଓ ବିପକ୍ଷରେ ୩୬ ଭୋଟ ପଡ଼ିଥିଲା। ୪୯ ଡେମୋକ୍ରାଟ୍ସଙ୍କ ସହ ୧୨ ଜଣ ରିପବ୍ଲିକାନ୍ ମିଶି ଏହାକୁ ପାରିତ କରିଛନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ସୁପ୍ରିମକୋର୍ଟ ମହିଳାଙ୍କ ଗର୍ଭପାତ ଅଧିକାରକୁ ନେଇ ରହିଥିବା ୫୦ ବର୍ଷ ପୁରୁଣା ନିୟମକୁ ବଦଳାଇଦେଇଥିଲେ। ଏହାକୁ ନେଇ ଦେଶବ୍ୟାପୀ ଗର୍ଭପାତ ସପକ୍ଷବାଦୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏଭଳି ସମୟରେ ୨୦୧୫ରେ ସୁପ୍ରିମକୋର୍ଟ ଗେ ମ୍ୟାରେଜ ସମ୍ପର୍କିତ ଏକ ରାୟ ବଦଳାଇବାକୁ ଯାଉଥିବାବେଳେ ଏହି ପଦକ୍ଷେପ ନିଆଯାଇଛି। ଆମେରିକା ସେନ୍‌ସସ୍ ବ୍ୟୁରୋ ତଥ୍ୟାନୁସାରେ ଦେଶରେ ପ୍ରାୟ ୫,୬୮,୦୦୦ ସମଲିଙ୍ଗୀ ଦମ୍ପତି ଅଛନ୍ତି।

## ସୁପ୍ରିମକୋର୍ଟ ଗଲେ ବିଲ୍‌କିସ୍

ନୂଆଦିଲ୍ଲୀ,୩୦।୧୧

୨୦୦୨ ଗୋଧ୍ରା ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା କରିଥିବା ୧୧ ଜଣ ଅପରାଧୀଙ୍କ ଜେଲରୁ ମୁକ୍ତ କରିଦିଆଯିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟ ଗତ ମେ' ମାସରେ ଦେଇଥିବା ରାୟରେ ୧୯୯୨ କ୍ଷମା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଗୁଜରାଟ ସରକାରଙ୍କୁ ଅନୁମତି ଦେଇଥିଲେ। ବିଲ୍‌କିସ୍ ଉକ୍ତ ରାୟର ପୁନର୍ବିଚାର ଲାଗି ରିଭ୍ୟୁ ପିଟିଶନ ଦାଏର କରିଛନ୍ତି। ତାଙ୍କ ଓକିଲ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିକଟରେ ପିଟିଶନ ଉପସ୍ଥାପନ କରିବା ପରେ ସେ ଏହାକୁ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଅପରାଧୀଙ୍କୁ କ୍ଷମା ପ୍ରଦାନ ଓ ଜେଲରୁ ମୁକ୍ତ କରାଯିବାକୁ ନିଜେ ପୀଡ଼ିତା ଚ୍ୟାଲେଞ୍ଜ କରିଥିବାରୁ ଏହାକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରାଗଲା ବୋଲି ସିଜେଆଇ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି।



## ୟୁକ୍ରେନୀୟ ମହିଳାମାନଙ୍କୁ ବଳାତ୍କାର କର

କିଭ୍,୩୦।୧୧

ରୁଷୀୟ ସୈନ୍ୟମାନେ ୟୁକ୍ରେନୀୟ ମହିଳାମାନଙ୍କୁ ବଳାତ୍କାର କରୁଛନ୍ତି। ଯୌନ ହିଂସାକୁ ସେମାନେ ଆକ୍ରମଣର ଏକ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ସେହି ସୈନ୍ୟମାନଙ୍କୁ ସେମାନଙ୍କ ସ୍ତ୍ରୀମାନେ ଏପରି ହୀନ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଉଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ୟୁକ୍ରେନ୍‌ର ଫାଷ୍ଟ ଲେଡି ଓଲେନା ଜେଲେନ୍‌ସ୍କା।

ସଂଘର୍ଷ ବେଳେ ଯୌନ ହିଂସାର ମୁକାବିଲା ଉପରେ ଲଣ୍ଡନରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ୪୪ ବର୍ଷୀୟା ସ୍ତ୍ରୀ ଜେଲେନ୍‌ସ୍କା ସମ୍ବୋଧନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଫେବୃୟାରୀ ୨୪ ଆକ୍ରମଣ ପରଠାରୁ ରୁଷୀୟ ସୈନ୍ୟମାନେ ୟୁକ୍ରେନର ମହିଳାମାନଙ୍କ ବିରୋଧରେ ବଳାତ୍କାରକୁ ବ୍ୟବସ୍ଥିତ ଓ ଖୋଲାଖୋଲି ଭାବେ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। କାହା ଉପରେ ଆଧିପତ୍ୟ ପ୍ରମାଣିତ କରିବା ଲାଗି ବଳାତ୍କାର ହେଉଛି ସବୁଠୁ ନିଷ୍ଠୁର ଓ ପାଶବିକ ଅତ୍ୟାଚାର। ଯୁଦ୍ଧ ସମୟରେ କେହି ସୁରକ୍ଷିତ ନ ଥିବାରୁ ବଳାତ୍କାରର ଶିକାର ହୋଇଥିବା ପୀଡ଼ିତାମାନେ ଅଭିଯୋଗ କରିପାରି ନ ଥାଆନ୍ତି। ରୁଷୀୟ ସୈନ୍ୟମାନେ ନିଜ ସ୍ତ୍ରୀଙ୍କୁ ଫୋନ୍ କଲେ ସେମାନେ ସ୍ୱାମୀଙ୍କୁ ଏପରି କହୁଥିବା ଆମେ ଟ୍ରାକ୍ କରିଥିବା କେତେକ କଥୋପକଥନରୁ ଜାଣିବାକୁ ପାଇଛୁ। ଏପରି ବର୍ବରତାକୁ ଯୁଦ୍ଧ ଅପରାଧ ବିବେଚନା କରି ଅପରାଧୀଙ୍କୁ ଉଚିତ ଦଣ୍ଡ ଦେବା ଦିଗରେ ସାରା ବିଶ୍ୱ ବିଚାର କରୁ ବୋଲି ଜେଲେନ୍‌ସ୍କା ଆହ୍ୱାନ ଦେଇଛନ୍ତି।



ରୁଷୀୟ ସୈନ୍ୟଙ୍କୁ ପ୍ରବର୍ତ୍ତାଉଛନ୍ତି ସେମାନଙ୍କ ସ୍ତ୍ରୀ: ଜେଲେନ୍‌ସ୍କା

## ଭାଜପାକୁ ମିଳିଛି ୬୧୪.୫୩ କୋଟି ଚାନ୍ଦା

ନୂଆଦିଲ୍ଲୀ,୩୦।୧୧(ପି.ଟି.)

### କଂଗ୍ରେସ ପାଇଛି ୯୫.୪୬ କୋଟି

୨୦୨୧-୨୨ ଆର୍ଥିକ ବର୍ଷରେ ଶାସକ ଭାଜପାକୁ ୬୧୪.୫୩ କୋଟି ଟଙ୍କା ଚାନ୍ଦା ମିଳିଛି, ଯାହା ବିରୋଧୀ ଦଳ କଂଗ୍ରେସ ପାଇଥିବା ଚାନ୍ଦା ତୁଳନାରେ ୬ ଗୁଣରୁ ଅଧିକ। ଏହି ସମୟ ମଧ୍ୟରେ କଂଗ୍ରେସକୁ ୯୫.୪୬ କୋଟି ଟଙ୍କା ଚାନ୍ଦା ମିଳିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପଶ୍ଚିମବଙ୍ଗରେ କ୍ଷମତାରେ ଥିବା ତୃଣମୂଳ କଂଗ୍ରେସକୁ ଗତ ଆର୍ଥିକ ବର୍ଷରେ ୪୩ ଲକ୍ଷ ଟଙ୍କା ମିଳିଥିବାବେଳେ କେରଳରେ କ୍ଷମତାରେ ଥିବା ସିପିଆଇ-ଏମ୍‌କୁ ୧୦.୦୫ କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ୪ ଜାତୀୟ ଦଳ ପାଇଥିବା ଚାନ୍ଦା ସମ୍ପର୍କିତ ରିପୋର୍ଟ ନିକଟରେ ନିର୍ବାଚନ କମିଶନରେ ଦାଖଲ କରିଥିବାବେଳେ ମଙ୍ଗଳବାର ଏହାକୁ ସାର୍ବଜନୀନ କରାଯାଇଛି। କୌଣସି ବ୍ୟକ୍ତି ବା ସଂସ୍ଥାଠାରୁ ୨୦,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ଆକାରରେ ଗ୍ରହଣ କରିଥିଲେ, ଦଳଗୁଡ଼ିକୁ ସେମାନଙ୍କ ବାର୍ଷିକ ରିପୋର୍ଟରେ ତାହା ଦାଖଲ କରିବା ପାଇଁ ଜନପ୍ରତିନିଧି ଆଇନରେ ବ୍ୟବସ୍ଥା ରହିଛି। ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାରେ ଥିବା ଆମ୍ ଆଦ୍‌ମୀ ପାର୍ଟି ଗତ ଆର୍ଥିକ ବର୍ଷରେ ୪୪.୫୪ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି।

## ଭାରତ ମହାସାଗରରେ ଯୁଦ୍ଧଜାହାଜ ମୁତୟନ କରିପାରେ ଚାଇନା

ନୂଆଦିଲ୍ଲୀ,୩୦।୧୧

ଚାଇନା ଏହାର ପ୍ରଥମ ବିଦେଶ ସାମରିକ ଘାଟି ଜିବୌଟିରେ ଯୁଦ୍ଧବିମାନବାହୀ ରଣତରୀ, ବୃହତ୍ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ମୁତୟନ କରିପାରେ। ଆମେରିକା କଂଗ୍ରେସରେ ପ୍ରତିରକ୍ଷା ବିଭାଗ ଦାଖଲ କରିଥିବା ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି। ଭାରତୀୟ ନୌସେନା ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ଜିବୌଟିରେ ଥିବା ଚାଇନା ସାମରିକ ଘାଟି ସମ୍ପର୍କିତ ସାଟେଲାଇଟ୍ ଚିତ୍ର ୪ ମାସ ପୂର୍ବରୁ ଏକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେଠାରେ ଚାଇନା ନୌସେନାର ବିଶାଳ ଜାହାଜ ଲାଗିଥିବା ଦେଖାଯାଇଥିଲା। ପିଏଲ୍‌ଏ ନୌସେନା ଭାରତ ମହାସାଗରରେ ଯୁଦ୍ଧବିମାନବାହୀ ଜାହାଜ ମୁତୟନ କରିପାରେ ବୋଲି ଆମେରିକା ୨୦୧୭ରେ ସତର୍କ କରାଇଥିଲା। ସେବେଠାରୁ ଚାଇନା ଏହାର ଯୁଦ୍ଧବିମାନବାହୀ ରଣତରୀର ବିକାଶରେ ବ୍ୟସ୍ତ ରହିଛି ଏବଂ ୩ଟି କାର୍ଯ୍ୟକ୍ଷମ କରିଛି। ଭାରତ ପାଖରେ ଏବେ ମାତ୍ର ୨ଟି ଯୁଦ୍ଧବିମାନବାହୀ ଜାହାଜ ରହିଛି ଯାହାକି ଏପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଜିବୌଟି ବେସ୍‌ରେ ଚାଇନା ନୌସେନା ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମରିକ ଯାନ ମହଜୁଦ୍ ରହିଥିବା ଜଣାପଡ଼ିଛି।



ସତର୍କ କରାଇଲା ଆମେରିକା

### ଭାରତ, ଆମେରିକା ସମରାଭ୍ୟାସକୁ ବେଜିଂର ବିରୋଧ

**ବେଜିଂ,୩୦।୧୧:** ଉତ୍ତରାଖଣ୍ଡ ଅଉଲିରେ ଭାରତୀୟ ଓ ଆମେରିକୀୟ ସେନା ପକ୍ଷରୁ ୧୮ତମ ସମରାଭ୍ୟାସ 'ଯୁଦ୍ଧ ଅଭ୍ୟାସ' ଜାରି ରହିଛି। ଚାଇନା ଓ ଭାରତ ମଧ୍ୟରେ ଥିବା ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ଠାରୁ ୧୦୦ କି.ମି ଦୂରରେ ସମାରାଭ୍ୟାସ କରାଯାଉଥିବାବେଳେ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ଚାଇନା ଏହାକୁ ବିରୋଧ କରିଛି। ଏହାଦ୍ୱାରା ଏଲ୍‌ଏସିରେ ଶାନ୍ତି ରକ୍ଷା ପାଇଁ ୧୯୯୩ ଏବଂ ୧୯୯୬ରେ ଦୁଇ ଦେଶ ଭିତରେ ସ୍ୱାକ୍ଷରିତ ଚୁକ୍ତି ଉଲଂଘନ କରାଯାଇଥିବା ଚାଇନା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ କହିଛନ୍ତି। ଏହି ସମରାଭ୍ୟାସ ଦୁଇ ସପ୍ତାହ ଧରି ଚାଲିବ।

### ୨୦୩୫ ସୁଦ୍ଧା ଚାଇନା ଅଣୁଅସ୍ତ୍ର ସଂଖ୍ୟା ୧,୫୦୦ ହେବ

ୱାଶିଂଟନ,୩୦।୧୧

ଚାଇନା ପାଖରେ ୪୦୦ ଅଣୁଅସ୍ତ୍ର ଥିବାବେଳେ ୨୦୩୫ ବେଳକୁ ୧,୫୦୦ରେ ପହଞ୍ଚିବ ବୋଲି ପେଣ୍ଟାଗନ୍ କହିଛି। ଚାଇନାର ମହତ୍ତ୍ୱାକାଂକ୍ଷୀ ସାମରିକ ଅଭିବୃଦ୍ଧି ସମ୍ପର୍କରେ ପେଣ୍ଟାଗନ୍ ଆମେରିକା କଂଗ୍ରେସରେ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛି। ଆଗାମୀ ଦଶକରେ ବେଜିଂ ଏହାର ଆଣବିକ ଶକ୍ତିର ଆଧୁନିକୀକରଣ, ବିବିଧୀକରଣ ଓ ସମ୍ପ୍ରସାରଣ ଲାଗି ଲକ୍ଷ୍ୟ ରଖିଛି। ପ୍ରତିରକ୍ଷା କ୍ଷେତ୍ରରେ ଚାଇନା ବିପୁଳ ଅର୍ଥ ବିନିଯୋଗ କରି ୩ ସେନାର ଆଣବିକ ଯୋଗାଣ ପ୍ଲାଟ୍‌ଫର୍ମ ବଢ଼ାଉଛି। ଆଣବିକ ଶକ୍ତି ବୃଦ୍ଧି ଲାଗି ଭିତ୍ତିଭୂମି ମଧ୍ୟ ନିର୍ମାଣ କରୁଛି ବେଜିଂ।


ବର୍ଷା-ଦୀପାନ୍ୱିତ

## ପରଦାରେ ପ୍ରତୀକ୍ଷା

ଏକ ମଧ୍ୟବିତ୍ତ ଓଡ଼ିଆ ପରିବାରକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରିରହିଛି, ଯାହା ଚଳଚ୍ଚିତ୍ରଟିକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପ୍ରଶଂସା ତଥା ପୁରସ୍କାର ସାଉଁଟିବାରେ ସହାୟକ ହୋଇଛି। ଏହାର ଟାଇଟଲ ରହିଛି 'ପ୍ରତୀକ୍ଷା'। ବାପ-ପୁଅର ଅନାବିଳ ସମ୍ପର୍କର ବାସ୍ନା ଦର୍ଶକ ଏଥିରୁ ପାଇପାରିବେ। ଏଭଳି ଏକ ଭିନ୍ନ ଧରଣର ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁପରହିଟ୍ ୱେବ୍ ସିରିଜ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ'ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଏହି ଚଳଚ୍ଚିତ୍ରଟି ଚଳିତ ମାସ ୨ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ହେଲେ ଏହା ପୂର୍ବରୁ ଚିତ୍ରଟି ପାଣାଜିରେ ଆୟୋଜିତ ୫୩ତମ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ରେ ପ୍ରଦର୍ଶିତ ହୋଇ ଜୁରି ସଦସ୍ୟଙ୍କ ସହ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ରଚିତ ଏକ କ୍ଷୁଦ୍ରଗଳ୍ପକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଉକ୍ତ ଚିତ୍ରର ବିଭିନ୍ନ ଭୂମିକାରେ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ଶ୍ରୀଲା ତ୍ରିପାଠୀ, ରୁପାନ୍ୱିକା ନାୟକ, ସୁଶୀଲ ମିଶ୍ର, ଅବକାଶ ମିଶ୍ର ଏବଂ ବିଶେଷ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର ଅଭିନୟ କରିଛନ୍ତି। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଙ୍କେଶ ଆନନ୍ଦ-ଆଶିଷ ପ୍ରଧାନ। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


ରକୁଲ୍

# କେବଳ ଶାହରୁଖ

ରକୁଲ ପ୍ରୀତ ସିଂ କେବଳ ଜଣଙ୍କର ଅଭିନୟରେ ବେଶ୍ ପ୍ରଭାବିତ। ଏପରି କି ସେହି ଅଭିନେତାଙ୍କ ଅଭିନୀତ ସମସ୍ତ ସିନେମା ସେ ଦେଖିସାରିଛନ୍ତି। କାରଣ ବଲିଉଡ୍‌ରେ ସେ ହେଉଛନ୍ତି ତାଙ୍କର ମନ ପସନ୍ଦର ଅଭିନେତା। ସେ କିଏ ଜାଣନ୍ତି ? ଶାହରୁଖ ଖାଁ। ଏ ନେଇ ରକୁଲ୍ କହନ୍ତି, 'ପିଲାଟିଦିନରୁ ମୁଁ ଶାହରୁଖଙ୍କ ଅଭିନୟରେ ପ୍ରଭାବିତ। ଯେତେବେଳେ ତାଙ୍କ ସହ ପ୍ରଥମ ଭେଟ ହେଲା, ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିସାରିଛି। ଦିନ ଥିଲା ସେ ବଲିଉଡ୍‌ରେ ରାଜ୍ କରୁଥିଲେ। ଏବେ ତାଙ୍କର ଖରାପ ସମୟ ଚାଲିଛି। ଭଗବାନଙ୍କ ଆଶୀର୍ବାଦରୁ ସେ ପୁଣି ଥରେ ଚମକିବେ।' ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ ରକୁଲ। ଭାରତ ନାଟ୍ୟମ୍ ନୃତ୍ୟରେ ସେ ବେଶ୍ ପାରଙ୍ଗମ। ରକୁଲଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଗିଲି'ରୁ। ହାଇଦ୍ରାବାଦରେ ତାଙ୍କର ଏକ ନିଜସ୍ୱ ଜିମ୍ ରହିଛି।

# ଅଂଶୁମାନଙ୍କ ଗ୍ୟାଙ୍ଗୱାର

ଓଲିଉଡ୍‌ରେ ଅଂଶୁମାନ ସାମନ୍ତରାୟ ଏଣ୍ଟ୍ରି କରିଥିଲେ ଖଳନାୟକ ଭାବରେ। ଫିଲ୍ମଟି ଥିଲା 'ଆଇଲାରେ ଓଡ଼ିଆ ପୁଅ'। ତେବେ ୟା ଭିତରେ ସେ କେବଳ ଓଡ଼ିଆ ନୁହେଁ, ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିସାରିଛନ୍ତି। ତେବେ ବର୍ତ୍ତମାନ ସେ 'ଗ୍ୟାଙ୍ଗୱାର୍'ରେ ବ୍ୟସ୍ତ ଅଛନ୍ତି। ତେବେ ସତରେ କ'ଣ ସେ ଏପରି ଆଣ୍ଟିସୋସିଆଲ କାମରେ ବ୍ୟସ୍ତ ? କଥାଟି ସତ, ହେଲେ ତାହାର ସଂଯୋଗ ରହିଛି ତାଙ୍କର ରିଲ୍ ଲାଇଫ୍ ସହ। ଅର୍ଥାତ୍ 'ଗ୍ୟାଙ୍ଗୱାର' ଟାଇଟଲବିଶିଷ୍ଟ ଏକ ନୂଆ ଓଡ଼ିଆ ସିନେମାର ମୁଖ୍ୟ ଭୂମିକାରେ ସେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏହି ଆକ୍ସନଭିତ୍ତିକ ଫିଲ୍ମର ପ୍ରଯୋଜନା କରୁଛନ୍ତି ନିଜେ ଅଂଶୁମାନ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ କେବଳ ଆକ୍ସନ ଭରିରହିଛି। ମୁଁ ଏହାର ପ୍ରଯୋଜନା କରିବା ବ୍ୟତୀତ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇବି। ତା' ସହ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରୁଛି। ଏଥିରେ ମୁଁ ଏକ ଚଳନ୍ତା ଜିପ୍‌ରୁ ଡେଇଁ ଫାଇଟ୍ କରୁଥିବାର ଦୃଶ୍ୟ ଦର୍ଶକ ଦେଖିବାକୁ ପାଇବେ। ଅଂଶୁମାନଙ୍କ ବ୍ୟତୀତ ଅଶୋକ ସାହୁ, ମଧୁ, କୁସୁମ ତ୍ରିପାଠୀ, ଅନୁ ଏବଂ କବିରାଜ ମିଶ୍ର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

## ମହର୍ଷି

ସ୍ୱାଧୀନାତ ସଂଗ୍ରାମ ସମୟରେ ଯେଉଁ କେତେଜଣ ପ୍ରଖ୍ୟାତ ବ୍ୟକ୍ତି ଓଡ଼ିଶାରେ ଆଗଧାଡ଼ିର ଆଲୋକବର୍ତ୍ତିକା ସାଜିଥିଲେ ସେମାନଙ୍କ ମଧ୍ୟରୁ ଜୟୀ ରାଜଗୁରୁ ଅନ୍ୟତମ। ହେଲେ ସେତେବେଳେ ବ୍ରିଟିଶ ଶାସକ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ ପଛାଇ ନ ଥିଲେ। ହେଲେ ତାଙ୍କର ବୀରଗାଥା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ମହର୍ଷି'। ଏପରି ଏକ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ସିନେମାଟିକୁ ନିର୍ମାଣ କରିଛନ୍ତି ପ୍ରଦୀପ କୁମାର ସାହୁ। ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ରମାକାନ୍ତ କରଙ୍କ ନିବେଦିତ ଏହି ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଖାସ୍ କଥା ହେଲା, ଏଥିରେ ଜୟୀ ରାଜଗୁରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଚନ୍ଦନ କର। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଅମର ପତି କୋରିଓଗ୍ରାଫି ଦାୟିତ୍ୱ ତୁଲାଇଥିବା ବେଳେ କ୍ରିଏଟିଭ ଡାଇରେକ୍ଟର ଅଛନ୍ତି ଦେବାଶିଷ ଜେନା।

### ଛୋଟ ପରଦା

# ଦୃଢ଼ ଆତ୍ମବିଶ୍ୱାସ ରହିଛି


ଅଙ୍କିତା

ଭୂମିକା ଯେପରି ହେଉ ନା କାହିଁକି ତାହାକୁ ତୁଲାଇବା ସମୟରେ ନିଜ ଉପରେ ଦୃଢ଼ ବିଶ୍ୱାସ ରହିବା ନିହାତି ଦରକାର। ନ ହେଲେ ଏଭଳି ଦାୟିତ୍ୱକୁ ନେଇ ଆଣି ଥୋଇବା ସହଜ ନୁହେଁ। ଠିକ୍ ସେହିପରି ମୋତେ ଅଭିନୟ ଜୀବନର ପ୍ରଥମ ପାହାଚରେ ଯେଉଁ ରୋଲ୍ ମିଳିଛି ତାହାର ସଫଳତା ପଛରେ ମୋର ଦୃଢ଼ ଆତ୍ମବିଶ୍ୱାସ ହିଁ ଅନ୍ୟତମ କାରଣ ବୋଲି କହନ୍ତି ନବାଗତା ଅଙ୍କିତା ମିଶ୍ର। ଜୀ ସାର୍ଥକ ଚ୍ୟାନେଲରେ ବର୍ତ୍ତମାନ ପ୍ରସାରିତ ମେଗା ଧାରାବାହିକ 'ସୁନାଝିଅ'ର ଟାଇଟଲ ଭୂମିକା (ପ୍ରିୟା)ରେ ସେ ଅଭିନୟ କରୁଛନ୍ତି। ନିଜ ସମ୍ପର୍କରେ ସେ କହନ୍ତି, 'ରଜ କୁଇନ୍-୨୦୨୨'ରେ ଅଂଶଗ୍ରହଣ କରିବା ପରେ ମୋତେ 'ସୁନାଝିଅ'ର ଅଡିଶନ୍ ପାଇଁ ଡକାଯାଇଥିଲା। ଯାହାହେଉ ଠାକୁରଙ୍କ ଆଶୀର୍ବାଦରୁ ମୁଁ ଏଥିରେ ସଫଳ ହୋଇଥିଲି। ଅଭିନୟ କ୍ଷେତ୍ରରେ ମୁଁ ସମ୍ପୂର୍ଣ୍ଣ ନୂଆ। ଏହି ଧାରାବାହିକର ନିର୍ଦ୍ଦେଶକ ଗୌର ଶଙ୍କର ଦାସଙ୍କ ନିକଟରୁ ଅନେକ କିଛି ଶିଖିଛି। ତା'ସହ ଅନ୍ୟମାନଙ୍କ ଅଭିନୟକୁ ଲକ୍ଷ୍ୟ କରି ସେଥିରୁ ମଧ୍ୟ ଶିଖିବାକୁ ଚେଷ୍ଟା କରିଥାଏ। ପିଲାଦିନେ ଡ୍ୟାନ୍ସ ଏବଂ ଗୀତ ଶିଖୁଥିଲି। ବିଶେଷଭାବରେ ପଜିଟିଭ୍ ଭୂମିକାକୁ ପସନ୍ଦ କରିଥାଏ। 'ଜୀ ସାର୍ଥକରେ ଏହି ଧାରାବାହିକ ବର୍ତ୍ତମାନ ସୋମବାରରୁ ଶନିବାର ସନ୍ଧ୍ୟା ୭.୩୦-୮ଟା ପର୍ଯ୍ୟନ୍ତ ପ୍ରସାରିତ ହେଉଛି।

## ଫୁର୍‌ସତ୍

# ବେତନକୁ ନେଇ ୬୮% କର୍ମଚାରୀ ଅସୁଖୀ



ନୂଆଦିଲ୍ଲୀ: ଗୋଟିଏ କାର୍ଯ୍ୟାନୁଷ୍ଠାନରେ ବିଭିନ୍ନ ପ୍ରକାରର କର୍ମଚାରୀ କାମ କରନ୍ତି। ସବୁ କର୍ମଚାରୀଙ୍କୁ ସମାନ ପରିମାଣର ଦରମା ମିଳି ନ ଥାଏ। ଅଭିଜ୍ଞ ଲୋକଙ୍କୁ ଯଦି ଅଧିକ ଦରମା ମିଳେ ତେବେ ନୂଆ କରି ଚାକିରି କରିଥିବା ଲୋକଙ୍କୁ ତାଙ୍କଠାରୁ କମ୍ ବେତନ ମିଳେ। କାର୍ଯ୍ୟକ୍ଷମ ହେବା ଏବଂ ଦୁଇ ପଇସା ରୋଜଗାର ପାଇଁ ଲୋକେ ଚାକିରି କରନ୍ତି ସତ କିନ୍ତୁ କିଛିଦିନ ସେହି ବେତନରେ କାମ କରିବା ପରେ କର୍ମଚାରୀଙ୍କଠାରେ ଅସନ୍ତୋଷ ଦେଖିବାକୁ ମିଳେ। ପ୍ରତି ୩ ଜଣରେ ଜଣେ ବ୍ୟକ୍ତି ନିଜ ଦରମାକୁ ନେଇ ଖୁସିଥିବା ସନ୍‌ସଏଟିଂ ଫାର୍ମ ଗର୍ଟନର ଆଉଏନ୍‌ସି ପକ୍ଷରୁ କରାଯାଇଥିବା ସର୍ଭେରେ ଉଲ୍ଲେଖ କରାଯାଇଛି। ଏପ୍ରକାର ଅସନ୍ତୋଷ ଦେଖାଯିବାର ମୁଖ୍ୟ କାରଣଗୁଡ଼ିକ ହେଲା, କର୍ମଶାଳାରେ ପ୍ରଚଳିତ ପୁରୁଣା ପ୍ରଥା, ବେତନ ବୃଦ୍ଧିରେ ଅନିୟମିତତା, ଓଭର ଡ୍ୟୁଟି ଇତ୍ୟାଦି। ମାଲିକ ଓ କର୍ମଚାରୀଙ୍କ ଭିତରେ ଭରସାର ଅଭାବ ମଧ୍ୟ ଏହାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଗର୍ଟନର ପକ୍ଷରୁ କରାଯାଇଥିବା ସର୍ଭେରେ ମୋଟ ୩୫୦୦ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା। ଏଥିରୁ ୩୨% କର୍ମଚାରୀ ନିଜ ଦରମାକୁ ନେଇ ଖୁସି ଥିବାବେଳେ ୬୮% ଲୋକ ଦରମାକୁ ନେଇ ଅସୁଖୀ ଥିବା ଜଣାପଡ଼ିଛି। ବଡ଼ କମ୍ପାନୀଗୁଡ଼ିକରେ ଦରମାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ବିବାଦ ମଧ୍ୟ ଦେଖାଯାଇଥାଏ। ଦରମାକୁ ନେଇ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ କରାଯାଉଥିବା ତର୍କର ପ୍ରଭାବ ଦରମା ଉପରେ ପଡ଼ିଥାଏ।

# ପେଟରେ ୩ କେଜି କେଶ

ବେଜିଂ



ବିଭିନ୍ନ ପ୍ରକାର ଲୋକଙ୍କ ପସନ୍ଦ ଭିନ୍ନ ଭିନ୍ନ । ଖାଦ୍ୟକୁ ନେଇ ମଧ୍ୟ ସମାନ ଚିନ୍ତାଧାରା ରହିଥାଏ। କେତେଜଣ ଲୋକଙ୍କୁ ଜଙ୍କ୍‌ଫୁଡ୍ ଖାଇବାକୁ ଆଗ୍ରହ ଥିବାବେଳେ ଆଉ କେତେଜଣ ସ୍ୱାସ୍ଥ୍ୟକର ଖାଦ୍ୟ ପସନ୍ଦ କରନ୍ତି। କିନ୍ତୁ ଚାଇନାର ଶି ହାଇଙ୍କୁ ଭଲଲାଗେ ନିଜ କେଶ ଖାଇବା। ନିଜର ଏ ପ୍ରକାର ସଉକ ପାଇଁ ସେ ଏବେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପାକସ୍ଥଳୀରେ ଏକାଧିକ କିଲୋଗ୍ରାମର କେଶ ସବୁ ଜମା ହେବା କାରଣରୁ ଖାଦ୍ୟ ପାଇଁ ପାକସ୍ଥଳୀରେ ଜାଗା ନାହିଁ। ପେଟରେ ଯନ୍ତ୍ରଣା ଅନୁଭବ ହେବାପରେ ସେ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଏକ୍ସରେ ପରେ ଜଣାପଡ଼ିଥିଲା ଯେ, ଶି ହାଇଙ୍କ ପାକସ୍ଥଳୀରେ ଏତେମାତ୍ରାରେ କେଶ ଜମା ରହିଛି ଯେ, ଖାଦ୍ୟ ପାଇଁ ସ୍ଥାନ ନାହିଁ। ପରବର୍ତ୍ତୀ ସମୟରେ ଅସୁସ୍ଥ ନାବାଳିକାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ପେଟରୁ ୩ କେ.ଜି. ଓଜନର କେଶ ବାହାର କରିଥିଲେ ଡାକ୍ତର। ନାବାଳିକାଙ୍କୁ ଖାଦ୍ୟ ଅପେକ୍ଷା କେଶ ଖାଇବାକୁ ପସନ୍ଦ ଥିଲା। ଆଶ୍ଚର୍ଯ୍ୟର କଥା ଶି ହାଇ ନିଜ କେଶକୁ ହିଁ ଖାଦ୍ୟଭାବେ ଗ୍ରହଣ କରୁଥିଲେ। ମୁଣ୍ଡରୁ କେଶ ଛିଣ୍ଡାଇ ଖାଇବା କାରଣରୁ ସେ ଲଣ୍ଡା ମଧ୍ୟ ହୋଇଯାଇଛନ୍ତି। ଅସ୍ତ୍ରୋପଚାର ପାଇଁ ଡାକ୍ତରଙ୍କୁ ୨ ଦିନ ସମୟ ଲାଗିଥିବାବେଳେ ଶି ହାଇଙ୍କ ସ୍ୱାସ୍ଥ୍ୟ ଏବେ ଠିକ୍ ଥିବା ଡାକ୍ତରମାନେ କହିଛନ୍ତି।

# ଓଭରକନ୍‌ଫିଡେଣ୍ଟ ନୱାଜୁଦ୍ଦିନ



ମୁମ୍ବାଇ: ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣେ ଜଣାଶୁଣା ଅଭିନେତା ହେଉଛନ୍ତି ନୱାଜୁଦ୍ଦିନ ସିଦ୍ଦିକି। କଳାକାର ହିସାବରେ ସେ ଜଣେ ଭଲ ମଣିଷ ହୋଇଥିବାବେଳେ ତାଙ୍କ ଚମତ୍କାର ଅଭିନୟର ଅନେକ ଫ୍ୟାନ୍। କେହି କେହି ତାଙ୍କୁ ସେଲ୍ଫମେଡ୍ ଆକ୍ଟର ବୋଲି କୁହନ୍ତି। ତେବେ ନିକଟରେ ନୱାଜୁଦ୍ଦିନଙ୍କ ତିନିଟି ଫିଲ୍ମ ହିରୋପନ୍ତି ୨, ମୋତିଚୁର ଚକନାଚୁର ଫିଲ୍ମ ବକ୍ସ ଅଫିସ୍‌ରେ ବିଫଳ ହୋଇଛି। ଚଳଚ୍ଚିତ୍ର ଫ୍ଲପ୍ ହେବା ନେଇ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଫିଲ୍ମର କାହାଣୀ ଦର୍ଶକଙ୍କୁ ପସନ୍ଦ ନ ଆସିବାରୁ ତାହା ବକ୍ସ ଅଫିସ୍‌ରେ ଫ୍ଲପ୍ ହେବାର ଆଶଙ୍କା ରହିଛି। ଦୁର୍ବଳ କାହାଣୀ ପାଇଁ ହଲ୍‌ରେ ସିନେମା ଚାଲିବନି ସତ କିନ୍ତୁ ଇଣ୍ଡଷ୍ଟ୍ରିରେ ନୱାଜୁଦ୍ଦିନଙ୍କ କ୍ରେଜ୍ କେବେ କମିବ ନାହିଁ। ଫିଲ୍ମର ବିଫଳତା ପଛରେ କଳାକାରଙ୍କ ସମ୍ପୃକ୍ତି ଥିବା ଅନେକ ସମୟରେ ଆଲୋଚନା ହୋଇଥାଏ। ଏ କଥାର କୌଣସି ବାସ୍ତବତା ନାହିଁ। କାରଣ ଫିଲ୍ମର କାହାଣୀ ଓ ନିର୍ଦ୍ଦେଶନା ହିଁ ଦର୍ଶକଙ୍କୁ ବାନ୍ଧି ରଖିଥାଏ। ଏ ଦୁଇଟି ଜିନିଷରୁ ଗୋଟିଏ ପକ୍ଷ ଦୁର୍ବଳ ହୋଇଗଲେ ତା'ପ୍ରଭାବ ଫିଲ୍ମ ଉପରେ ପଡେ। ଏହାଦ୍ୱାରା କୌଣସି ଅଭିନେତାଙ୍କର କ୍ଷତି ହୋଇ ନ ଥାଏ।

# ପୂଜକଶୂନ୍ୟ ମନ୍ଦିର



ବ୍ୟାଙ୍କକ

ମଧ୍ୟ ଥାଇଲାଣ୍ଡର ଫେଚବନ୍ ପ୍ରଦେଶରେ ଅବସ୍ଥିତ ଏକ ବୁଦ୍ଧ ମନ୍ଦିରରେ ଏବେ ଜଣେ ହେଲେ ପୂଜକ ନାହାନ୍ତି। ଜିଲା ଅଧିକାରୀଙ୍କ ଦ୍ୱାରା ସୋମବାର ମନ୍ଦିର ପୂଜାକଙ୍କର ଡ୍ରଗ୍ସ ଟେଷ୍ଟ କରାଯାଇଥିଲା। ସେମାନେ ସମସ୍ତେ ଅତ୍ୟଧିକମାତ୍ରାରେ ନିଶାଦ୍ରବ୍ୟ ସେବନ କରୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ରିହାବ୍ ସେଣ୍ଟରକୁ ପଠାଇ ଦେଇଛନ୍ତି। ମନ୍ଦିରରେ କେହି ପୂଜକ ନ ଥିବା ଯୋଗୁ ଅଧିକାଂଶ ରୀତିନୀତି ବନ୍ଦ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ମନ୍ଦିରରେ ମୋଟ ୪ ଜଣ ପୂଜକଙ୍କ ସହ ଜଣେ ମହନ୍ତ ରହୁଥିଲେ।

# ଏଚ୍‌ଆଇଭି /ଏଡ୍‌ସ କମାଯାଇପାରିବ

ଆମ ଦେଶରେ ଏଚ୍‌ଆଇଭି/ଏଡ୍‌ସର ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏହା ସତ୍ତ୍ୱେ ଗତବର୍ଷ ଏହି ରୋଗରେ ଆମ ଦେଶରେ ୨୪ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ପୀଡ଼ିତ ଥିବାର ଆକଳନ କରାଯାଇଛି। ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀଙ୍କର ବୟାନ ଅନୁଯାୟୀ ଏହା ହେଉଛି ୨୦୨୧ର ଆକଳନ। ଏଥିମଧ୍ୟରୁ ପାଖାପାଖି ୧୧ ଲକ୍ଷ ମହିଳା ଅର୍ଥାତ୍ ୪୫% ଓ ୫୧,୦୦୦ ହେଉଛନ୍ତି (୨%) ୧୨ବର୍ଷରୁ କମ୍ ଶିଶୁ।

ମହାରାଷ୍ଟ୍ରରେ ସର୍ବାଧିକ ୪ଲକ୍ଷ ପାଖାପାଖି, ଆନ୍ଧ୍ର ପ୍ରଦେଶରେ ୩ ଲକ୍ଷ ୨୦ ହଜାର ଓ କର୍ଣାଟକରେ ସଂଖ୍ୟା ହେଉଛି ୨ଲକ୍ଷ ୭୬ ହଜାର। ମାତ୍ର ଆମ ରାଜ୍ୟରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ହ୍ରାସ ହେବାରେ ଲାଗିଛି। ପରୀକ୍ଷା ସଂଖ୍ୟାରେ ବୃଦ୍ଧି ଘଟିଥିଲେ ମଧ୍ୟ ପ୍ରତିବର୍ଷ କମ୍‌ରୁ କମ୍ ଚିହ୍ନଟ ହେଉଛନ୍ତି। ୧୯୧୫ରୁ ୨୦୨୧ ମଧ୍ୟରେ ରାଜ୍ୟରେ ୨୦,୫୯୩ ଜଣ ଚିହ୍ନଟ ହୋଇଥିବା ବେଳେ ୨୦୨୦ରେ ମାତ୍ର ୨୨୧୨ ଜଣ ଓ ୨୦୨୧ରେ ମାତ୍ର ୨୨୫୩ ଜଣ ସଂକ୍ରମିତ ଥିବାର ଜଣାଯାଇଛି। ଅସୁରକ୍ଷିତ ଯୌନସମ୍ପର୍କକୁ ଏହାର ପ୍ରମୁଖ କାରଣ କୁହାଯାଉଛି।




ତେଣୁ ଏହି ପରିପ୍ରେକ୍ଷୀରେ ସତର୍କତା ଓ ସୁରକ୍ଷା ଉଭୟ ବିଷୟରେ ଗୁରୁତ୍ୱ ଆରୋପ କରାଯାଇ କାର୍ଯ୍ୟ ବିଧାନ କଲେ ସଂକ୍ରମଣ ହ୍ରାସ ପାଇପାରିବ। ଏଡ୍‌ସ ନିୟନ୍ତ୍ରଣ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀ, ପରାମର୍ଶଦାତା, ଲାବରେଟୋରି ପରୀକ୍ଷକ ଓ ସର୍ବୋପରି ଡାକ୍ତରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ରୋଗ ନିର୍ଣ୍ଣୟ କରିବା ପାଇଁ ସାମାଜିକ ସ୍ତରରେ କିପରି କାର୍ଯ୍ୟ କରାଯାଇପାରିବ, ସମ୍ଭାବ୍ୟ କ୍ଷେତ୍ରରେ କିପରି ପରାମର୍ଶ ଓ ଆଲୋଚନା ମାଧ୍ୟମରେ ପରୀକ୍ଷା ଦ୍ୱାରା ରୋଗ ନିରୂପଣ କରିହେବ ତାହା ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କ କ୍ଷେତ୍ରରେ ମଧ୍ୟ ଆହୁରି ସତର୍କ ଓ ସଚେତନତାର ଆବଶ୍ୟକତା ରହିଛି। ମାତ୍ର ଗର୍ଭାବସ୍ଥାରେ ସମସ୍ତଙ୍କର ପରୀକ୍ଷା କରାଯାଉଥିବାରୁ କ୍ରମଶଃ ମା' ଓ ନବଜାତ ଶିଶୁମାନଙ୍କ କ୍ଷେତ୍ରରେ ଏହାକୁ ବିଶେଷ ଭାବେ ହ୍ରାସ କରାଯାଇପାରିଛି। ଏହା ଉଭୟ ସ୍ୱାସ୍ଥ୍ୟ ବିଭାଗ, ଏଡ୍‌ସ ନିୟନ୍ତ୍ରଣ ସମିତି ଓ ସର୍ବୋପରି ସରକାରଙ୍କର ଏକ ବଡ଼ ଉପଲବ୍ଧି।

ସେହିପରି ରକ୍ତଦାନ ଓ ରକ୍ତ ସଞ୍ଚାରଣ ସମୟରେ ମଧ୍ୟ ଅତ୍ୟାଧୁନିକ ପରୀକ୍ଷା ଦ୍ୱାରା ଏହାକୁ ନିର୍ଣ୍ଣୟ କରାଯାଇ ଉପଯୁକ୍ତ ବିଧାନ କରାଯାଇପାରୁଛି। ଏଡ୍‌ସ ନିମନ୍ତେ କେତେଗୁଡ଼ିଏ ଗୋଷ୍ଠୀର ବ୍ୟକ୍ତିବିଶେଷ ବହୁତ ସତର୍କ ହେବା ଆବଶ୍ୟକ। ସେହିପରି ଗୋଷ୍ଠୀଗୁଡ଼ିକୁ ବିଶେଷ ତାଲିମପ୍ରାପ୍ତ ପରାମର୍ଶଦାତାମାନେ ଆପୋସ ଆଲୋଚନା ମାଧ୍ୟମରେ ମୁଖ୍ୟସ୍ରୋତକୁ ଆଣି ରୋଗ ନିର୍ଣ୍ଣୟ ଓ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ଥାଆନ୍ତି।

ଏଡ୍‌ସ ପୀଡ଼ିତ/ପୀଡିତାଙ୍କ ନାମ ଓ ପରିଚୟ ଗୋପନ ରଖାଯାଇଥାଏ, ପରୀକ୍ଷା ସମୟରେ ମଧ୍ୟ ଏହା ସାର୍ବଜନୀନ କରାଯାଇ ନ ଥାଏ। ଏହା ସହିତ ସେମାନଙ୍କୁ ସମ୍ପୂର୍ଣ୍ଣ ବ୍ୟୟମୁକ୍ତ ଚିକିତ୍ସା ସହିତ, ସାମାଜିକ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। କ୍ରମଶଃ ଏଥିପ୍ରତି ଥିବା ସାମାଜିକ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଲାଣି ଓ ଅନେକ ବ୍ୟକ୍ତି ସାମାଜିକ କ୍ଷେତ୍ରରେ ଏଥିପାଇଁ ନିରନ୍ତର କାର୍ଯ୍ୟରତ ଅଛନ୍ତି।

-ଡା. ରାମଚନ୍ଦ୍ର ରାଉତ
ବରିଷ୍ଠ ଚିକିତ୍ସକ
ମୋ:୯୪୩୭୭୪୨୪୯୯

## ଏୟାର ଇଣ୍ଡିଆରେ ମିଶିବ ଭିସ୍ତାରା

ନୂଆଦିଲ୍ଲୀ: ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆର ମାଲିକାନା ହାସଲ କରିଥିବା ଟାଟା ବର୍ତ୍ତମାନ ଭିସ୍ତାରା ଏୟାରଲାଇନ୍ସକୁ କମ୍ପାନୀ ସହ ମିଶାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଏପରିକି ୨୦୨୪ ମାର୍ଚ୍ଚ ମଧ୍ୟରେ ଭିସ୍ତାରା ଏୟାର ଲାଇନକୁ ଏୟାର ଇଣ୍ଡିଆ ସହିତ ମିଶାଇବା ନେଇ ସିଙ୍ଗାପୁର ଏୟାର ଲାଇନ୍ ପକ୍ଷରୁ କୁହାଯାଇଛି। କାରଣ ଟାଟା ସହ ମିଶି ସିଙ୍ଗାପୁର ଏୟାରଲାଇନ୍ ଭିସ୍ତାରାର କିଛି ଶେୟାର ଅଧିଗ୍ରହଣ କରିଛି। ତେବେ ଭିସ୍ତାରା ଏୟାର ଇଣ୍ଡିଆ ସହ ମିଶିବା ପରେ ଏକ ବୃହତ୍ ଆଭିଏସନ ୱିଙ୍ଗ୍‌ରେ ପରିଣତ ହେବ। ମିଳିଥିବା ସୂଚନା ଅନୁସାରେ ସିଙ୍ଗାପୁର ଏୟାରଲାଇନ୍ ଏବଂ ଏୟାର ଇଣ୍ଡିଆ ମିଳିତ ଭାବେ ଭିସ୍ତାରାର ୨୫% ଅଂଶଧନ କିଣିବାକୁ ଯାଉଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶେୟାର ବଜାରରେ ଉତ୍ସାହ

## ୬୩, ୦୦୦ ଅଙ୍କରେ ସେନସେକ୍ସ

**ନୂଆଦିଲ୍ଲୀ,୩୦।୧୧**

ଭାରତୀୟ ଷ୍ଟକ୍ ବଜାରର ଫଳାଫଳ କ୍ରମାଗତ ଭାବେ ଭଲ ରହିବା ସାଙ୍ଗକୁ ନିବେଶ ମଧ୍ୟ ବୃଦ୍ଧି ପାଉଛି। ଏପରିକି ଶେୟାର ବଜାରରେ ନିବେଶ କରୁଥିବା ନିବେଶକମାନେ ବେଶ୍ ଉତ୍ସାହିତ ରହିଛନ୍ତି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର କାରବାର ଫଳାଫଳ ପରେ ସେନ୍‌ସେକ୍ସ ପ୍ରଥମ ଥର ପାଇଁ ୬୩,୦୦୦ ଅଙ୍କରେ ବନ୍ଦ ହୋଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍‌ଟି ମଧ୍ୟ ୧୯,୦୦୦ ଅଙ୍କର ନିକଟବର୍ତ୍ତୀରେ ରହିଛି। ଅପରପକ୍ଷରେ ବୁଧବାର ଦଲାଲ ଷ୍ଟ୍ରିଟ୍‌ର କାରବାର ବନ୍ଦ ହେବା ବେଳକୁ ପ୍ରାୟ ୨.୪୦ ଲକ୍ଷ କୋଟି ଟଙ୍କାର ଲାଭ କରିଥିବା ଜଣାପଡିଛି। କାରଣ ବିଏସ୍‌ଇରେ ପଞ୍ଜୀକୃତ ନିବେଶକଙ୍କ ଶେୟାରଗୁଡିକ ମାର୍କେଟ୍ କ୍ୟାପିଟାଲାଇଜେଶନ ୨ ଲକ୍ଷ ୪୦ ହଜାର କୋଟି ବୃଦ୍ଧି ପାଇ ୨୮୮.୫୫ ଲକ୍ଷ କୋଟିରେ ପହଞ୍ଚିଛି। ସେହିଭଳି ବୁଧବାର କେନ୍ଦ୍ର ସରକାର ଚଳିତ ବର୍ଷର ୨ୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର) ଶେଷ ସୁଦ୍ଧା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବାର କିଛି ସମୟ ପୂର୍ବରୁ ବଜାର କାରବାର ବହୁତ ଭଲ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଷ୍ଟକ୍ ବଜାରରେ ଏହି ଉତ୍ସାହ ପଛରେ ଏକ ବଡ଼ କାରଣ ରହିଛି, ତାହା ହେଉଛି ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସାଙ୍ଗକୁ ଚାଇନାରେ କୋଭିଡ୍ କଟକଣା ଓ ଲକ୍‌ଡାଉନ ଯୋଗୁ ତୈଳ ଚାହିଦା ହ୍ରାସ ପାଇଛି।




କ୍ରମାଗତ ୭ମ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ଫଳରେ ଶେୟାର ବଜାରର ନିବେଶକମାନେ କିଛି ପରିମାଣରେ ନିବେଶ ବୃଦ୍ଧି କରିପାରିଛନ୍ତି। ବୁଧବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୮(୪୧୭.୮୧) ପଏଣ୍ଟ ବଢ଼ି ୬୩,୧୦୦ (୬୩,୦୯୯.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍‌ଟି-୫୦ରେ ମଧ୍ୟ ୧୪୦ (୧୪୦.୩୦) ପଏଣ୍ଟ ବୃଦ୍ଧି ଘଟି ୧୮,୭୫୮ (୧୮,୭୫୮.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ମନ୍ଥର ଗତିରେ ଦେଶର ଅର୍ଥନୀତି'

## ୬.୩% ଖସିଲା ଅଭିବୃଦ୍ଧି ହାର

**ନୂଆଦିଲ୍ଲୀ,୩୦।୧୧**

ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଶେଷ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୩% ବୃଦ୍ଧି ପାଇଛି। ଏପରିକି କୋଭିଡ୍ କଟକଣା ଓ ମାନ୍ଦାବସ୍ଥାରୁ ବାହାରକୁ ଆସିବା ପରେ ବି ଦେଶରେ ଅର୍ଥନୀତିର ଗତି ମନ୍ଥର ରହିଛି ବୋଲି କୁହାଯାଉଛି। ବିଶେଷକରି ୨୦୨୨ ଜୁଲାଇରୁ ସେପ୍ଟେମ୍ବର ଶେଷ ସୁଦ୍ଧା ଦେଶର ଅର୍ଥନୈତିକ ଅଭିବୃଦ୍ଧି ୬.୩% ହାରରେ ବୃଦ୍ଧି ଘଟିଛି। ହେଲେ ଗତ ବର୍ଷ ଏହି ସମୟ ମଧ୍ୟରେ ଦେଶର ଜିଡିପି ହାର ୮.୪% ରହିଥିଲା। ତେବେ ପୂର୍ବରୁ ୨ୟ ତ୍ରୈମାସିକ ଅଭିବୃଦ୍ଧି ପ୍ରାୟ ୭% ମଧ୍ୟରେ ରହିବ ବୋଲି ବିଭିନ୍ନ ସଂସ୍ଥା ଓ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଥିଲା। ସେହିପରି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ର ପୂର୍ବାନୁମାନ ଅନୁସାରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର୍ ୬.୧ରୁ ୬.୩% ରହିବ ବୋଲି ଆକଳନ କରାଯାଇଥିଲା। ଅପରପକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ରିପୋର୍ଟ ଅନୁସାରେ ୨ୟ ତ୍ରୈମାସିକର ଅଭିବୃଦ୍ଧି ହାର ୫.୮% ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ୨ତ୍ରୈମାସିକ ମଧ୍ୟରେ ଦେଶର ଅଭିବୃଦ୍ଧି ହାର ମନ୍ଥର ହେବାର ଅନେକ କାରଣ ରହିଛି। ଏପରିକି ଦେଶର ମୁଖ୍ୟ ଉଦ୍ୟୋଗଗୁଡିକ ଓ ଏମ୍‌ଏମ୍‌ଏସ୍‌ଇ କ୍ଷେତ୍ରରେ ବ୍ୟାପକ ମାନ୍ଦାବସ୍ଥା ଦେଖାଦେଇଥିବାରୁ ଅଭିବୃଦ୍ଧି ହାର ଧିମା ରହିଥିଲା। ବିଶେଷ କରି କୋର୍ ଇଣ୍ଡଷ୍ଟ୍ରି ଯଥା କୋଇଲା, କ୍ରୁଡ୍ ଅଏଲ, ନ୍ୟାଚୁରାଲ୍ ଗ୍ୟାସ୍, ରିଫାଇନେରି ପ୍ରଡକ୍ଟ, ସାର, ବିଷ, ଷ୍ଟିଲ୍, ସିମେଣ୍ଟ ଓ ଇଲେକ୍ଟ୍ରିସିଟି ଭଳି କ୍ଷେତ୍ରରେ କାରବାର ଧିମା ଗତିରେ ଚାଲୁଥିବାରୁ ଅଭିବୃଦ୍ଧି ହାର ମଧ୍ୟ କମ୍ ହୋଇଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଆଜିଠାରୁ ମହଙ୍ଗା ହେବ ହିରୋ ବାଇକ୍

**ନୂଆଦିଲ୍ଲୀ,୩୦।୧୧**

ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପୁଣି ଥରେ ଯାନ ଦର ବୃଦ୍ଧି କରିବ ବୋଲି ଘୋଷଣା କରିଛି। ଏପରିକି ଚଳିତ ବର୍ଷ ଡିସେମ୍ବର ୧ରୁ ହିରୋର ସମସ୍ତ ମୋଟର ସାଇକେଲ ମୂଲ୍ୟ ବୃଦ୍ଧି ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ୨ ଚକିଆ ଯାନ ପାଇଁ ଆବଶ୍ୟକ କଞ୍ଚାମାଲ ଓ ଅନ୍ୟାନ୍ୟ କାରଣ ଯୋଗୁ ଦର ବୃଦ୍ଧି କରାଯାଉଥିବା କୁହାଯାଇଛି। ଏପରିକି କମ୍ପାନୀର ୨ଚକିଆ ଯାନ ମୂଲ୍ୟରେ ୧୫୦୦ଟଙ୍କା ଲେଖାଏ ବୃଦ୍ଧି ହେବ ବୋଲି ଜଣାପଡ଼ିଛି। କମ୍ପାନୀର ଡିଲକ୍ସ, ସ୍ପ୍ଲେଣ୍ଡର, ପ୍ୟାଶନ ସହ ଅନ୍ୟ ଗାଡ଼ିଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ ଫାଇନାନ୍ସିଆଲ୍ ଅଫିସର ନିରଞ୍ଜନ ଗୁପ୍ତା କହିଛନ୍ତି, ବର୍ତ୍ତମାନର ମହଙ୍ଗା ସ୍ଥିତି ଯୋଗୁ ଗାଡ଼ିଗୁଡ଼ିକର ମୂଲ୍ୟ ବୃଦ୍ଧି କରିବାକୁ ପଡୁଛି। କାରଣ ଗାଡ଼ି ପାଇଁ ଆବଶ୍ୟକ ବିଭିନ୍ନ ପାର୍ଟର ମୂଲ୍ୟ ମଧ୍ୟ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଏହାର ଓଭର ଅଲ୍ ମାର୍କେଟିଂ କଷ୍ଟ ମଧ୍ୟ ବଢ଼ିଛି। ଏଥିପାଇଁ ସବୁ ଗାଡ଼ିର ମୂଲ୍ୟରେ ବୃଦ୍ଧି କରିବାକୁ ଯାଉଛୁ ବୋଲି କମ୍ପାନୀ ଘୋଷଣା କରିଛି।




ଭୁବନେଶ୍ୱର-କଟକ କମିଶନ୍‌ରେଟ ପୋଲିସ୍ ମୁଖ୍ୟାଳୟରେ ବୁଧବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଚନ୍ଦ୍ର ଶେଖର ଶର୍ମା ଦୁର୍ଘଟଣାଜନିତ ବୀମାର ହିତାଧିକାରୀଙ୍କୁ ଚେକ୍ ଜରିଆରେ ବୀମାରାଶି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ପ୍ରଦାନ କରୁଛନ୍ତି।

# ପ୍ରଶାନ୍ତ କୁମାର ଏଏଆଇର ସଭାପତି ନିର୍ବାଚିତ

**ନୂଆଦିଲ୍ଲୀ,୩୦।୧୧**


ପ୍ରଶାନ୍ତ କୁମାର

ସାଉଥ ଏସିଆ ଅଫ୍ ଗ୍ରୁପ୍-ଏମ୍ ମିଡିଆ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରଶାନ୍ତ କୁମାର ବିଜ୍ଞାପନ ଶିଳ୍ପର ଜଣାଶୁଣା ସଂଘ ଆଡଭର୍ଟାଇଜିଂ ଏଜେନ୍ସି ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ)ର ନୂତନ ସଭାପତି ଭାବେ ବୁଧବାର ନିର୍ବାଚିତ ହୋଇଛନ୍ତି। ଏପରିକି ଏଏଆଇର ବାର୍ଷିକ ସାଧାରଣ ଅଧିବେଶନରେ ପ୍ରଶାନ୍ତ ୨୦୨୨-୨୩ ବର୍ଷ ପାଇଁ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ଏଏଆଇ ପକ୍ଷରୁ କୁହାଯାଇଛି। ସେହିଭଳି ହାଭାସ୍ ଗ୍ରୁପ୍ ଇଣ୍ଡିଆର ଗ୍ରୁପ୍ ସିଇଓ ରାଣା ବରୁଆ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ମ୍ୟାଟ୍ରିକ୍ସ ପବ୍ଲିକେଶନ୍ସ ଏବଂ ମିଡିଆ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିଶନଦାସ ହର୍ଦାସାନି, କ୍ରାୟନ୍ସ ଆଡଭର୍ଟାଇଜିଂ ପ୍ରା.ଲି.ର କୁନାଲ ଲାଲାନି, କିନେକ୍ଟ ପ୍ରା.ଲି.ର ରୋହନ ମେହେଟା, କୋଚିନ୍‌ର ମୈତ୍ରୀ ଆଡଭର୍ଟାଇଜିଂ ୱାର୍କସ୍ ପ୍ରା.ଲି.ର ଚନ୍ଦ୍ରମୌଳି ମୁଥୁ,ବିଇହାଇଭ କମ୍ୟୁନିକେଶନ୍ସ ପ୍ରା.ଲି.ର ଶ୍ରୀଧର ରାମାସୁବ୍ରମଣ୍ୟନ୍, ଇନ୍‌ସିଏଟିଭ୍ ମିଡିଆ ଇଣ୍ଡିଆ ପ୍ରା.ଲି.ର ଶଶିଧର ସିହ୍ନା, ହାଇଦ୍ରାବାଦର ସ୍ଲୋକା ଆଡଭର୍ଟାଇଜିଂ ପ୍ରା.ଲି.ର କେ. ଶ୍ରୀନିବାସ ଏବଂ ଇନ୍‌ଓସେନ ୱାର୍ଲଡୱାଇଡ୍ କମ୍ୟୁନିକେଶନ ପ୍ରା.ଲି.ର ବିବେକ ଶ୍ରୀବାସ୍ତବ ସଂଘର ବୋର୍ଡକୁ ପର୍ଯ୍ୟାୟକ୍ରମେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସଂଘର ପୂର୍ବତନ ସଭାପତି ଅନୁପ୍ରିୟା ଆଚାର୍ଯ୍ୟ ୨୦୨୨-୨୩ ପାଇଁ ଏଏଆଇ ବୋର୍ଡର ପୂର୍ବତନ ଅଫିସିଆଲ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏ ସମ୍ପର୍କରେ ଏଏଆଇର ସଭାପତି ପ୍ରଶାନ୍ତ କୁମାର (ପି.କେ.) କହିଛନ୍ତି ,ଏଭଳି ଏକ ସମ୍ମାନଜନକ ସଙ୍ଗଠନର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏପରିକି ଯଦି ଆମେ ଏକାଠି କାମ କରିବା ତେବେ ଆମେ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇପାରିବା ବୋଲି ସେ ମତପ୍ରକାଶ କରିଛନ୍ତି। ଏଏଆଇ ମଧ୍ୟରେ ଥିବା ମୋର ସାଥୀ ଏବଂ ସହକର୍ମୀମାନେ ଆଗାମୀ ଦିନରେ ଆବଶ୍ୟକ ସହଯୋଗ କରିବେ ବୋଲି ମୋର ଆଶା ରହିଛି। ସେହିଭଳି ଏଏଆଇର ବିଦାୟୀ ସଭାପତି ଅନୁପ୍ରିୟା ଆଚାର୍ଯ୍ୟ କହିଛନ୍ତି, ଗତ ୨ ବର୍ଷ ଧରି ଏଏଆଇର ସଭାପତି ଭାବେ କାର୍ଯ୍ୟ କରିବା ମୋ ପାଇଁ ଏକ ସୌଭାଗ୍ୟର ବିଷୟ ଥିଲା। ସେ ଦୀର୍ଘଦିନ ଧରି ଭାରତୀୟ ଗଣମାଧ୍ୟମ ଏବଂ ବିଜ୍ଞାପନ ଶିଳ୍ପର ପ୍ରମୁଖ ସଦସ୍ୟ ରହି ଆସିଛନ୍ତି। ମୁଁ ନିଶ୍ଚିତ ଯେ ସେ ଆସୋସିଏସନକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ସହ ବିକାଶମୂଳକ କାର୍ଯ୍ୟ ଜାରି ରଖିବେ।ଉଲ୍ଲେଖଯୋଗ୍ୟ, ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ହେବ ପି.କେ. ଗ୍ରୁପ୍-ଏମ୍ ସହ ଜଡ଼ିତ ରହିବା ସହିତ ବିଜ୍ଞାପନ ଶିଳ୍ପରେ କାର୍ଯ୍ୟ କରିସାରିଛନ୍ତି। ସେ ଏହା ପୂର୍ବରୁ ପେପ୍‌ସି, ଦି ହିନ୍ଦୁ, ଦି ମିଡିଆ ଏଜ୍ ଏବଂ ମ୍ୟାକ୍‌କାନ୍ ଏରିକ୍ସନ୍ ଭଳି ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ୨୦୨୦-୨୨ ପର୍ଯ୍ୟନ୍ତ ଏଏଆଇର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିଛନ୍ତି।

# ନରୱେ ରାଷ୍ଟ୍ରଦୂତଙ୍କ ସହ ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ସାକ୍ଷାତ




**ଭୁବନେଶ୍ୱର,୩୦।୧୧**

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ୩ୟ ସଂସ୍କରଣର ଶୁଭାରମ୍ଭ ବୁଧବାର ହୋଇଯାଇଛି। ଉକ୍ତ କନ୍‌କ୍ଲେଭରେ ଯୋଗଦେବାକୁ ଆସିଥିବା ନରୱେର ରାଷ୍ଟ୍ରଦୂତଙ୍କ ସହ ଓଡ଼ିଶାର ଖଣି ଓ ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କର ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଯାଇଛି। ଏପରିକି ବୁଧବାର ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ସମ୍ମିଳନୀ (ବୋର୍ଡ ରୁମ୍) କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ମଲ୍ଲିକ ଭାରତରେ ଅବସ୍ଥାପିତ ନରୱେର ରାଷ୍ଟ୍ରଦୂତ ହାନ୍‌ସ ଜାକୋବଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ସହ ବିଭିନ୍ନ ବିଷୟରେ ଭାବ ବିନିମୟ ହୋଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଭାରତରେ ଅବସ୍ଥାପିତ ରୟାଲ ନରୱେ ଦୂତାବାସର ୨ୟ ସଚିବ ଜୋହାନ ବେଜରକେମ୍‌ଙ୍କ ସହ ଭାରତ ଏବଂ ରୟାଲ ନରୱେର ବାଣିଜ୍ୟିକ ପରାମର୍ଶଦାତା କ୍ରିଷ୍ଟିଆନ୍ ରୋଡ୍ରିଗୋ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଓଏମ୍‌ସିର ଅଧ୍ୟକ୍ଷ ଦେଓରଞ୍ଜନ ସିଂ ଉଭୟ ମନ୍ତ୍ରୀ ଓ ନରୱେର ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ଉକ୍ତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଓଏମ୍‌ସିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦୁବାଇ, ମୁମ୍ବାଇ ଓ ବେଙ୍ଗାଲୁରୁଠାରେ ଆୟୋଜିତ ନିବେଶକ ସମ୍ମିଳନୀ ପରେ ବୁଧବାରଠାରୁ ଓଡ଼ିଶାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ୩ୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଉକ୍ତ କନ୍‌କ୍ଲେଭରେ ଦେଶ ବିଦେଶର ଅନେକ ପ୍ରତିଷ୍ଠିତ ଶିଳ୍ପପତି ତଥା ବିଶିଷ୍ଟ ଉଦ୍ୟୋଗପତିମାନଙ୍କ ମଧ୍ୟରେ ନରୱେର ରାଷ୍ଟ୍ରଦୂତ ମଧ୍ୟ ସାମିଲ ଅଛନ୍ତି।

CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Classified Everyday**
0674-2580101, 2549949


CONSTRUCTION

**SALE**

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2132

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

4BHK Duplex near Nandan-kanan Square. Land-1300 Construction-1800, Price-85 Lakh. 8984071303. D-2112

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1 K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (Sqft.-370/699)ରେ ମିଳୁଛି। 9658891108, 8114994259. D-2054

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/-950/-, ପ୍ଲଟ୍ ଦିଆଯାଉଛି। 9938016295. D-74159


FOR RENT

Commercial space 800 sqft., 1st floor at Kharvel Nagar, behind Charlee Hotel. Contact: 9437033691. D-70296


Healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Newly open full body massage ladies and gents. 8327740003, 8093860513. D-74605

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary Public, Bargarh, I, Sanjukta Bhoi, D/o. Sesha Kumar Pradhan, W/o. Atulya Kumar Bhoi, V.S.S Nagar, W.No.09, Bargarh, P.O./P.S./ Dist.- Bargarh, Odisha, declare that my actual name is Sanjukta Bhoi, D/o. Sesha Kumar Pradhan but in some documents my name has been reflected as Sanyukta Bhoi, D/o. Shesha Kumar Pradhan. Sanjukta Bhoi, D/o. Sesha Kumar Pradhan & Sanyukta Bhoi, D/o. Shesha Kumar Pradhan belongs to same persons. Henceforth, I shall be known as Sanjukta Bhoi, D/o. Sesha Kumar Pradhan for all purposes. D-2133

I, Gourilata Panda, W/o- Pitabas Panda, Garadi, Barada, Dist.- Balasore changed my name from Gourilata Panda to Sitarani Panda. Henceforth, I will be known as Sitarani Panda for all purposes. D-2135

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଂସୁରଥ କୁମାର ଧଳ**
ଜୁଆଣିଆ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ- ୨୨।୯।୧୯୩୧
ତିରୋଧାନ- ୨୧।୧୧।୨୦୨୨
ଆଉ ଶୁଭୁନାହିଁ ବାପା ଓ ଦାଦୁ ଡାକ। ଆପଣଙ୍କ ସ୍ନେହାଶିଷ ସର୍ବଦା ଆମ ଉପରେ ଥାଉ । ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ- ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ପରିଜନଙ୍କ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।
ଧ-୨୧୩୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂବ୍ରଜବନ୍ଧୁ ପ୍ରଧାନ**
ପାଇକସାହି, ଆଠମଲ୍ଲିକ
ଆବିର୍ଭାବ : ୨୮.୦୬.୧୯୪୩
ତିରୋଧାନ : ୨୨.୧୧.୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ମାହେଶ୍ୱରୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ସ୍ତ୍ରୀ- ଗୋଲାପ, ପୁଅ- ବିବେକା, ଝିଅ-ସରିତା, ବନ୍ଦିତା, ବୋହୂ-କ୍ଷଣପ୍ରଭା, ପୁତୁରା-ଦିଲିପ୍, ସୁନୀଲ୍, ଅନିଲ୍, ସୁଜିତ୍, ଝିଆରି-ଆରତୀ, ବିଜଳା, ଭାରତୀ, ନାତି-ଗୁଡୁ, ଭିକି, ନିକି, ବବୁଲ୍ଲୁ, ଆୟୁଷ, ପପୁଲୁ, ନାତୁଣୀ- ନୁରି, ମାମାଲି, ଜୁଜୁଲି, ମାମୁଲୁ, କୋଏଲ, ରିମିଶା, ପାଇକସାହି ଓ ଜଙ୍ଗପଡ଼ା ଗ୍ରାମବାସୀ ବୃନ୍ଦ
ଧ-୨୧୩୧

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

Watch Career Appointment on every Wednesday & Saturday

FICCI | Government of Odisha | ODISHA NEW OPPORTUNITIES

DSPL-325

*Odisha's 3rd flagship Investors' Summit*

MAKE IN ODISHA CONCLAVE'22

BHUBANESWAR | 30 NOV-04 DEC | 2022



*Come & explore the vast existing & emerging investment opportunities in Odisha.*

**Shri Naveen Patnaik**
Hon'ble Chief Minister, Odisha

## The First Choice of Investors in the MINING & METALS SECTOR

Abundance of Iron Ore | Bauxite | Manganese
Chromite | Nickel | Coal | Rare Earths

**Business Leadership Talk on**
**"Mineral Abundancy: Opportunities for Industry & State"**
1st December 2022 (2:30 to 3:30 PM)
Hall No. 4, Janata Maidan, Bhubaneswar

**Sectoral Session on**
**"Mining in Odisha – A Paradigm Shift"**
2nd December 2022 (10:30 to 12:30 PM)
Hall No. 5, Janata Maidan, Bhubaneswar

*Come & explore new opportunities in Mining & Metals Sector*

**Register at https://mio.investodisha.gov.in**
**Download MIO Conclave'22 APP**

**COME, JOIN THE JUGGERNAUT**

**Industrial Promotion & Investment Corporation of Odisha Limited (IPICOL)**
( A Government of Odisha Undertaking )
IPICOL House, Janpath, Bhubaneswar – 751022, Odisha | info@investodisha.org | 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha Invest Odisha

**For registration, please contact**
Toll-Free: 1800-345-7111 | Mobile No: **+91 88958 89632, +91 88958 89513**
Timing 10:00 AM-6:00 PM on working days | Email: mio2022@investodisha.org

Scan to register

OIPR-30005/13/0174/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୧/୨୦୨୨ Sambalpur, Thursday, December 1/ 2022

# ଶରଥ କମଲ ଖେଳରତ୍ନ, ଦୀପଗ୍ରେସ୍‌ଙ୍କୁ ଅର୍ଜୁନ

**ନୂଆଦିଲ୍ଲୀ, ୩୦।୧୧ (ପି.ଟି.)**

ଟେବଲ ଟେନିସ କିମ୍ବଦନ୍ତୀ ଅଚନ୍ତା ଶରଥ କମଲଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶରଥଙ୍କୁ ସମ୍ମାନିତ କରିଛନ୍ତି। ଏକମାତ୍ର ଖେଳାଳି ଭାବରେ ଶରଥ ଖେଳରତ୍ନ ପୁରସ୍କାର ହାସଲ କରିଥିବା ବେଳେ ୨୫ ଜଣ କ୍ରୀଡାବିତ୍‌ଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମହିଳା ହକି ଦଳର ଖେଳାଳି ତଥା ଏକମାତ୍ର ଓଡ଼ିଆ ଭାବରେ ଦୀପ୍‌ଗ୍ରେସ ଏକ୍କା ଅର୍ଜୁନ ପୁରସ୍କାର ତାଲିକାରେ ରହିଛନ୍ତି। ଭାରତୀୟ ମହିଳା ହକି ଦଳ ସହିତ ଏଫ୍‌ଆଇଏଚ୍ ଓମେନ୍ସ ନେସନ୍ସ କପ୍ ଖେଳିବା ପାଇଁ ସ୍ପେନ୍‌ର ଭାଲେନ୍ସିଆରେ ଥିବାରୁ ଦୀପ୍‌ଗ୍ରେସ ପୁରସ୍କାର ଗ୍ରହଣ କରିପାରି ନ ଥିଲେ। ସଟଲର ଲକ୍ଷ୍ୟ ସେନ୍, ଏଚ୍. ଏସ୍. ପ୍ରଣୟ, ମହିଳା ବକ୍ସର ନିଖତ ଜରିନ୍ ଓ ଟ୍ରିପଲ ଜମ୍ପର ଏଲଧୋଶ ପଲ ପ୍ରମୁଖଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତାଙ୍କୁ ୧୫ ଲକ୍ଷ ଟଙ୍କାର ଚେକ୍, ଏକ ତାମ୍ର ମୂର୍ତ୍ତି ଓ ମାନପତ୍ର ପ୍ରଦାନ କରିଥିଲେ ରାଷ୍ଟ୍ରପତି। ଭାରତୀୟ କ୍ରୀଡାରେ ଅନବଦ୍ୟ ଅବଦାନ ରଖିଥିବା କ୍ରୀଡାବିତ୍‌ମାନଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ, ମାତ୍ର ବିଗତ ଦୁଇ ବର୍ଷ ହେବ ଭିନ୍ନ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଦରବାର ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ବର୍ଷୀୟ ଟେବଲ ଟେନିସ ଷ୍ଟାର ଶରଥ ମୁଖ୍ୟ ଆକର୍ଷଣ ରହିଥିଲେ। ଚଳିତ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡାରେ ସେ ୪ଟି ପଦକ ହାସଲ କରିଥିଲେ। ମନିକା ବାତ୍ରାଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ଖେଳରତ୍ନ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଅଚନ୍ତ ଶରଥ କମଲ ଖେଳରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି।

ପୁରସ୍କାର ହାସଲ କରିଛନ୍ତି। ଶରଥଙ୍କୁ ୨୫ ଲକ୍ଷ ଟଙ୍କା, ଏକ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶରଥ ବର୍ମିଂହାମରେ ମିକ୍ସଡ ଡବଲ୍ସ ଓ ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ସେ ନିଜର ତ୍ରୟୋଦଶ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୮ ଏସିଆନ୍ ଗେମ୍ସରେ ଦୁଇଟି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ଖେଳରତ୍ନ ପୁରସ୍କାର ପରେ ରାଷ୍ଟ୍ରପତି ଜୀବନବ୍ୟାପୀ ସାଧନା ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରିଥିଲେ। ରୋହିତ ଶର୍ମାଙ୍କ କୋଚ୍ ଦୀନେଶ ଜୱାହାର ଲାଡ, ଫୁଟବଲ କୋଚ୍ ବିମଲ ପ୍ରଫୁଲ୍ଲ ଘୋଷ ଓ କୁସ୍ତିରେ ମେଣ୍ଟର ରାଜ ସିଂଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସାଧାରଣ ବର୍ଗରେ ଜିୱନଜୋତ ସିଂ ତେଜା(ତୀରନ୍ଦାଜୀ), ମହମ୍ମଦ ଅଲୀ କମର(ବକ୍ସିଂ), ସୁମା ସିଦ୍ଧାର୍ଥ ଶିରୁର(ପାରା ଶୁଟିଂ) ଓ ସୁଜିତ ମାନ(କୁସ୍ତି)ଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୀବନବ୍ୟାପୀ ସାଧନା ପାଇଁ ଅଶ୍ୱିନୀ ଆକୁଞ୍ଜି ସି(ଆଥଲେଟିକ୍ସ), ଧରମବୀର ସିଂ( ହକି), ବି ସି ସୁରେଶ(କବାଡି) ଓ ନିର ବାହଦୁର ଗୁରୁଙ୍ଗ(ପାରା ଆଥଲେଟିକ୍ସ)ଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ନିଶିଥ୍ ପରମାଣିକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।





କଳାହାଣ୍ଡି କପ୍ ଚାମ୍ପିୟନ କଟକ 'ଏ' ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# କଟକ 'ଏ' ଜିତିଲା କଳାହାଣ୍ଡି କପ୍

**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କଟକ 'ଏ' ଚଳିତ ବର୍ଷର କଳାହାଣ୍ଡି କପ୍ ବିଜେତା ହୋଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କଟକ 'ଏ' ବିଜେତା ଘୋଷିତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ 'ଏ' ପ୍ରଥମ ଇନିଂସରେ ୫୬ ଓଭରରେ ୨୦୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ବିକ୍ରମ କିଶୋର ୫୩, ଅନିଲ ପରିଡ଼ା ୪୯ ରନ କରିଥିଲେ। ବିପକ୍ଷ ଦଳର ଆଶିଷ ପ୍ରଧାନ ଓ ଅଂଶୁମାନ ବେଜ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର 'ଏ'ର ପ୍ରଥମ ଇନିଂସ ୫୫.୩ ଓଭରରେ ୧୫୭ ରନରେ ସୀମିତ ରହି ଯାଇଥିଲା। ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୩୮ ରନ କରି ପାରିଥିଲେ। ବିପକ୍ଷ ଦଳର ଶୁଭମ୍ ନାୟକ ୫୦ ରନରେ ୬ ଉଇକେଟ ନେଇ ଭୁବନେଶ୍ୱର ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଜାମଳା ବି. ମହାପାତ୍ର ୪ ଉଇକେଟ ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ମୁଖ୍ୟ ଅତିଥି ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଦୁଇଜଣଙ୍କ ସହ ଅନ୍ୟତମ ଅତିଥି କର୍ପୋରେଟର ପୁଷ୍ପିତା ମହାନ୍ତିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କିଟ୍‌କୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର

**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍)କୁ ବୁଧବାର ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଏବଂ ଭାରତ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇ ଅଚ୍ୟୁତ କହିଛନ୍ତି ଯେ, କ୍ରୀଡ଼ାର ଉନ୍ନତି ଦିଗରେ କିଟ୍‌ର ପଦକ୍ଷେପକୁ ଏହା ଏକ ସ୍ୱୀକୃତି। ଶିକ୍ଷା ସହ କିଟ୍ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମି ଉପରେ ଫୋକସ କରି ଆସିଛି। କ୍ରୀଡ଼ା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ସାହ ଓ



ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ଗ୍ରହଣ ଅବସରରେ ଅଚ୍ୟୁତ ସାମନ୍ତ।

ସମର୍ଥନ ମଧ୍ୟ କିଟ୍‌କୁ ପ୍ରୋତ୍ସାହିତ କରିଛି। ଓଡ଼ିଶା କ୍ରୀଡ଼ାକୁ ଭିନ୍ନ ଏକ ସ୍ତରକୁ ନେବା ଆମର ମୁଖ୍ୟ ଲକ୍ଷ୍ୟ। ପୁରସ୍କାରକୁ ସେ କିଟ୍‌ର ସମସ୍ତ ଛାତ୍ର ଏବଂ ସଦସ୍ୟମାନଙ୍କ ପ୍ରତି ଉତ୍ସର୍ଗ କରିଛନ୍ତି। ଗତ ୨୦ ବର୍ଷ ଧରି କିଟ୍ କ୍ରୀଡ଼ାର ପ୍ରମୋଶନ ଦିଗରେ କାର୍ଯ୍ୟ କରି ଆସୁଛି। ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଦୂତୀ ଚାନ୍ଦ, ସି.ଏ. ଭବାନୀ ଦେବୀ, ଶିବପାଲ ସିଂ, ଅମିତ ରୋହିଦାସ ପ୍ରମୁଖ ଆଥଲେଟ୍ କିଟ୍‌ର ଅନ୍ତେବାସୀ।

# ଅଜଣା ଭାଇରସ୍‌ରେ ଆକ୍ରାନ୍ତ ଇଂଲଣ୍ଡ ଦଳ

**ରାୱଲପିଣ୍ଡି, ୩୦।୧୧, (ପି.ଟି.):** ୧୭ ବର୍ଷ ପରେ ଟେଷ୍ଟ ଖେଳିବା ପାଇଁ ପାକିସ୍ତାନ ଗସ୍ତରେ ଥିବା ଇଂଲଣ୍ଡ ଦଳ ଏକ ଅଜଣା ଭାଇରସରେ ସଂକ୍ରମିତ ହୋଇଛି। ପ୍ରଥମ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ଦଳର ଏକାଧିକ ଖେଳାଳି ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇ ଅସୁସ୍ଥ ଅଛନ୍ତି। ରାୱଲପିଣ୍ଡିରେ ପ୍ରଥମ ଟେଷ୍ଟର ଗୋଟିଏ ଦିନ ପୂର୍ବରୁ କେବଳ ୫ ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ ସମସ୍ତ ଖେଳାଳି ଅସୁସ୍ଥ ହୋଇଛନ୍ତି। ବୁଧବାର ପିଣ୍ଡି ଷ୍ଟାଡିୟମରେ ଅନୁଷ୍ଠିତ ଅଭ୍ୟାସ ସେସନରେ ହ୍ୟାରି ବ୍ରୁକ୍ସ, ଜ୍ୟାକ୍ କ୍ରଲି, କିଟନ ଜେନିଙ୍ଗ୍ସ, ଓଲି ପୋପ୍ ଏବଂ ଜୋ ରୁଟ୍ ଅଭ୍ୟାସ କରିଥିଲେ। ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସମେତ ଅନ୍ୟ ସମସ୍ତ ଇଂଲଣ୍ଡ ଖେଳାଳି ଅସୁସ୍ଥତା କାରଣରୁ ହୋଟେଲରେ ଅବସ୍ଥାନ କରିଥିଲେ। ଇଂଲଣ୍ଡ ଟିମ୍ ଅଫିସିଆଲଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଟିମ୍‌ର ୬-୭ ଜଣ ଖେଳାଳି ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏହା ଫୁଡ୍ ପଏଜନିଂ କିମ୍ବା କୋଭିଡ୍ ନୁହେଁ ସମ୍ପୂର୍ଣ୍ଣ ଦଳ ଏକ ଅଜଣା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା ପ୍ରକାଶ କରିଛନ୍ତି ଜୋ ରୁଟ୍। କେବଳ ଖେଳାଳି ନୁହନ୍ତି ବରଂ କିଛି ସପୋର୍ଟ ଷ୍ଟାଫ ମଧ୍ୟ ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ବୋଲି କହିଛନ୍ତି ଇଂଲଣ୍ଡ ଦଳର ମୁଖପାତ୍ର ଡ୍ୟାନି ର୍ୟୁବେନ୍। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଆବଶ୍ୟକ ସହାୟତା କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ତେବେ ଏହି ମ୍ୟାଚକୁ ଗୋଟିଏ ଦିନ ଘୁଞ୍ଚାଇ ହେବ କି ନାହିଁ ସେ ନେଇ କୌଣସି ସୂଚନା ଉପଲବ୍ଧ ନାହିଁ ବୋଲି କହିଛନ୍ତି ଜୋ ରୁଟ୍।

# ଫର୍ନାଣ୍ଡୋଙ୍କ ଉପରେ ୨ ମାସର ଡୋପିଂ ବ୍ୟାନ୍

**ଲଣ୍ଡନ,୩୦।୧୧(ପି.ଟି.)**

ପୂର୍ବତନ ଟପ୍ ଟେନ୍ ଖେଳାଳି ଫର୍ନାଣ୍ଡୋ ଭର୍ଡାସ୍କୋଙ୍କୁ ୨ ମାସ ପାଇଁ ବାସନ୍ଦ କରାଯାଇଛି। ଏଡିଏଚ୍‌ଡି ପାଇଁ ସେ ସେବନ କରୁଥିବା ଔଷଧ କାରଣରୁ ତାଙ୍କ ଉପରେ ବାସନ୍ଦାଦେଶ ଲାଗୁ କରାଯାଇଥିଲା। ଔଷଧ ସେବନ କରୁଥିବା ନେଇ ସ୍ୱୀକାର କରିବା ପରେ ଇଣ୍ଟରନ୍ୟାଶନାଲ ଟେନିସ୍ ଇଣ୍ଟେଗ୍ରିଟି ଏଜେନ୍ସି ପକ୍ଷରୁ ବୁଧବାର ବାସନ୍ଦ କରାଯାଇଛି। ଚଳିତ ମାସ ୩୯ ବର୍ଷରେ ପଦାର୍ପଣ କରିଥିବା ଭର୍ଡାସ୍କୋ ଡାକ୍ତରଙ୍କ ପରାମର୍ଶ କ୍ରମେ ମିଥାଇଲ ଫେନିଡେଟ୍ ନାମକ ଏକ ଔଷଧ ସେବନ କରୁଥିଲେ। ଏହି କାରଣରୁ ୱାଡା ପକ୍ଷରୁ ମାତ୍ର ୨ ମାସର ବାସନ୍ଦାଦେଶ ପ୍ରଦାନ କରାଯାଇଛି। ଫେବୃୟାରୀ ମାସରେ ବ୍ରାଜିଲର ରିଓ ଡି ଜେନେରିଓରେ ତାଙ୍କ ନମୁନା ପଜିଟିଭ୍ ଆସିଥିଲା। ଜାନୁୟାରୀ ୮ ପରଠାରୁ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଛି। ଏପ୍ରିଲ ୨୦୦୯ରେ କ୍ୟାରିୟର ଶ୍ରେଷ୍ଠ ୭ ନମ୍ବର ର୍ୟାଙ୍କିଙ୍ଗ ହାସଲ କରିଥିବା ଭର୍ଡାସ୍କୋ ବର୍ତ୍ତମାନ ୧୨୫ ତମ ସ୍ଥାନରେ ରହିଛନ୍ତି।

DSPL - 321





# ଓଡ଼ିଶା ଉଷୁ ଦଳକୁ ୧୬ ପଦକ





ଅତିଥିଙ୍କ ସହ ପଦକ ବିଜେତା ଓଡ଼ିଶା ଉଷୁ ଦଳ।

**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି)**

କେରଳର କୋଝିକୋଡେସ୍ଥିତ ଭି.କେ. କ୍ରିଷ୍ଣାମେନନ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଉଷୁ ମହିଳା ଜୋନାଲ ଲିଗ୍ (ସାଉଥ୍ ଜୋନ୍)ରେ ଓଡ଼ିଶା ଦଳ ମୋଟ ୧୬ଟି ପଦକ ପାଇଛି। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ସାମିଲ। କେରଳ ଦଳଗତ ଚାମ୍ପିୟନ ହୋଇଥିବାବେଳେ ତାମିଲନାଡୁ ଦ୍ୱିତୀୟ ଓ କର୍ନାଟକ ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ୱେତାରାଣୀ ମହନ୍ତ, ସୁମିତ୍ରା ମୁଣ୍ଡା, ମଞ୍ଜୁ ମୁଣ୍ଡା ଓ ପଲ୍ଲବୀ ସାମଲ ସ୍ୱର୍ଣ୍ଣ ଏବଂ ସୁହାନି ଗୁରହାଣ୍ଡି, ମାଳିନୀ ମୁଣ୍ଡା, ପରି ମିତ୍ତଲ, ପଲ୍ଲବୀ ସାମଲ (୨ଟି ଇଭେଣ୍ଟରେ) ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସୋନାଲିସା ଦେହୁରୀ, ଅନ୍ୱେଷା ପପଲାଇ, ରିୟା ଠାକୁର, ରିଙ୍କି ରାଉତରାୟ, ଗାୟତ୍ରୀ ସେଠୀ, ତମନ୍ନା ମିଶ୍ର ଓ ସୃଷ୍ଟି କଳସ ବ୍ରୋଞ୍ଜ ପଦକ ପାଇଛନ୍ତି। ତାଓଲୁ ଇଭେଣ୍ଟରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଥିଲେ। ଅନୁରାଧା ଦୋରା ଜଜ୍, ପଙ୍କଜ ମହନ୍ତ, ସୁଜନ ରଥ ଓ ଯୁଧିଷ୍ଠିର ଗୁରହାଣ୍ଡି କୋଚ୍ ଏବଂ କୃଷ୍ଣ ଚନ୍ଦ୍ର ସାହୁ ଓ ସୁଶାନ୍ତ କୁମାର ନାଏକ ଟିମ୍ ମ୍ୟାନେଜର ଥିଲେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ରୋଲବଲ୍ ବାଳିକା ଦଳ ମିଳିତ ଚାମ୍ପିୟନ

**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଅନୁଷ୍ଠିତ ଏକ୍ ଭାରତ ଶ୍ରେଷ୍ଠ ଭାରତ ଜାତୀୟ ରୋଲବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ସଫଳତା ଅର୍ଜନ କରିଛି। ବୁଧବାର ଶେଷ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶା-ମହାରାଷ୍ଟ୍ର ମିଳିତ ସିନିୟର ବାଳିକା ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ମଧ୍ୟପ୍ରଦେଶ-ନାଗାଲାଣ୍ଡ ମିଳିତ ଦଳକୁ ୫-୩ ଗୋଲରେ ପରାସ୍ତ କରିଛି। ଗୁଜରାଟ-ଛତିଶଗଡ଼ ମିଳିତ ଦଳ କର୍ନାଟକ-ଉତ୍ତରାଖଣ୍ଡକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ସିନିୟର ବାଳକ ଗ୍ରୁପ୍‌ରେ ଓଡ଼ିଶା-ମହାରାଷ୍ଟ୍ର ମିଳିତ ଦଳ ଦ୍ୱିତୀୟ ରନରଅପ୍ ହୋଇଛି। ଏହିଦଳ ଉତ୍ତର ପ୍ରଦେଶ-ଅରୁଣାଚଳ ପ୍ରଦେଶ-ମେଘାଳୟ ମିଳିତ ଦଳକୁ ୭-୨ ଗୋଲରେ ପରାସ୍ତ କରିଛି। ଗୁଜରାଟ-ଛତିଶଗଡ଼ ଦଳ ମଧ୍ୟପ୍ରଦେଶ-ମଣିପୁର-ନାଗାଲାଣ୍ଡ ମିଳିତ ଦଳକୁ ୭-୪ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଆରଏଲ୍‌ଏମ୍‌ଏସ୍‌ଏସ୍‌ର ୱିଙ୍ଗ୍ କମାଣ୍ଡର ଏମ୍. ୟଗ୍ମଭନମ, ମହାରାଷ୍ଟ୍ର ରୋଲ ବଲ୍ ଆସୋସିଏଶନ ସଭାପତି ସନ୍ଦିପ ଖର୍ଦେକର, ଉପସଭାପତି ଅମୋଲ କାଜଲେପାଟିଲ, ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର, ରୋଲ୍‌ବଲ୍ କ୍ରୀଡ଼ାର ପ୍ରତିଷ୍ଠାତା ରାଜୁ ଦାଭାଡେ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।





ସିନିୟର ବାଳିକା ବିଭାଗରେ ଟାଇଟଲ ବିଜୟୀ ଓଡ଼ିଶା-ମହାରାଷ୍ଟ୍ର ମିଳିତ ଦଳ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

49

# ଧରିତ୍ରୀ

DHARITRI

୪୯

ସମ୍ବଲପୁର, ଗୁରୁବାର, ଡିସେମ୍ବର ୧/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Thursday, December 1/2022 (Page 20) | ₹ 7.00



## ନର୍ଲା କୃଷି ସମବାୟ ସମିତି ପକ୍ଷରୁ ମଣ୍ଡି ଉଦ୍‌ଘାଟିତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ପଛପଟେ ସଭାପତି ମଞ୍ଜୁଲତା ଗଉଡ ଏବଂ ତହସିଲଦାର ଶଙ୍କର ବାଗ ପୂଜାର୍ଚ୍ଚନା ପରେ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। ୪ଜଣ ଚାଷୀଙ୍କ ଟୋକନରେ ପ୍ରାୟ ୧୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣାଯାଇଥିବା ସୂଚନା ମିଳିଛି। ଏହି ଅବସରରେ ସମ୍ପାଦକ ଲବ ସା, ଯୋଗାଣ ଅଧିକାରୀ, ଆର୍‌ଏମସି ଅଧିକାରୀଙ୍କ ସମେତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଞ୍ଜୟ ଅଗ୍ରୱାଲ ଭବାନୀପାଟଣା ବିଧାୟକଙ୍କ କେସିଙ୍ଗା ଏନ୍‌ଏସି ପ୍ରତିନିଧି

କେସିଙ୍ଗା,୩୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ସଦର ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କ କେସିଙ୍ଗା ଏନ୍‌ଏସି ପ୍ରତିନିଧି ଭାବେ ସଞ୍ଜୟ ଅଗ୍ରୱାଲ ମନୋନୀତ ହୋଇଛନ୍ତି। ଏ ନେଇ ନାଏକ କଳାହାଣ୍ଡି ଜିଲାପାଳଙ୍କୁ ଚିଠି ଲେଖି କେସିଙ୍ଗା ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ସଞ୍ଜୟ ଭାରତୀୟ ଜନତା ଦଳ କେସିଙ୍ଗା ଶାଖାର ଉପସଭାପତି ଭାବେ କାର୍ଯ୍ୟ ତୁଲାଉଥିବା ବେଳେ ସେ ବିଧାୟକ ପ୍ରଦୀପ୍ତ ନାଏକଙ୍କ ଅତି ଘନିଷ୍ଠ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା। କେସିଙ୍ଗା ଏନ୍‌ଏସି ବିଧାୟକ ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଅଗ୍ରୱାଲ ବିଧାୟକ ନାଏକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ସହର ଭାଜପା ସଭାପତି ମଗନ ସିନ୍ଦୁର ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଧରଣୀଧର ନାଏକ କାଉନସିଲଙ୍କୁ କେସିଙ୍ଗା ମହାବିଦ୍ୟାଳୟର ଏମ୍‌ପିଙ୍କ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ମୁଁ କେସିଙ୍ଗା ଲୋକଙ୍କ ସମସ୍ୟା ବିଧାୟକଙ୍କ ପାଖରେ ପହଞ୍ଚାଇବା ପାଇଁ ସହାୟକ ହେବି ବୋଲି ଅଗ୍ରୱାଲ କହିଛନ୍ତି।

### ସମନ୍ୱିତ କୃଷି ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ, ୩୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ଏବଂ ବିକଳ୍ପ କଣ୍ଟାବାଞ୍ଜି ଅନୁଷ୍ଠାନର ମିଳିତ ଉଦ୍ୟମରେ ସମନ୍ୱିତ କୃଷି ଓ ରବି ଋତୁ ମୁଗ, ବିରି ଭଳି ଡାଲି ଜାତୀୟ ଫସଲ ଚାଷ ସମ୍ପର୍କିତ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ଯୋଗ ଦେଇ ଡାଲି ଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ । ତାଲିମ ଦାତା ରୂପେ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର , ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ ଯୋଗଦେଇ ସମନ୍ୱିତ କୃଷି ସହିତ ଡାଲି ଜାତୀୟ ଫସଲ ଚାଷ, ଜମି ପ୍ରସ୍ତୁତି, ରୋଗ ପୋକ ନିୟନ୍ତ୍ରଣ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଚିହ୍ନଟ ଚାଷୀଙ୍କୁ ମୁଗ ବିହନ ପ୍ରଦାନ କରାଯାଇଥିଲା। ସମନ୍ୱିତ କୃଷି ବ୍ଲକ ସଂଯୋଜକ ସୁରେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧାନମଣ୍ଡି ପରିଚାଳନା ନେଇ ଆଲୋଚନା

ଖଡ଼ିଆଲ,୩୦।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବରଗାଁ ଗୋଲାଘର ନିକଟରେ ସତ୍ୟପ୍ରିୟ ମୁଣ୍ଡଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧାନମଣ୍ଡି କିପରି ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଚାଷୀଙ୍କ ଧାନ କିପରି ସୁରୁଖୁରୁରେ ଉଠାଯିବ, କଟନି ଛଟନି, ଧାନ ବସ୍ତା, ଚାଷୀଙ୍କ ରହିବା ସୁବିଧା, ଚାଷୀଙ୍କ ପାଇଁ ପାଣି ବ୍ୟବସ୍ଥା, ଚାଷୀଙ୍କ ରହିବା ବ୍ୟବସ୍ଥା ଏସବୁ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସାମାଜିକ କର୍ମୀ ସଞ୍ଜୟ କୁମାର ତିୱାରୀ, ପ୍ରଦ୍ୟୁମ୍ନ ମୁଣ୍ଡ, ଗୋକୁଲ ପଟେଲ, ମାନସ ପଣ୍ଡା, ଦେଓ ବେହେରା, ଭିଏଡବ୍ଲୁ, ସମ୍ପାଦକ ଡିବିଓ ଗୌର ହରି ରାଉତ, ଡିବିଓ ଯଶୋବନ୍ତ ପଟେଲ, ଭିଏଡବ୍ଲୁ, ରେଭିନ୍ୟୁ ଇନିସ୍ପେକ୍ଟର, ଚାଷୀ ସମସ୍ତେ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା ଅଫିସ,୩୦।୧୧: ନୂଆପଡା ଜିଲା ସୀମାବର୍ତ୍ତି ବରଗଡ ଜିଲା ପାଇକମାଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ନୂଆପଡା ସଦର ସାଇପଲା ଜଳ ସେଚନ ପ୍ରକଳ୍ପଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ କ୍ରୀଡା ଉତ୍ସବରେ ଚୂଡାମଣି ବାରିକ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡା ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟଅତିଥି, ଉଜ୍ଜ୍ୱଳମଣି ଅଗସ୍ତି, ଅରୁଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସହ ଆଲୋଚନାଚକ୍ରରେ ସାମିଲ ହୋଇ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୩ ତାରିଖ ବିଶ୍ୱ ଭିନ୍ନକ୍ଷମ ଦିବସରେ ପୁରସ୍କୃତ କରାଯିବ। ଶିବ ପ୍ରସାଦ ଯୋଶୀ, ରାଧେଶ୍ୟାମ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଭୋଟର ପଞ୍ଜୀକରଣର ସ୍ଥିତି, ଅଗ୍ରଗତି ସମୀକ୍ଷା

## ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର ଅଫିସ,୩୦।୧୧


ଉତ୍ତରାଞ୍ଚଳ ରାଜସ୍ୱ କମିଶନର ବଲାଙ୍ଗୀର ଜିଲାର ନୂତନ ଭୋଟର ପଞ୍ଜୀକରଣର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରୁଛନ୍ତି।

ବୁଧବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକ ଡ. ସୁରେଶ ଚନ୍ଦ୍ର ଦଳେଇ ବଲାଙ୍ଗୀର ଗସ୍ତରେ ଆସି ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲାରେ ନୂତନ ଭୋଟର ପଞ୍ଜୀକରଣର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ବଲାଙ୍ଗୀର ଉପଜିଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର କୁମାର ନାଗଭୂଷଣ, ପାଟଣାଗଡ ଉପଜିଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ଡ଼. ବିଜୟାନନ୍ଦ ସେଠୀଙ୍କ ସମେତ ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ଏବଂ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଉପସ୍ଥିତ ଥିଲେ। ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲାର ନୂତନ ଭୋଟର ପଞ୍ଜୀକରଣ ସ୍ଥିତି ଓ ଅଗ୍ରଗତି ଉପରେ ଆଲୋଚନା କରି ଜିଲାରେ ନୂତନ ଭୋଟର ପଞ୍ଜୀକରଣକୁ ଶତ ପ୍ରତିଶତ ସଫଳ କରିବାରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧି ଆନ୍ତରିକ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ବୁଥଗୁଡିକରେ ବୁଥସ୍ତରୀୟ ଏଜେଣ୍ଟ ନିୟୋଜିତ କରିବାକୁ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ଯଦି ଜଣେ ନାଗରିକଙ୍କ ବୟସ ୨୦୨୩ ମସିହା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହେଉଥିବ ତାହେଲେ ଜଣେ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବୁଥସ୍ତରୀୟ ଅଧିକାରୀ ଓ ବୁଥସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ବୈଠକରେ ଯୋଗଦେଇ ନୂତନ ଭୋଟର ପଞ୍ଜୀକରଣ ସ୍ଥିତି ଓ ଅଗ୍ରଗତି ଉପରେ ଆଲୋଚନା କରିଥିଲେ।

# ପଲ୍‌ସର ଗାଡ଼ି ପାଇଁ ବିବାହିତା ମହିଳାଙ୍କୁ ହତ୍ୟା ଅଭିଯୋଗ

ବଲାଙ୍ଗୀର ଅଫିସ/ତରଭା (ଡି.ଏନ.ଏ.), ୩୦।୧୧


ମୃତା ରୁକ୍ମଣୀ ପଧାନ।

ପଲ୍‌ସର ଗାଡି ଯୌତୁକ ଆଣି ନ ଥିବାରୁ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ସୁବର୍ଣ୍ଣପୁର ଜିଲା ପୁଆ ଗ୍ରାମର ରଞ୍ଜନ ସାହୁଙ୍କ ସ୍ତ୍ରୀ ରୁକ୍ମଣୀ (୨୫) ବୋଲି ଜଣାପଡିଛି। ମହିଳାଙ୍କ ବାପଘର ଲୋକେ ବୁଧବାର ଏ ନେଇ ତରଭା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କେସେରକେଲା ଗ୍ରାମର ଦେବ ପଧାନଙ୍କ ଝିଅ ରୁକ୍ମଣୀ ଗତ ୨୦୨୧ ଏପ୍ରିଲ ୨୯ ତାରିଖରେ ରଞ୍ଜନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ କୁଆଡେ ପଲସର ଗାଡି ଯୌତୁକ ମାଗିଥିଲେ। ତେବେ କନ୍ୟାପକ୍ଷ ପଲସର ବଦଳରେ ଏକ ହିରୋ ଗ୍ଲାମର ଗାଡି ଯୌତୁକ ଦେଇଥିଲେ। ଏହାକୁ ନେଇ ରଞ୍ଜନ ସ୍ତ୍ରୀ ରୁକ୍ମଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଶାଶୁ, ଶ୍ୱଶୁର ଏବଂ ଦୁଇ ଦିଅର ମଧ ନିର୍ଯାତନା ଦେଇ ଆସୁଥିଲେ। ତେବେ ରଞ୍ଜନଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବା ନେଇ ରୁକ୍ମଣୀ ଜାଣିବା ପରେ ନିର୍ଯାତନା ବଢ଼ିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ବୁଧବାର ସକାଳେ ପୁଆ ଗ୍ରାମରୁ ରଞ୍ଜନଙ୍କ ବାପା ବଶିଷ୍ଠ ସାହୁ ସମୁଦିଙ୍କୁ ଫୋନ୍ କରି ରୁକ୍ମଣୀ ସିରିଅସ୍ ଥିବା ଖବର ଦେଇଥିଲେ। ବାପଘର ଲୋକେ ପହଞ୍ଚି ରୁକ୍ମଣୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୁକ୍ମଣୀଙ୍କ ବେକ ଓ ଦେହର ବିଭିନ୍ନ ସ୍ଥାନରେ ଦାଗ ରହିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦେବ ପଧାନଙ୍କ ପୁତୁରା ରାକେଶ ପଧାନ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ଜଣାଯାଇଛି।

# ଅବ୍ୟବସ୍ଥା ଘେରରେ ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ପଲମ,୩୦।୧୧(ଡି.ଏନ.ଏ.)



ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ଅବ୍ୟବସ୍ଥା ଘେରରେ ଗତି କରୁଛି। ଆଜକୁ ଦୀର୍ଘ ଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ରୋଗୀମାନେ ସମସ୍ୟାରେ ପଡୁଛନ୍ତି। ଆୟୁଷ ଡାକ୍ତର ରାଜେଶ କୁମାର ସାହୁ ଦାୟିତ୍ୱରେ ଥିଲେ ମଧ ସପ୍ତାହକୁ ଥରେ ଆସି ଦେଖାଦେଇ ଚାଲି ଯାଆନ୍ତି। ରୋଗୀମାନଙ୍କ କଥା ବୁଝନ୍ତି ନାହିଁ। ବର୍ତ୍ତମାନ ଜଣେ ଫର୍ମାସିଷ୍ଟ ଭବାନିଶଙ୍କର ପାତ୍ର ଓ ଏଏନ୍‌ଏମ ଦୁତିଆନରଣା ଏବଂ ପିଅନ ଜୟନ୍ତି ସାହୁଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ୨୦୨୦ରେ ପଲମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ୨ଟି ଶୌଚାଳୟ ନିର୍ମିତ ହୋଇଥିଲା। ଚଳିତବର୍ଷ ନର୍ଲା ବ୍ଲକସ୍ତରୀୟରୁ ଆଉ ୨ଟି ଶୌଚାଳୟ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ମଞ୍ଜୁର ହୋଇ ନିର୍ମାଣ ହୋଇଥିଲା। କିନ୍ତୁ ନୂତନ ଭାବେ ନିର୍ମାଣ ନ କରି ପୁରୁଣା ଶୌଚାଳୟକୁ ଉପର ଆଜବେଷ୍ଟର ଭାଙ୍ଗି ସେହିଠାରେ ହିଁ ଛାତ ପକାଯାଇଛି। ବର୍ତ୍ତମାନ ସୁଦ୍ଧା ଶୌଚାଳୟରେ ପାଣି ଟାଙ୍କି କିମ୍ବା ଅନ୍ୟାନ୍ୟ ଉପଦ୍ରବ୍ୟ ମଧ ଲଗାଯାଇ ନାହିଁ। ନର୍ଲା ବ୍ଲକ ଜେଇ ବିଚିତ୍ରା ନନ୍ଦ ନାଏକ ଏହି କାର୍ଯ୍ୟ କରିବା କଥା କିନ୍ତୁ ସେ ନିଜେ ନ କରି ପଲମ ପଞ୍ଚାୟତସ୍ଥିତ ମହଗାଁ ଗ୍ରାମର ସୁରେଶ ଭୋଇଙ୍କୁ ଦେଇ ବିଲ୍ ମଧ ସମ୍ପୂର୍ଣ୍ଣ କରାଯାଇଛି। ଏହି ବାବଦ ନେଇ ପଲମ ସ୍ୱାସ୍ଥ୍ୟ କେନ୍ଦ୍ର ଫର୍ମାସିଷ୍ଟ ଭବାନିଶଙ୍କର ପାତ୍ରଙ୍କୁ ପଚାରି ବୁଝିବାରେ ଏହି ଘଟଣା ସମ୍ପୂର୍ଣ୍ଣ ସତ୍ୟ ଅଟେ ବୋଲି ପ୍ରକାଶ କରିଥିଲେ। ନର୍ଲା ବ୍ଲକ ଜେଇ ନାଏକଙ୍କୁ ପଚାରି ବୁଝିବାରେ କମ୍ ଟଙ୍କା ଥିବା ଯୋଗୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ ବୋଲି ପ୍ରକାଶ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

# ଡିସେମ୍ବର ୯ରୁ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ

## ପରିବେଷଣ ହେବ ରାଜ୍ୟ ବାହାରର ୪ ନାଟକ

ଭବାନୀପାଟଣା,୩୦।୧୧(ସ୍ୱ.ପ୍ର.)

କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସ୍ମାରକୀ ନାଟ୍ୟ ସଂସ୍ଥା ଆସନ୍ତା ଡିସେମ୍ବର ୯ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ସ୍ଥାନୀୟ ଟାଉନ ହଲଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ– ୨୦୨୨ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ କୋଲକାତା ରଙ୍ଗଶ୍ରମର ନାଟକ 'ଆତ୍ମଦାହ', ଭୋପାଲ କିଟ ଏକ୍ଟର୍ ଷ୍ଟୁଡିଓ ର ନାଟକ 'ରଙ୍ଗ ରସିଆ', ଜବଲପୁର ସମାଗମ ରଙ୍ଗ ମଣ୍ଡଳର ନାଟକ 'ଅଗରବତୀ' ଏବଂ ଗୌହାଟୀ ତିଲଜାଲା କଲ୍ପନ ନାଟ୍ୟଗୋଷ୍ଠୀର ନାଟକ 'ଏକାକୀତେର ଦିନଲିପି' ମଞ୍ଚସ୍ଥ ହେବ। ଏଥିରେ ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ପାଞ୍ଚ ପିଢିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ କ୍ରମରେ ଅଭିନେତା ସୂର୍ଯ୍ୟ ନାରାୟଣ ଶୁକ୍ଳା, ଲକ୍ଷ୍ମୀ ନାରାୟଣ ଦତ୍ତ, ଆର୍ତ୍ତତ୍ରାଣ ସାହୁ, ସୁଶୀଲ ଗହୀର ଓ ପୁଷ୍ପାଞ୍ଜଳି ଦୀପ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥା ସମ୍ପାଦକ ଆଶୁତୋଷ ପୁରୋହିତ, ଉପସଭାପତି ସୌରଭ ମହାପାତ୍ର ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସୋମବାର ସନ୍ଧ୍ୟାରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଅଭିନେତା ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ତଥାଗତ ମିଶ୍ର, ଆଲୋକ କୁମାର ସାହୁ, ରାମେଶର ତ୍ରିପାଠୀ, ସୌମ୍ୟ ରଞ୍ଜନ ଜେନା, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, କେ. ଗୋପିଧର ନାୟର, ଅଜିତ କୁମାର ନାୟକ, ଦୀପକ ଶର୍ମା, ଅମରେନ୍ଦ୍ର ମହାନ୍ତି, ଶୁଭମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅଜୁ


@ ତନ୍ମୟ


@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କପଡା ହୋଲସେଲ ଦୋକାନରେ ଜିଏସ୍‌ଟି ବିଭାଗ ଚଢ଼ାଉ


ସିଟି ଏଣ୍ଡ ଜିଏସଟି ବିଭାଗର ଚଢ଼ାଉ।

## ଟିକସ ଫାଙ୍କିବା ଅଭିଯୋଗ

ଭବାନୀପାଟଣା,୩୦।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଇଭିନିଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ରାହୁଲ ଆଣ୍ଡ କୋ କପଡା ହୋଲସେଲ ଦୋକାନରେ ବୁଧବାର ପୂର୍ବାହ୍ନରେ ସିଟି ଏଣ୍ଡ ଜିଏସ୍‌ଟି ବିଭାଗ ଚଢାଉ କରିଛି। ସମ୍ପୃକ୍ତ କପଡା ହୋଲସେଲ ଦୋକାନ ଟିକସ ଫାଙ୍କୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଭବାନୀପାଟଣା ଜିଏସଟି ଡେପୁଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଦୋକାନରେ ଚଢାଉ କରିଥିଲା। ଚଢାଉ ସମୟରେ ଦୋକାନର ବ୍ୟବସାୟିକ କାରବାର ସମ୍ପର୍କିତ ସମସ୍ତ ତଥ୍ୟ, କାଗଜପତ୍ର ଗୁଡିକୁ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡିଛି। ଏହା ଯାଞ୍ଚ ହେଲା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି।

# ତେରେସିଂହା କୁରାଳ ପଞ୍ଚମୀ ଉଦ୍‌ଯାପିତ

କର୍ଲାମୁଣ୍ଡା,୩୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାରେ ଚାଲିଥିବା କୁରାଳ ପଞ୍ଚମୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୁମ୍ଭକାର ସମ୍ପ୍ରଦାୟର ଏହା ମୁଖ୍ୟ ପର୍ବ ହେଉ ଥିବାରୁ କୁମ୍ଭାକାର ଜାତି ଭାଇଭଉଣୀଙ୍କ ମଧ୍ୟରେ ବେଶ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା। ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀରେ ତିଥିରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ରବିବାର ନିକଟସ୍ଥ ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ପ୍ରଥମେ କୁମ୍ଭକାର ଜାତିର ପତାକା ଉତ୍ତୋଳନ କରାଯାଇଥିଲା। ପରେ କୁମ୍ଭକାର ସମାଜର ଇଷ୍ଟ ଦେବାଦେବୀ ପିତା ରୁଦ୍ରପାଳ, ମାତା ରତ୍ନେଶ୍ୱରୀ, ସୁରେଶନ ଚକ୍ର ପୂଜାର୍ଚ୍ଚନା ସହ କୁରାଳ ପୁରାଣ ପାଠ ହୋଇଥିଲା। ଏଥିରେ ସମ୍ବାରୁ ରଣା ଓ ରଞ୍ଜିତା ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୁରାଳ ସମାଜର ସମ୍ପାଦକ ମୁରଲୀଧର ରଣାଙ୍କ ନେତୃତ୍ୱରେ ଉପସଭାପତି ଭୁବନେ ରଣା, ତ୍ରିନାଥ ରଣା, ମକରନ୍ଦ ରଣା, ଗୌରାଙ୍ଗ ରଣା, ଚତୁର୍ଭୁଜ ରଣା, ଡମ୍ବରୁଧର ରଣା, କୃଷ୍ଣଚନ୍ଦ୍ର ରଣା, ନିର୍ମଳ ରଣା, ତପନ ରଣା, ସରୋଜ ରଣା, ହେମନ୍ତ ରଣା, ସୁଶାନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ କୁରାଲ ପଞ୍ଚମୀ ଧୁମଧାମରେ ପାଳନ ହେଉଥିବା ଦେଖିବାକୁ ମିଳିଛି।

# ୩ ରୁ ବଲାଙ୍ଗୀରରେ କୁଚ ବିହାର ଟ୍ରଫି କ୍ରିକେଟ

ବଲାଙ୍ଗୀର ଅଫିସ,୩୦।୧୧

ଓଡିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଆସନ୍ତା ୩ରୁ ୬ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ୧୯ବର୍ଷ ବୟସ ବର୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ କୁଚ ବିହାର ଟ୍ରଫି ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଓଡିଶା ବନାମ ବିଦର୍ଭ ମଧ୍ୟରେ ଖେଳ ହେବ। ବୁଧବାର ଅପରାହ୍ନରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପରିସରରେ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂସଦ କର୍ମକର୍ତ୍ତାମାନେ ସବିଶେଷ ସୂଚନା ଦେଇଥିଲେ। କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସମ୍ପାଦକ ପୂଜାରୀ ସୂଚନା ଦେଇଥିଲେ। ଗୁରୁବାର ଏବଂ ଶୁକ୍ରବାର ଦିନ ଉଭୟ ଦଳ ଷ୍ଟାଡିୟମରେ ପ୍ରାକ୍ଟିସ ମ୍ୟାଚ ଖେଳିବେ। ମ୍ୟାଚ ରେଫରି ଭାବେ ଡ. ରୋହିତ ପ୍ରକାଶ, ଅମ୍ପାୟାର ଭାବେ ରାକେଶ ରାଘବନ ଓ ଅନମୋଲ ଶାରଦା, ସ୍କୋରର ଭାବେ ସନ୍ଦୀପ ଜି. ଓ ବିଶ୍ୱଜିତ ମନ୍ଦାନ, ଭିଡିଓ ଏନାଲିଷ୍ଟ ଭାବେ ତାପସ ନାଏକ ଏବଂ ସଞ୍ଜୟ କୁମାର ଜେଆର୍ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ସମ୍ପାଦକ ପୂଜାରୀ ସୂଚନା ଦେଇଥିଲେ। ସମ୍ମିଳନୀରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରିକେଟ କୋଚ ଅରୁଣ କୁମାର ନାୟକ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

## ମଣ୍ଡି ଆରମ୍ଭରୁ ହିଁ କଟନି ପ୍ରତିବାଦ

କୋକସରା,୩୦।୧୧(ଡି.ଏନ.ଏ.)



ଧାନ କ୍ରୟ ଦାବିରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଗତ ୨୫ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ କୋକସରା ସଦର ମଣ୍ଡି ମଙ୍ଗଳବାଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର କେତେଜଣ ଚାଷୀଙ୍କ ଧାନ ପାକ୍ସ ଓ ଯୋଗାଣ ବିଭାଗ ପକ୍ଷରୁ କ୍ରୟ ହୋଇଥିବା ବେଳେ ବୁଧବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଧାନ କ୍ରୟ ନ ହେବାରୁ ଉତ୍ୟକ୍ତ ଚାଷୀମାନେ ପ୍ରତିବାଦ କରିବା ସହ କୋକସରାଠାରେ ଜାତୀୟ ରାଜପଥ ୨୬ ମଣ୍ଡି ନିକଟରେ କିଛି ସମୟ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ରାସ୍ତା ଅବରୋଧ ଖବର ପାଇ କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଓ କର୍ମଚାରୀ ପହଞ୍ଚି ଚାଷୀ ଓ ମିଲ ମାଲିକଙ୍କ ଏଜେଣ୍ଟ ସହ ଆଲୋଚନା କରିଥିଲେ। ପରେ ଚାଷୀ ରାସ୍ତା ଅବରୋଧରୁ ହଟିଥିବା ଜଣାପଡିଛି। ଚାଷୀଙ୍କ ଅଭିଯୋଗ ଅନୁସାରେ ମଣ୍ଡି ଆରମ୍ଭରୁ କୁଇଣ୍ଟାଲ ପ୍ରତି ୪/୫ କେଜି କଟନୀ କରିବାକୁ ମିଲର ନିୟୋଜିତ ଏଜେଣ୍ଟ ଓ ପାକ୍ସ କର୍ମଚାରୀ ଚାପ ପ୍ରୟୋଗ କରୁଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ରାସ୍ତା ଅବରୋଧ ପରେ ଚାଷୀଙ୍କ ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନର ଚାପରେ ମିଲ ମାଲିକମାନେ ଗୁରବାରଠାରୁ ମଣ୍ଡିରୁ ଧାନ ଉଠାଣ କରିବେ ବୋଲି ଜଣାପଡିଛି। ଏ ନେଇ କୋକସରା ତହସିଲଦାର ଦେବବ୍ରତ କରାଟିଙ୍କ ପ୍ରତିକ୍ରିୟା ନେବାରୁ ଚାଷୀ ଓ ମିଲରଙ୍କ ମଧ୍ୟରେ ବୁଝାମଣା ହୋଇଛି, ଗୁରୁବାରଠାରୁ ସ୍ୱାଭାବିକ ଭାବେ ଧାନ କ୍ରୟ ହେବ ବୋଲି କହିଛନ୍ତି।

## ନର୍ଲା କୃଷି ସମବାୟ ସମିତି ପକ୍ଷରୁ ମଣ୍ଡି ଉଦ୍‌ଘାଟିତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ପଛପଟେ ସଭାପତି ମଞ୍ଜୁଲତା ଗଉଡ ଏବଂ ତହସିଲଦାର ଶଙ୍କର ବାଗ ପୂଜାର୍ଚ୍ଚନା ପରେ ମଣ୍ଡି ଉଦଘାଟିତ ହୋଇଥିଲା। ୪ଜଣ ଚାଷୀଙ୍କ ଟୋକନରେ ପ୍ରାୟ ୧୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କିଣାଯାଇଥିବା ସୂଚନା ମିଳିଛି। ଏହି ଅବସରରେ ସମ୍ପାଦକ ଲବ ସା, ଯୋଗାଣ ଅଧିକାରୀ, ଆର୍‌ଏମସି ଅଧିକାରୀଙ୍କ ସମେତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଭାଗ ନେଇଥିବା ପଦ୍ମପୁରର ଜନସାଧାରଣ।


ଆଲୋଚନାଚକ୍ରରେ ବିଜେଡି ନେତୃମଣ୍ଡଳୀ।

# ପଦ୍ମପୁରର ଦ୍ରୁତ ବିକାଶ ପ୍ରତିଶ୍ରୁତି ଦେଲା ବିଜେଡି

**ପଦ୍ମପୁର, ୩୦।୧୧(ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଛି। ପଦ୍ମପୁର ଉପନିର୍ବାଚନ ପରୀପେକ୍ଷୀରେ ବୁଧବାର ପଦ୍ମପୁର ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ଆଲୋଚନାଚକ୍ରରେ ଦ୍ରୁତ ବିକାଶର ପ୍ରତିଶ୍ରୁତି ଦେଇଛି ବିଜେଡି। ପଦ୍ମପୁର ଏଲିଟ ଫୋରମ ତରଫରୁ ଆୟୋଜିତ ଆଲୋଚନାଚକ୍ରରେ ସହରର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ବରିଷ୍ଠ ନାଗରିକ ଉପସ୍ଥିତ ରହି ଜିଲା ମାନ୍ୟତା, ରେଲୱେ ସୁବିଧା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଜଳସେଚନ ପ୍ରକଳ୍ପ, ନିଶା ଦ୍ରବ୍ୟ ରୋକିବା ପାଇଁ ଟାକ୍ସ ଫୋର୍ସ ଗଠନ, ରାସ୍ତା ମରାମତି, ବନ୍ଧ ପୋଖରୀର ପୁନଃରୁଦ୍ଧାର, ଡ୍ରେନର ଉନ୍ନତିକରଣ ସମ୍ପର୍କରେ ଦାବିମାନ ରଖିଥିଲେ। ଉପସ୍ଥିତ ବିଜେଡି ନେତୃବର୍ଗ ପୂର୍ବତନ ମନ୍ତ୍ରୀ ସାରଦା ନାଏକ, ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ବିଧାୟକ ସୁଧୀର ସାମଲ, ପିଙ୍କୁ ମିଶ୍ର, ସୌଭାଗ୍ୟ ନାଏକ ପ୍ରମୁଖ ଦାବିଗୁଡିକ ପ୍ରତି ସହମତି ପ୍ରକାଶ କରିଥିଲେ। ପଦ୍ମପୁର ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେଇ ଅର୍ଥ ମଞ୍ଜୁର କରିବେ ବୋଲି କହିଥିଲେ। ଆଗାମୀ ଦିନରେ ଏହି ଅର୍ଥରେ ପୋଖରୀର ପୁନରୁଦ୍ଧାର, ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ହେବ ବୋଲି କହିଥିଲେ।

## ସଂକ୍ଷେପରେ

### ଲଭ୍ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟର ପକ୍ଷରୁ କୁଇଜ ପ୍ରତିଯୋଗିତା

**ବାଉଁଶୁଣୀ,୩୦।୧୧(ଡି.ଏନ.ଏ.):** ବୁଧବାର ମା' ମାହେଶ୍ୱରୀ ଡିଗ୍ରୀ କଲେଜରେ ଲଭ ଅର୍ଗାନାଇଜେଶନ ରିସର୍ଚ୍ଚ ସେଣ୍ଟର ତରଫରୁ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ପ୍ରାୟ ୭୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅର୍ଗାନାଇଜେଶନର ସଭାପତି କୃଷ୍ଣାପଣ ଦନାୟକ, ଉପସଭାପତି ଦୀପକ କୁମାର ମେହେର,ସହ ସମ୍ପାଦକ ବିମଳ ଦଳେଇ, କୋଷାଧକ୍ଷ କ୍ଷୀରୋଦ ବିଶାଳ ତଥା ସମୀର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ବିଶ୍ୱଏଡ୍‌ସ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି ସୂଚନା ମିଳିଛି।

### ଗ୍ରାମବାସୀଙ୍କ ଗଣଧାରଣାକୁ ମାସେ ପୂରିଲା

**ପଥରକ୍ୱାରି ଓ କ୍ରଶର ପୁନଃ ଚାଲିବା ନିଷ୍ପତ୍ତିର ପ୍ରତିବାଦ**

**ବୌଦ୍ଧ,୩୦।୧୧ (ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁଠାରେ ବନ୍ଦ ଥିବା କ୍ରଶର ଓ ପଥରକ୍ୱାରି ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରି ଚଳାଇଥିବା ଗଣଧାରଣାକୁ ମାସେ ପୂରିଛି। ଗତମାସ ୧ ତାରିଖ ଠାରୁ ସରଡାଖୋଲ ଗ୍ରାମ ପଞ୍ଚାୟତ ରାସ୍ତା ଉପରେ ବସି ରହି ଗ୍ରାମବାସୀ ଧାରଣା ଦେଇଛନ୍ତି। ନିଜର ଭିଟାମାଟି ସୁରକ୍ଷା ପାଇଁ ଗ୍ରାମବାସୀ ମରିବୁ ପଛେ କ୍ରଶର ଚଳାଇ ଦେବୁ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

**ନୂଆପଡ଼ା ଅଫିସ,୩୦।୧୧:** ନୂଆପଡା ଜିଲା ସୀମାବର୍ତ୍ତି ବରଗଡ ଜିଲା ପାଇକମାଲ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ନୂଆପଡା ସଦର ସାଇପଲା ଜଳ ସେଚନ ପ୍ରକଳ୍ପଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡା ଉତ୍ସବରେ ଚୂଡାମଣି ବାରିକ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡା ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟଅତିଥି, ଉତ୍କଳମଣି ଅଗସ୍ତି, ଅରୁଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସହ ଆଲୋଚନାଚକ୍ରରେ ସାମିଲ ହୋଇ ଶିଶୁମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୩ ତାରିଖ ବିଶ୍ୱ ଭିନ୍ନକ୍ଷମ ଦିବସରେ ପୁରସ୍କୃତ କରାଯିବ। ଶିବ ପ୍ରସାଦ ଯୋଶୀ, ରାଧେଶ୍ୟାମ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ନୂଆ ଭାବିବା ପାଇଁ ଓଡ଼ିଶା ସରକାରଙ୍କ ଇଚ୍ଛାଶକ୍ତି ନାହିଁ

**ପଦ୍ମପୁର, ୩୦।୧୧(ଡି.ଏନ.ଏ.)**

**ପଦ୍ମପୁର ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ମାରାଥନ ପ୍ରଚାର**

କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ କରି ବାହାବା ନେବାର ଅପଚେଷ୍ଟା କରୁଛନ୍ତି। ଓଡ଼ିଶା ସରକାରଙ୍କ ପାଖରେ ସୃଜନଶୀଳତା ନାହିଁ। ନୂଆ ଭାବିବା ପାଇଁ କଳ୍ପନା ଓ ଇଚ୍ଛାଶକ୍ତି ନାହିଁ। ଓଡ଼ିଶା ସରକାର ଥକି ଗଲେଣି। ପଦ୍ମପୁର ନିର୍ବାନମଣ୍ଡଳୀରେ ପ୍ରଚାରର ଦ୍ୱିତୀୟ ଦିନରେ ପାଇକମାଲ ବ୍ଲକ ବାଦିକଟା, ପଦ୍ମପୁର ବ୍ଲକର ଖଇରପାଲି ଓ ଦହିତାଠାରେ ଆୟୋଜିତ ଜନସଭାରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ, ଦୀର୍ଘ ୨୨ବର୍ଷରେ ଯେଉଁମାନେ ଲୋକମାନଙ୍କୁ ମୌଳିକ ସୁବିଧା ଦେଇପାରିଲେ ନାହିଁ ସେମାନେ ଆଜି ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ଚାହୁଁଛନ୍ତି। ପଦ୍ମପୁରବାସୀ ଏହି ଉପନିର୍ବାଚନରେ ଶାସକ ଦଳର ଷଡଯନ୍ତ୍ରର ଉଚିତ ଜବାବ ଦେବ। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବେ। ପ୍ରଧାନ କହିଛନ୍ତି ରାଜ୍ୟରେ ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ଦେବାର ଘୋଷଣା କରାଯାଇଛି। ଏହା ଭାରତ ସରକାରଙ୍କ ଗ୍ରାମୀଣ ବିକାଶର ଏକ ଯୋଜନା। ଏହି ଯୋଜନାରେ ଭାରତ ସରକାର ଭାରତୀୟ ବ୍ୟାଙ୍କ ମାନଙ୍କରୁ ମହିଳାମାନଙ୍କୁ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱଳ୍ପ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର ପଦ୍ମପୁର ନିର୍ବାଚନକୁ ଆଖିରେ ରଖି ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ଦେବାର ଘୋଷଣା କରିବା ଚଞ୍ଚକତାର ବିଷୟ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଆଜି ପ୍ରତିଦିନ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଇନପୁଟ ସବସିଡି ଘୋଷଣାର ପ୍ରାୟ ଅନେକ ଦିନ ପରେ ବି ଟଙ୍କା ଆସିନାହିଁ। ନୂତନ ଜିଲା ହେବା ପାଇଁ ପଦ୍ମପୁରର ସମସ୍ତ ଯୋଗ୍ୟତା ରଖୁଥିବା ପରେ ମଧ ଜିଲ୍ଲା ହେଲା ନାହିଁ। ସତରେ ଏ ଅଞ୍ଚଳ ପ୍ରତି ପ୍ରତିବଦ୍ଧତା ଥିଲେ ବିଜେଡ଼ି ସଭାପତି ନୁହେଁ ବରଂ ମୁଖ୍ୟମନ୍ତ୍ରୀ ଭାବରେ ପଦ୍ମପୁରକୁ ଜିଲା ମାନ୍ୟତା ଦେବାର ଘୋଷଣା କରନ୍ତୁ। ପ୍ରଦୀପ ପୁରୋହିତ ଏ ଅଞ୍ଚଳର ସ୍ୱଭିମାନର ପ୍ରତୀକ। ଆଗାମୀ ୫ ତାରିଖରେ ତାଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବ ବିଜେଡି

**ବର୍ଷାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ**

**ପଦ୍ମପୁର, ୩୦।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାରେ ଭାଜପା ବିଚଳିତ ହୋଇ ପଡିଛି। ଏଣୁ ଦଳର କେତେକ ନେତା ଓ କର୍ମୀ ବିଭିନ୍ନ ସଭାରେ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଏପରିକି କେତେକଙ୍କୁ ଉସକାଇ ସାମାଜିକ ଗଣମାଧ୍ୟମରେ ବର୍ଷାଙ୍କ ବିରୋଧରେ ପ୍ରଚାର କରାଯାଉଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର କହିଛନ୍ତି। ଭାଜପା ମା'ମାନଙ୍କୁ ସମ୍ମାନ ଦିଏନାହିଁ। ବର୍ଷା ଏହି ଗାଁର ଝିଅ। ବାପାଙ୍କ ଦେହାନ୍ତ ପରେ ଉପନିର୍ବାଚନ ସାମନା କରୁଛି। ନିଜ ଲୋକଙ୍କୁ ଦେଖି କୋହସମ୍ବରଣ କରି ନପାରିବା ସ୍ୱଭାବିକ କଥା। ଅପରନ୍ତୁ ଏହି ପ୍ରସଙ୍ଗରେ ଭୁଲ ମନ୍ତବ୍ୟ ଦେଇ ଟାହିଟାପର କରିବା ସମୀଚିନ ନୁହେଁ। ଏ ସମ୍ପର୍କରେ ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେବ ବୋଲି ଶ୍ରୀମୟୀ ଗଣମାଧ୍ୟମକୁ କହିଥିଲେ।



ବିଜେଡି ସଭାରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

# ବିଜେଡିର ନିର୍ବାଚନୀ ସମାବେଶ

**ପାଇକମାଲ, ୩୦।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଚରମ ସୀମାରେ ପହଞ୍ଚିଛି। ବୁଧବାର ପାଇକମାଲ ବ୍ଲକ ଜିଲା ପରିଷଦ ଜୋନ ୧ ମାଣ୍ଡୋସିଲଠାରେ ବିଜେଡିର ନିର୍ବାଚନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ରାଜୁ ଢୋଲକିଆ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହି ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ବିପୁଳ ପରିମାଣରେ ଭୋଟଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଉପରେ କହିଥିଲେ। ମୁଖ୍ୟମନ୍ତ୍ରୀ ଜଣେ ମହିଳାଙ୍କୁ ପ୍ରାର୍ଥୀ କରି ସଶକ୍ତିକରଣ ଦିଗକୁ ଉଜାଗର କରିଛନ୍ତି ବୋଲି କହିଥିଲେ। ସଭାରେ ବିଧାୟକ ପ୍ରଶାନ୍ତ ବେହେରା, ବ୍ରଜ କିଶୋର ପ୍ରଧାନ, ଉଠା ଜଳସେଚନ ବିଭାଗ ଅଧକ୍ଷ ରମେଶ ପତ୍ରି, ବ୍ଲକ ଉପାଧକ୍ଷ ସଞ୍ଜିବ ବାରିକ, ବ୍ଲକ ବିଜେଡି ଯୁବ ସଭାପତି ଗୌତମ ସିଂ ପ୍ରମୁଖ ବର୍ଷା ସିଂ ବରିହାଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଧାୟକା ଲତିକା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

## କଂଗ୍ରେସର ରୋଡ୍ ଶୋ

**ପାଇକମାଲ, ୩୦।୧୧(ଡି.ଏନ.ଏ.)**

ପାଇକମାଲ ବ୍ଲକରେ କଂଗ୍ରେସ ଦଳ ପକ୍ଷରୁ ବୁଧବାର ରୋଡ ଶୋ କରାଯାଇଥିଲା। ଏଥିରେ ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ପାଇଁ ଭୋଟଭିକ୍ଷା କରିଥିଲେ ଦଳୀୟ ନେତୃବୃନ୍ଦ। ବରିଷ୍ଠ ନେତା ସୁର ରାଉତରାୟ ନୃସିଂହ ନାଥ, ପାଇକମାଳ, ନୂଆଗାଁ, ଜର୍ଗଗଡ଼ କଲୋନୀ ପଡା, ମାହାରପଡାରେ ରୋଡ ଶୋ କରିଥିଲେ। ତାଙ୍କ ସହ ବିନୋଦ କାଳିଆ, ସନ୍ତୋଷ ପାଣିଗ୍ରାହୀ, ମୁଜାଫର ଭାଇ ପ୍ରଚାର କରିଥିଲେ।




## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଅଜୁ


@ ତନ୍ମୟ


@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟକୁ ବିକୃତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ: ପ୍ରସନ୍ନ

**ପଦ୍ମପୁର,୩୦।୧୧(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନରେ ରେଳ ଲାଇନ, ନାରୀ ନିର୍ଯାତନା, କେନ୍ଦୁପତ୍ର ଚାଷୀ ଓ ଚାଷ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ନିର୍ବାଚନ ସଭାମାନଙ୍କରେ କେନ୍ଦ୍ର ମନ୍ତ୍ରୀମାନେ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ଏବଂ ସତ୍ୟକୁ ବିକୃତ କରାଯାଉଛି ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ। ବୁଧବାର ସ୍ଥାନୀୟ ବିଜୁଜନତା ଦଳ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ଆଚାର୍ଯ୍ୟ କହିଛନ୍ତି ଯେ, କହିଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକ ନ୍ୟାୟରେ କେନ୍ଦ୍ର ମନ୍ତ୍ରୀମାନେ କେବଳ ଆରୋପ କରି ଚାଲିଛନ୍ତି। ଭାଜପାର କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପି ଓଡିଶା ଋଣରେ ବୁଡିଯାଇଥିବା କହୁଛନ୍ତି। ହେଲେ ଭାଜପା ଶାସିତ ରାଜ୍ୟର ଅବସ୍ଥା ଆହୁରି ଖରାପ ତାହା ସେମାନଙ୍କୁ କାହିଁକି ଦେଖାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ସେହିପରି ନାରୀ ନିର୍ଯାତନା, ଯୌତୁକଜନିତ ହତ୍ୟା, ବିଭିନ୍ନ ଅପରାଧରେ ଭାଜପା ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ମହାରାଷ୍ଟ୍ରରେ ଏହି ମାମଲା ଅଧିକ ଥିବା ବେଳେ ସେମାନେ ନିଜ ଦୋଷ ଦୁର୍ବଳତାକୁ ଲୁଚାଉଛନ୍ତି ବୋଲି କହିଥିଲେ। କେନ୍ଦ୍ର ସରକାର କେନ୍ଦୁପତ୍ରରେ ୧୮ ପ୍ରତିଶତ ଜିଏସ୍‌ଟି ନେଉଛନ୍ତି, ଧାନକିଣା ବାବଦକୁ ବକେୟା ୯ ହଜାର କୋଟି ଟଙ୍କା ରାଜ୍ୟକୁ ଦେଉନାହାନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନ କରି କେବଳ ଶ୍ରମିକ ଓ ଚାଷୀଙ୍କ ସପକ୍ଷବାଦୀ ସରକାର କହି ଭାଜପା ଲୋକଙ୍କୁ ଠକୁଛନ୍ତି ବୋଲି ପ୍ରସନ୍ନ କହିଥିଲେ।


ଖବରଦାତା ସମ୍ମିଳନୀରେ ପ୍ରସନ୍ନ ଆଚାର୍ଯ୍ୟ।

# ଅଗ୍ନିଶମ ବାହିନୀ ପକ୍ଷରୁ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ

**ବାଉଁଶୁଣୀ,୩୦।୧୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକର ଦହ୍ୟା ଜୀବନ ବିକାଶ ଡିଗ୍ରୀ କଲେଜଠାରେ ବୁଧବାର ବାଉଁଶୁଣୀ ଅଗ୍ନିଶମ ବାହିନୀ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ଏବଂ ଲିଭାଇବା ପାଇଁ ସମସ୍ତ ପ୍ରକାର କୌଶଳ ପ୍ରଦର୍ଶନ କରିଥିଲେ। ଏଥିସହ ବିପର୍ଯ୍ୟୟ ସମୟରେ କେମିତି ମୁକାବିଲା କରିବାକୁ ହେବ ସେନେଇ ତାଲିମ ଦେବା ସହିତ ଆତ୍ମରକ୍ଷା କୌଶଳ ମକ୍‌ଡ୍ରିଲ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଆଗ୍ନିକ ଚିତ୍ତରଞ୍ଜନ ମାହାର ଏବଂ ବିଭାଗୀୟ ସହଯୋଗୀମାନେ ଉକ୍ତ ଡିଗ୍ରୀ କଲେଜର ଅଧକ୍ଷଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଓ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ତାଲିମ ଦେଇଥିଲେ।


ଅଗ୍ନିଶମ ବାହିନୀ ନିଆଁ ଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

# ପଲ୍‌ସର ଗାଡ଼ି ପାଇଁ ବିବାହିତା ମହିଳାଙ୍କୁ ହତ୍ୟା ଅଭିଯୋଗ

**ବଲାଙ୍ଗୀର ଅଫିସ/ତରଭା (ଡି.ଏନ.ଏ.), ୩୦।୧୧**

ପଲ୍‌ସର ଗାଡି ଯୌତୁକ ଆଣି ନ ଥିବାରୁ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣକ ସୁବର୍ଣ୍ଣପୁର ଜିଲା ପୁଆ ଗ୍ରାମର ରଞ୍ଜନ ସାହୁଙ୍କ ସ୍ତ୍ରୀ ରୁକ୍ମିଣୀ (୨୫) ବୋଲି ଜଣାପଡିଛି। ମହିଳାଙ୍କ ବାପଘର ଲୋକେ ବୁଧବାର ଏ ନେଇ ତରଭା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କେସେରକେଲା ଗ୍ରାମର ଦେବ ପଧାନଙ୍କ ଝିଅ ରୁକ୍ମଣୀ ଗତ ୨୦୨୧ ଏପ୍ରିଲ ୨୯ ତାରିଖରେ ରଞ୍ଜନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ କୁଆଡେ ପଲସର ଗାଡି ଯୌତୁକ ମାଗିଥିଲେ। ତେବେ କନ୍ୟାପକ୍ଷ ପଲସର ବଦଳରେ ଏକ ହିରୋ ଗ୍ଲାମର ଗାଡି ଯୌତୁକ ଦେଇଥିଲେ। ଏହାକୁ ନେଇ ରଞ୍ଜନ ସ୍ତ୍ରୀ ରୁକ୍ମଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଶାଶୁ, ଶ୍ୱଶୁର ଏବଂ ଦୁଇ ଦିଅର ମଧ ନିର୍ଯାତନା ଦେଇ ଆସୁଥିଲେ। ତେବେ ରଞ୍ଜନଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବା ନେଇ ରୁକ୍ମଣୀ ଜାଣିବା ପରେ ନିର୍ଯାତନା ବଢ଼ିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ବୁଧବାର ସକାଳେ ପୁଆ ଗ୍ରାମରୁ ରଞ୍ଜନଙ୍କ ବାପା ବଶିଷ୍ଠ ସାହୁ ସମୁଦିଙ୍କୁ ଫୋନ୍ କରି ରୁକ୍ମଣୀ ସିରିଅସ୍ ଥିବା ଖବର ଦେଇଥିଲେ। ବାପଘର ଲୋକେ ପହଞ୍ଚି ରୁକ୍ମଣୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୁକ୍ମଣୀଙ୍କ ବେକ ଓ ଦେହର ବିଭିନ୍ନ ସ୍ଥାନରେ ଦାଗ ରହିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦେବ ପଧାନଙ୍କ ପୁତୁରା ରାକେଶ ପଧାନ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ଜଣାଯାଇଛି।


ମୃତା ରୁକ୍ମିଣୀ ପଧାନ।

**ଛତୁଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ**

କୁଚିଣ୍ଡା (ଡି.ଏନ.ଏ.): ବାମରା ବ୍ଲକ ଜରାବଗା ପଞ୍ଚାୟତର ସନ୍ଧକୁଦର ଗ୍ରାମରେ ଦୁଇଦିନିଆ ଧିଙ୍ଗିରି ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ। ସଭ୍ୟାମାନେ ନଡା, ବେଶନ ସଂଗ୍ରହ କରିଥିବା ବେଳେ ସିଡବ୍ଲୁଏସ ତରଫରୁ ଛତୁ ମଞ୍ଜି ଯୋଗାଇ ଦିଆଯାଇଥିଲା। ବାମରା ବ୍ଲକର ସଫଳ ଛତୁ ଉଦ୍ୟୋଗୀ ସୁଜାତା ଲାକ୍ରା ତାଲିମ ପ୍ରଦାନ କରିଥିଲେ। ଶେଷରେ ବିନିତା ଖଡ଼ିଆ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପାଣି ମିଟର ଚୋରି ଅଭିଯୋଗରେ ୨ ଗିରଫ

**ଝାରସୁଗୁଡ଼ା ଅଫିସ/ ବେଲପାହାଡ଼, ୩୦।୧୧:** ବେଲପାହାଡ଼ ଥାନା କାଡୁପଡ଼ାରେ ପାଣି ମିଟର ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଡୁପଡାର ଅଶୋକ ମୁଣ୍ଡା (୩୫) ଓ ଗାଇସିଲେଟ ଥାନା ଜାମାଲ ଗ୍ରାମର ବାଳମୁକୁନ୍ଦ ସାହୁ (୨୮)। ପୋଲିସ ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। କାଡୁପଡ଼ା ନିବାସୀ ସଞ୍ଜୟ ମହାରଣାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ୨୭୪/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

### ଆଇନ ମହାବିଦ୍ୟାଳୟରେ ନିବେଶକ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୩୦।୧୧(ବ୍ୟୁରୋ):** ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ନିବେଶକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆଇଡିବିଆଇ ବ୍ୟାଙ୍କ ପ୍ରାକ୍ତନ ଅତିରିକ୍ତ ପରିଚାଳକ ମନୋଜ ଟି ନୀଳକଣ୍ଠନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପୁଞ୍ଜି ବିନିଯୋଗ ଓ ବ୍ୟାପାର ସମ୍ପର୍କରେ ଧାରଣା ଦିଆଯାଇଥିଲା। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

### ଗ୍ରାମାଞ୍ଚଳ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡା ଅଫିସ୍,୩୦।୧୧:** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌ରୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍‌କୁ ଇବ୍‌ନଦୀ ଉପରେ ଥିବା ରମ୍ପେଲା ସେତୁ ସଂଯୋଗ କରୁଛି। ଏହି ସେତୁ ଉପରୁ ମହାନଦୀର ନୀଳ ଜଳରାଶି ଓ ବଣଜଙ୍ଗଲଭରା ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ ଉପଭୋଗ୍ୟ। ଏଥିପାଇଁ ପ୍ରତିଦିନ ଉଭୟ ଜିଲାର ଲୋକ ଏଠାକୁ ଆସିସେଲ୍ଫି ଉଠାଇ ମଜା ନେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେତୁ ନିକଟ ନଦୀକୂଳରେ ଏକ ପାର୍କ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ବ୍ଲକ୍ ପ୍ରଶାସନ ଏଠାରେ ଏକ ଗ୍ରାମାଞ୍ଚଳ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛି। ମଙ୍ଗଳବାର ପାର୍କ ନିର୍ମାଣ ପାଇଁ ରମ୍ପେଲା ସରପଞ୍ଚ ବିମଳା କିଷାନଙ୍କ ଅଧ୍ୟକ୍ଷତାରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଡିଓ ଜୟନ୍ତ ସାହୁ, ବ୍ଲକ୍ ନିର୍ବାହୀଯନ୍ତ୍ରୀ ବିନୟ ଭୂଷଣ ଦାଶ, କନିଷ୍ଠଯନ୍ତ୍ରୀ ରାଜ କିଶୋର ପାଶୱାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାମ ପ୍ରଥମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଆରମ୍ଭ ହେବ ଓ ପରେ ବିଭିନ୍ନ ଯୋଜନାରେ କାର୍ଯ୍ୟ ଅଗ୍ରଗତି କରିବ ବୋଲି ବିଡିଓ ସାହୁ କହିଛନ୍ତି।

### ଜିଲା ରେଡକ୍ରସ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସମ୍ବଲପୁର,୩୦।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ରେଡ୍‌କ୍ରସ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶରୀର ସମ୍ବନ୍ଧୀୟ ଆୟୁର୍ବେଦିକ ଚିକିତ୍ସା ଶିବିର ମଙ୍ଗଳବାର ଦଲେଇପଡ଼ା କଲ୍ୟାଣ ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଓ ଅଜାମ୍ବର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ରେଡ୍‌କ୍ରସ ସମ୍ପାଦକ ଜୟ ଜର୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ। ହ୍ୟୁମାନ କେୟାର ଫାଉଣ୍ଡେଶନ ବୈଷୟିକ ଅଧିକାରୀମାନେ କିଡ୍‌ନୀ, ହାର୍ଟ, ମସ୍ତିଷ୍କ, ଉଚ୍ଚ ରକ୍ତଚାପ, ମଧୁମେହ ପ୍ରଭୃତି ୧୨ଟି ରୋଗର ପରୀକ୍ଷା କରୁଛନ୍ତି। ୧୩ ବର୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ଡା. ଶ୍ରୀଧର ବିଶୋଇ, ଡା. ପି. ଦଳାଇ, ଡା. କେ. ରତ୍ନମ, ମାର୍କେସ ନନ୍ଦ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରେଡ୍‌କ୍ରସ କାର୍ଯ୍ୟାଳୟ କର୍ମଚାରୀ ପ୍ରମିଳା ବେହେରା, ମହାଦେବ ବେହେରା, ଅମୂଲ୍ୟ କୁମାର ବଡ଼ପଣ୍ଡା, ସଞ୍ଜୀବ ଦେହୁରି, ଲିଲିମା ମୁଣ୍ଡା ସହଯୋଗ କରିଥିଲେ।

### ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରୀଙ୍କ ଏଡ୍‌ସ ସଚେତନତା

**ଝାରସୁଗୁଡ଼ା ଅଫିସ,୩୦।୧୧:** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ପ୍ରଧାନ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଚିତ୍ରାଙ୍କନ କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏ ପ୍ରକାର କଳାକୃତି ନିମନ୍ତେ କୁନି ଛାତ୍ରୀଙ୍କୁ ଅଭିବାଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ତାଙ୍କର ଚିତ୍ରାଙ୍କନ ବାର୍ତ୍ତାକୁ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

# 'ଅସତ୍ୟ ପ୍ରଚାରରେ ସତ୍ୟକୁ ପରଖିବାକୁ ହେବ'

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

ଆଜିର ସମାଜରେ ସାମାଜିକ ଗଣମାଧ୍ୟମ ହ୍ୱାଟ୍ସଆପ୍, ଟୁଇଟର, ଫେସବୁକ ଭଳି ପ୍ଲାଟଫର୍ମର ବ୍ୟବହାର ବୃଦ୍ଧି ପାଇଛି। ବିଶେଷକରି ଯୁବସମାଜ ଏହାର ବହୁଳ ବ୍ୟବହାର କରୁଛନ୍ତି। ଏହାକୁ ଖୋଲିବା ମାତ୍ରେ ବିଭିନ୍ନ ପ୍ରକାର ସୂଚନା ପହଞ୍ଚିଯାଉଛି। ଅନେକ ସମୟରେ ଅସତ୍ୟକୁ ସତ୍ୟ ଭାବେ ଉଲ୍ଲେଖ କରି ପ୍ରଚାର କରାଯାଇଥାଏ, ଯାହାର କୁପ୍ରଭାବ ସମାଜ ଉପରେ ପଡୁଛି। ଏଭଳି ଅନେକ ଉଦାହରଣ ପୂର୍ବରୁ ଦେଖିବାକୁ ମିଳିଛି। ତେଣୁ ଘଟଣାକୁ ପରଖି ସତ୍ୟତା ଜାଣିବାକୁ ହେବ। କୌଣସି ଧର୍ମର ବିନାଶ ଅନ୍ୟ ଧର୍ମ ଦ୍ୱାରା ହୋଇ ନ ଥାଏ। ବରଂ ସେହି ଧର୍ମ ଭିତରେ ଥିବା ନକରାତ୍ମକ ତତ୍ତ୍ୱମାନଙ୍କ ଦ୍ୱାରା ଏହା ହୋଇଥାଏ ବୋଲି ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଅରୁଣ ଗାନ୍ଧୀ କହିଛନ୍ତି।

ସମ୍ବଲପୁର ଗଙ୍ଗାଧର ମେହେର



ଜିଏମ୍‌ୟୁରେ ବକ୍ତବ୍ୟ ରଖୁଛନ୍ତି ତୁଷାର ଅରୁଣ ଗାନ୍ଧୀ।

ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ୨୩ତମ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ କହିଥିଲେ, ସମାଜରେ ନିଜର ଦାୟିତ୍ୱ, ଅଧିକାର ପାଇଁ ଯୁବପିଢ଼ି ବାହାରି ଆସନ୍ତୁ। ଜାତୀୟତାଭାବର ଏକ ସ୍ୱର୍ଣ୍ଣିମ ଇତିହାସ ରହିଛି। ଯୁବସମାଜ ତାଙ୍କ ଅତୀତକୁ ଠିକ ଭାବେ ଅନୁଧ୍ୟାନ କରୁନାହାନ୍ତି। ଗାନ୍ଧୀଙ୍କ ଅନୁଗାମୀ ସେହିମାନେ ଯେଉଁମାନେ ତାଙ୍କର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା କରୁଛନ୍ତି। ଗାନ୍ଧୀଙ୍କୁ ମହାତ୍ମା କରିଦେଇ ଆମେ ନିଜଠୁ ତାଙ୍କୁ ଦୂରେଇ ଦେବାକୁ ଚେଷ୍ଟା କରିଛୁ। ତାଙ୍କୁ ମହାତ୍ମା ଭାବରେ ବିଚାର ନ କରି ଆମ ଭଳି ଜଣେ ମଣିଷ ମୋହନଦାସ କରମଚାନ୍ଦ ଗାନ୍ଧୀ ଭାବରେ ବିଚାର କରିବା କଥା। ତାଙ୍କର ନୀତି ଆଦର୍ଶକୁ ମାନିଲେ ତାଙ୍କ ପ୍ରତି ସମ୍ମାନ ହେବ। ରାଜ୍ୟମାନଙ୍କ ବିନା ମତାମତରେ ନୂତନ ଶିକ୍ଷାନୀତି ଗୃହୀତ ହୋଇଛି।

**ସେତୁ ପକ୍ଷରୁ ସତ୍ୟୋ ସମାଜରେ ଗାନ୍ଧୀ ଶୀର୍ଷକ ବକ୍ତୃତାମାଳା**

ଏହା ଏକ କେନ୍ଦ୍ରୀକୃତ ଶିକ୍ଷାନୀତି। ଏଥିରେ ଶିକ୍ଷାବିତ୍‌ଙ୍କ ଭୂମିକା ଗୌଣ ଓ ଅମଲାତନ୍ତ୍ରକୁ ମୁଖ୍ୟ କରାଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସମସ୍ତଙ୍କୁ ପୂର୍ବସୁରୀମାନଙ୍କୁ କେତେ କଷ୍ଟସ୍ୱୀକାର କରିବାକୁ ପଡ଼ିଥିଲା ତାହା ଚିନ୍ତା କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ସଭାପତି ଡ. ମୀନକେତନ ପାଠୀ ଅଧକ୍ଷତା କରିଥିଲେ। ପରେ 'ସତ୍ୟୋର ସମାଜରେ ଗାନ୍ଧୀ' ଶୀର୍ଷକ ବିଷୟ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ସେତୁ' ସମ୍ପାଦକ ସୁକାନ୍ତ କୁମାର କର ସଂଯୋଜନା କରିଥିବାବେଳେ ଉପସଭାପତି ଡ. ନିଳେନ୍ଦ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜିଏମ୍‌ୟୁର ଶତାଧିକ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଏମ୍‌ସିଏଲ୍‌ରେ ଏମ୍‌ଜିଏମ୍‌ଆଇ ଓଡ଼ିଶା ଶାଖାର ଜାତୀୟ ସେମିନାର


ଜାତୀୟ ସେମିନାରରେ ଯୋଗଦେଇଥିବା ଅତିଥିମାନେ ।

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

ଏମ୍‌ଜିଏମ୍‌ଆଇ ଓଡ଼ିଶା ଶାଖା ଆୟୋଜିତ ଜାତୀୟ ସେମିନାର ସମ୍ବଲପୁର ମହାନଦୀ କୋଇଲା କମ୍ପାନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଖଣି, ଧାତୁ ଓ ଭୂବିଜ୍ଞାନ ବିଶେଷଜ୍ଞଙ୍କ ଦ୍ୱାରା କୋଇଲା ଖଣି, ଶିଳ୍ପରେ ଆହ୍ୱାନ ଓ ରଣନୀତି ଶକ୍ତି ପରିବର୍ତ୍ତନ ୪.୦ ବିଷୟରେ ଆଲୋଚନା କରାଯାଇଥିଲା। ଭର୍ଚୁଆଲ ଜରିଆରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସଚିବ ଅମୃତ ଲାଲ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧିବେଶନର ଶୁଭ ଉଦ୍‌ଘାଟନ କରିଥିଲେ। କୋଇଲା ଇଣ୍ଡିଆ ଲିମିଟେଡ ଅଧକ୍ଷ ପ୍ରମୋଦ ଅଗ୍ରୱାଲ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ/ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ ଜୁଗଲ କୁମାର ବୋରା, ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା ମଞ୍ଚାସୀନ ଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ କ୍ଷେତ୍ରର ୪୬ ଶିଳ୍ପସଂସ୍ଥା ମଧ୍ୟ ଯୋଗ ଦେଇଥିଲେ। ୪ଟି ବୈଷୟିକ ଅନୁଷ୍ଠାନର ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ବୈଷୟିକ ପ୍ୟାନେଲ ଅଧିବେଶନ ସମୟରେ ବିଶେଷଜ୍ଞମାନେ ଜମି ଅଧିଗ୍ରହଣ, କୋଇଲା ପରିବହନ ଏବଂ ଲଜିଷ୍ଟିକ୍ସ, ଖଣିରେ ଡିଜିଟାଇଜେସନ ଏବଂ ସ୍ୱୟଂଶାସିତ, ଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

### ଉଦ୍ୟାନ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

**ପଡିଆବାହାଲ, ୩୦।୧୧(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ସନାତନପାଲିସ୍ଥିତ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିଃକୁ ବୁଧବାର ଭୁବନେଶ୍ୱର ଉଦ୍ୟାନ କୃଷି ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୋଷ କୁମାର ପଣ୍ଡା ପରିଦର୍ଶନରେ ଆସିଥିଲେ। ସେ କମ୍ପାନୀ ଅଧୀନ ସନାତନପାଲି, ଠାକୁରମାଲ, ବଡ଼ସାହିର ଓ ପଇଦାମାଲ ଗ୍ରାମକୁ ଯାଇ ୧୫ ଜଣ ଚାଷୀଙ୍କ ଫୁଲ, ଫଳ ଓ ଅନ୍ୟାନ୍ୟ ଚାଷ କ୍ଷେତ୍ର ଦେଖିଥିଲେ। ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ହାସଲ କରି ପାରୁଛନ୍ତି କି ନାହିଁ ପଚାରି ବୁଝିଥିଲେ। ଗସ୍ତ ସମୟରେ ସମ୍ବଲପୁର ଉଦ୍ୟାନ କୃଷି ଡେପୁଟି ଡାଇରେକ୍ଟର ହିମାଂଶୁ ଶେଖର ସାହୁ, ସହକାରୀ କୃଷି ଉଦ୍ୟାନ ଅଧିକାରୀ ଏସ୍ ନାୟକ ଉପସ୍ଥିତ ଥିଲେ। ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଡାଇରେକ୍ଟର ମନବୋଧ ସାହୁଙ୍କ ସମେତ କୋଡିଏରୁ ଅଧିକ ଚାଷୀ ଅଧିକାରୀମାନଙ୍କ ସହ ବୁଲି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।

### ବୈଦ୍ୟୁତିକ ନିରାପତ୍ତା ସଚେତନତା ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୩୦।୧୧**

ବେଲପାହାଡ଼ ବିଦ୍ୟୁତ୍ ସେକ୍ସନ ତରଫରୁ ମଙ୍ଗଳବାର ବୈଦ୍ୟୁତିକ ନିରାପତ୍ତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗୁମାଡେରା ଗୁରୁଦାରାରୁ ବାହାରି ଅଟଳ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପୋଷ୍ଟର, ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ଉପଭୋକ୍ତାଙ୍କୁ ସଚେତନତା କରାଇଥିଲେ। ଏଥିରେ ଇଞ୍ଜିନିୟର ନନକେତନ ପ୍ରଧାନ, ଯତିକାନ୍ତ ପାତ୍ର, ଏସ୍‌ଡିଓ ପଦ୍ମନାଭ ନାଏକ, ସୁରକ୍ଷା ଅଧିକାରୀଙ୍କ ସମେତ ଗୁମାଡେରା ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## ଆଇଟିଡିଏ ଘୋଷଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଧେଇ

**ଝାରସୁଗୁଡ଼ା ଅଫିସ,୩୦।୧୧**

ଝାରସୁଗୁଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ କିର୍ମିରା ଓ ଲଇକେରା ବ୍ଲକକୁ ଆଦିବାସୀ ଉପଯୋଜନା (ଟିଏସ୍‌ପି)ରେ ସାମିଲ କରାଯାଇଛି। ଗତ ୨୪ ତାରିଖରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତିରେ ଏହା ଘୋଷଣା କରାଯାଇଛି। ଏହା ସହିତ ଝାରସୁଗୁଡ଼ାଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ମୁଖ୍ୟାଳୟ ରହିବ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ୨୧ ଜଣିଆ ନେତୃମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ବଧେଇ ଜଣାଇଛନ୍ତି। ଏହାସହ ଡିସେମ୍ବର ୨୪, ୨୫, ୨୬ରେ ଝାରସୁଗୁଡା ଜିଲାରେ ହେବାକୁ ଥିବା ମହାସଭାର ୧୫ତମ ମହାଅଧିବେଶନର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଯୋଗଦେବା ପାଇଁ ଆମନ୍ତ୍ରଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏଥିରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବ୍ୟତୀତ ରାଜ୍ୟରେ ଗତ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ନନସିଡ୍ୟୁଲ ଜିଲା ଓ ବ୍ଲକରେ ରାଜ୍ୟ ସରକାର ଆଦିବାସୀଙ୍କ ସଂରକ୍ଷଣକୁ ରଦ୍ଦ କରିଥିବା ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗୋଣ୍ଡ, ଝାରସୁଗୁଡା ଜିଲା ଉପସଭାପତି ଫକୀର ନାଏକ, ଝାରସୁଗୁଡା ଜିଲା ମହାସଚିବ ଶ୍ୟାମଲାଲ ନାଏକଙ୍କ ସମେତ ବିଭିନ୍ନ ଜିଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ମହାସଭାର ନେତୃମଣ୍ଡଳୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର

**କୁଚିଣ୍ଡା,୩୦।୧୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅଧୀନ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ହାଇଡ୍ରୋସିଲ ରୋଗର ନିରାକରଣ ପାଇଁ ବିଭିନ୍ନ ପ ଦକ୍ଷେପ ନିଆଯାଇଛି। ବୁଧବାର କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ୨୦ଜଣ ହାଇଡ୍ରୋସିଲ ରୋଗୀ ଓ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ୧୦ଜଣ ପୁରୁଷଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଡା. ସୁଧାଂଶୁ ଶେଖର ପଣ୍ଡା ଏବଂ ତାଙ୍କ ସହଯୋଗୀ ରେକ୍ଟରବାହିତ ରୋଗ ପରାମର୍ଶଦାତା ଡା. ଯଶୋବନ୍ତ ହୋତା, ଏଲ୍‌ଟି ମିଳନ ନାୟକ, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଈଶ୍ୱର ମୁଣ୍ଡା, ପିଏଚ୍‌ଓ ହଳଧର ନାଏକ, ଫାର୍ମାସିଷ୍ଟ ଅମୃତ ବାଘ, ସୁପରଭାଇଜର ବିଜୟ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାକଡ଼ରୁ ଲୁହା ବାରିକେଡ୍ ଚୋରି ଘଟଣା: ଆଉ ୪ ଗିରଫ

**ଜମନକିରା,୩୦।୧୧(ଡି.ଏନ.ଏ.)**

ଭୋଜପୁରଠାରୁ ଜମନକିରା ମଧ୍ୟରେ ରାସ୍ତା ପାର୍ଶ୍ୱରେ ଆର୍‌ଆଣ୍ଡବି ପକ୍ଷରୁ ୧ବର୍ଷ ତଳେ ଲୁହା ବାରିକେଡ୍ ଲଗାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏସବୁ ବାରିକେଡ୍ ସହ ରାସ୍ତାପାର୍ଶ୍ୱରେ ରହିଥିବା ସାଇନବୋର୍ଡକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିଲେ। ବିଭାଗ ପକ୍ଷରୁ ଏତଲା ପରେ ପୋଲିସ ତଦନ୍ତ କରି ଗତ ୧୧ ତାରିଖରେ କତରବଗା ଥାନା ଲଇଡା ପଞ୍ଚାୟତ ବିନ୍ଧୁଡିହି ଗାଁର ବାସୁଦେବ ବାଗ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ମଙ୍ଗଳବାର ଜମନକିରା ପୋଲିସ ଆଉ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ୧୨୬/୨୨ନଂ.ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ କତରବଗା ଥାନା ଲଇଡ଼ା ପଞ୍ଚାୟତ ବିନ୍ଧୁଡିହି ଗାଁର ସଞ୍ଜୟ ବାଗ ଓରଫ ଅଜିତ(୨୬), ରେଙ୍ଗାଲି ଗାଁର ରାହୁଲ ସୋହେଲା (୨୪), ରେଙ୍ଗାଲି ଥାନା ଦଳପଟପାଲି ଗାଁର ବିକି ସା (୨୨) ଓ ରେଙ୍ଗାଲିର ରଞ୍ଜିତ ପରୁଆ (୨୨)। ଏମାନଙ୍କ ପାଖରୁ ଗୋଟିଏ ବୋଲେରୋ (ଓଡି୧୫ଭି-୩୨୭୫), ସାଇନବୋର୍ଡ, ଲୁହା ବାରିକେଡ୍ ଆଦି ଜବତ କରାଯାଇଛି।


ଗିରଫ ଅଭିଯୁକ୍ତ, ଜବତ ଗାଡ଼ି ଓ ଚୋରି ସାମଗ୍ରୀ।

### ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ, ଇଂରାଜୀ, ଅର୍ଥନୀତି, ଦର୍ଶନ ଶାସ୍ତ୍ର, ରାଜନୀତି ବିଜ୍ଞାନ, ସଂସ୍କୃତ, ଇତିହାସ ଓ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଆଞ୍ଚଳିକ ନିର୍ଦ୍ଦେଶାଳୟ ସମ୍ବଲପୁରର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତି ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଠୋର ଅଧ୍ୟବସାୟ ଓ ନିରନ୍ତର ପ୍ରୟାସର ବିକଳ୍ପ ନାହିଁ ବୋଲି ସେ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଏଥିରେ ଅଧକ୍ଷତା କରିଥିଲେ। ପ୍ରଫେସର ଜିତେନ କୁମାର ମିଶ୍ର, ଡ. ଉମା ଶଙ୍କର ଦାଶ, ଡ. ନୌବିହାରି ପ୍ରଧାନ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଅକୁ


@ ତନ୍ମୟ


@ ମୁକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲ୍ୟବିବାହ ନିବାରଣ ସଚେତନତା

**ଝାରସୁଗୁଡ଼ା ଅଫିସ,୩୦।୧୧**

ଜିଲାରେ ବାଲ୍ୟବିବାହ ନିବାରଣ ପାଇଁ ବିଜୟିନୀ ଅଭିଯାନ ନାମରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଖଣିଜପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠୀ ନିରନ୍ତର ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲା ସଂଯୋଜିକା (ବାଲ୍ୟ ବିବାହ) ରଞ୍ଜିତା ଦାଶ ବିଜୟିନୀ ଅଭିଯାନ କିପରି ଆଗକୁ ଆଗେଇ ପାରିବ ସେ ଦିଗରେ ସବୁ ବିଭାଗ କାର୍ଯ୍ୟକ୍ରମ ହାତକୁ ନେବାକୁ ଅନୁରୋଧ ଜଣାଇଥିଲେ। ପିଓ ବୃନ୍ଦାବତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବାଲ୍ୟ ବିବାହ ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,ବେଲପାହାଡ଼,୩୦।୧୧**

ବେଲପାହାଡ ଆଦର୍ଶ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ବାଲ୍ୟ ବିବାହ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ରୋକିବା ତଥା ବାଲ୍ୟ ବିବାହମୁକ୍ତ ସହର ଗଠନ ପାଇଁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକ ଶପଥ ପାଠ କରିଥିଲେ। କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିଲେ ତୁରନ୍ତ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଦେୟମୁକ୍ତ ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ ଅବଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୁଲେଶ୍ୱର ପଟେଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନର ତାତ୍ପର୍ଯ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ।

# ଭାଗନେଲେ ୪୮୦ ପ୍ରତିଯୋଗୀ

**ଏକଦିବସୀୟ ଏକକ କ୍ରୀଡ଼ା ପ୍ରତିଯୋଗିତା**

**ଝାରସୁଗୁଡ଼ା ଅଫିସ,୩୦।୧୧**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧିନ ଏକଦିବସୀୟ ଆନ୍ତଃ ଏକକ କ୍ରୀଡା ପ୍ରତିଯୋଗିତା ବୁଧବାର ବନ୍ଧବାହାଲସ୍ଥିତ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ ଖୋଲାମୁହଁ କୋଇଲା ଖଣି (ବିଓସିଏମ୍) ୟୁନିଟ୍ ଏହାକୁ ଆୟୋଜନ କରିଥିଲା। ଏଥିରେ ପୁରୁଷ ବିଭାଗରେ ୧୮ ଓ ମହିଳା ବିଭାଗରେ ୧୫ ଇଭେଣ୍ଟ ରହିଥିଲା। ମୋଟ ୪୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲୋକନାଥ ପ୍ରଧାନ, ହେମନ୍ତ ପ୍ରଧାନ, ରଚନା ତ୍ରିପାଠୀ, ଗୌରାଙ୍ଗ ଡିଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଓସିଏମ୍ ପ୍ରକଳ୍ପ ଅଧିକାରୀ ସତ୍ୟଭୂଷଣ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲଖନପୁର ଖୋଲାମୁହଁ କୋଇଲା ଖଣି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର କୁମାର ସିଂହ, ବେଲପାହାଡ ଖୋଲାମୁହଁ କୋଇଲା ଖଣି ପ୍ରକଳ୍ପ ଅଧିକାରୀ ସତ୍ୟଭୂଷଣ ବାରିକ, ଏପିଏମ୍ ସଞ୍ଜୀବ ଭରଦ୍ୱାଜ, ଏଏଫ୍‌ଏମ୍ ବି ୟୁକିଲ, ଶ୍ରମିକନେତା ସଞ୍ଜୟ ପଟେଲ, ଲକ୍ଷ୍ମଣ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସିଲ୍, କପ୍ ସହ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ କ୍ରୀଡା ପତାକା ଅବତରଣ ସହ କ୍ରୀଡା ଧ୍ୱନିକୁ ସମାପନ କରାଯାଇଥିଲା।


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅଧିକାରୀମାନେ।

49 ଧରିତ୍ରୀ DHARITRI ୪୯

ଗୁରୁବାର, ଡିସେମ୍ବର ୧/୨୦୨୨ | Thursday, December 1/2022 | ପୃଷ୍ଠା-୧


# ପୋଲିସ-ଓକିଲ ଧସ୍ତାଧସ୍ତି



ସମ୍ବଲପୁର କଚେରି ଛକ ଆନ୍ଦୋଳନ ସ୍ଥଳରେ ପୋଲିସ-ଓକିଲ ଧସ୍ତାଧସ୍ତି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

- ଜିଦ୍‌ରେ ଅଟଳ ଓକିଲ, ଫେରିଲେ ବିଚାରପତି
- ଛାତିକୁ ମାଡ଼ି କୋର୍ଟ ଯାଆନ୍ତୁ: ଓକିଲ ସଂଘ

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ନେଇ ଆନ୍ଦୋଳନ ବୁଧବାର ଉଗ୍ରରୂପ ନେଇଛି। ସୁପ୍ରିମକୋର୍ଟ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରି ଓକିଲଙ୍କ ଲାଇସେନ୍ସ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନାଗରିକ କମିଟି ଆହ୍ବାନ କ୍ରମେ ସମ୍ବଲପୁର ଜିଲା ଓକିଲ ସଂଘ ନିଜ ଜିଦ୍‌ରେ ଅଟଳ ରହି ଆନ୍ଦୋଳନକୁ ଓହ୍ଲାଇଥିଲା। କଚେରି ଛକରେ ଶତାଧିକ ଓକିଲ, ନାଗରିକ କମିଟି ସଦସ୍ୟ ପିକେଟିଂ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଚାରପତିଙ୍କୁ କଡା ସୁରକ୍ଷା ବଳୟରେ ପୋଲିସ କୋର୍ଟ ପରିସରକୁ ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୋଲିସ ଓ ଓକିଲମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ଏକଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବାରମ୍ବାର ଓକିଲମାନଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ବିଫଳ ହୋଇଥିଲା। ୩ଥର ବଳପୂର୍ବକ କୋର୍ଟ ଭିତରକୁ ନେବାକୁ ଚେଷ୍ଟା କରି ମଧ୍ୟ ବିଚାରପତିମାନଙ୍କୁ ନେଇପାରି ନ ଥିଲେ। ଯଦି ବିଚାରପତିମାନେ କୋର୍ଟ ଯିବାକୁ ଚାହୁଁଛନ୍ତି ତା'ହେଲେ ଓକିଲମାନଙ୍କ ଛାତିରେ ପାଦ ଦେଇ ଯାଆନ୍ତୁ ବୋଲି ଅନୁରୋଧ କରିଥିଲେ। ଶେଷରେ ☞ପୃଷ୍ଠା-୩

# ଆନ୍ଦୋଳନରୁ ଓହରିଲେ ଶିକ୍ଷକ

## ୨୦ ସୁଦ୍ଧା ନିଷ୍ପତ୍ତି ନେବ କମିଟି

- ସରକାରଙ୍କ ସହ ମହାସଂଘର ଆଲୋଚନା
- ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ ହେବ କମିଟି

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ଲୋୟର ପିଏମ୍‌ଜିରେ ଗତ ୪ଦିନ ହେଲା ୩ ପ୍ରମୁଖ ଦଫା ଦାବି ନେଇ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଏବେ ସ୍ଥଗିତ ରହିଛି। ବୁଧବାର ସରକାରଙ୍କ ସହ ଆଲୋଚନା ସଫଳ ହେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ କହିଛନ୍ତି। ପ୍ରାଥମିକ ଶିକ୍ଷକଙ୍କ ୩ ଦଫା ଦାବି ପୂରଣ ନେଇ ବୁଧବାର ମହାସଂଘ ଓ ସରକାରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ସଦସ୍ୟ ରହିବେ। ଏହି କମିଟି ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଶିକ୍ଷକଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା କରି ନିଷ୍ପତ୍ତି ନେବ। ଏ ସମ୍ପର୍କରେ ବିଭୁ ପ୍ରସାଦ କହିଛନ୍ତି, ପୂର୍ବରୁ ଯେଉଁ ଦୁଇଥର ଆଲୋଚନା ହୋଇଥିଲା ସେଥିରେ ସରକାର ଆମକୁ ଲିଖିତ ପ୍ରତିଶ୍ରୁତି ଦେଇ ନ ଥିଲେ। କିନ୍ତୁ ବୁଧବାର ଆଲୋଚନା ବେଳେ ମୁଖ୍ୟ ଶାସନ ସଚିବ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ସରକାରଙ୍କ ଉପରେ ଆମେ ବିଶ୍ୱାସ ରଖି ଆନ୍ଦୋଳନକୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଲୁ। ତେବେ ଆମେ ଆଶା କରିଥିଲୁ, ଆଉ ଟିକେ ଶୀଘ୍ର ସରକାର ଆମ ଦାବି ସମ୍ପର୍କରେ ପଦକ୍ଷେପ ନେବେ। କିନ୍ତୁ ୨୦ଦିନର ମହଲତ ମାଗିଛନ୍ତି। ଦାବି ପୂରଣ ପାଇଁ ସମୟ ଲାଗିବ ବୋଲି ସରକାର କହିଛନ୍ତି। ତେଣୁ ସରକାରଙ୍କୁ ୨୦ଦିନର ମହଲତ ଦେଇଛୁ। ଯଦି ୨୦ ତାରିଖ ଭିତରେ ପଦକ୍ଷେପ ନିଆ ନ ଯାଏ ତେବେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବିଭୁ ପ୍ରସାଦ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ରବିବାରଠାରୁ ଶିକ୍ଷକମାନେ ୩ଦଫା ଦାବି ନେଇ ମହାତ୍ମା ଗାନ୍ଧୀ ମାର୍ଗରେ ଧାରଣା ଦେଇଥିଲେ। ସୋମବାର ଗଣଶିକ୍ଷା ସଚିବ ଅଶ୍ୱିନୀ ଏସ୍‌ଙ୍କ ସହ ମହାସଂଘ କର୍ମକର୍ତ୍ତାଙ୍କ ଆଲୋଚନା ହୋଇଥିଲା। ତେବେ ☞ପୃଷ୍ଠା-୩

## ଶୂନ୍ୟକାଳରେ ବିରୋଧୀଙ୍କ ହଟ୍ଟଗୋଳ

### ଗୃହ ମୁଲତବୀ

ଶିକ୍ଷକ ଆନ୍ଦୋଳନକୁ ନେଇ ଗତ ୩ ଦିନ ହେବ ବିଧାନସଭାରେ ହଟ୍ଟଗୋଳ ଜାରି ରହିଛି। ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରୁଛନ୍ତି। ଶିକ୍ଷକଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ଦାବିରେ ଗୃହକୁ ବାରମ୍ବାର ଅଚଳ କରୁଛନ୍ତି। ବୁଧବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସୁରୁଖୁରୁରେ ହୋଇଥିବା ବେଳେ ଶୂନ୍ୟକାଳରେ ଶିକ୍ଷକ ପ୍ରସଙ୍ଗକୁ ନେଇ ବିଧାନସଭା ସରଗରମ ହୋଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଗୃହରେ ଶିକ୍ଷକଙ୍କ ସମସ୍ୟା ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରି ଗୃହରେ ପ୍ରବଳ ହୋହଲ୍ଲା କରିଥିଲେ। ମୁଖ୍ୟ ଶାସନ ସଚିବ ଶିକ୍ଷକମାନଙ୍କ ସହ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ବିରୋଧୀ ଦଳ ସଦସ୍ୟ ଅଡ଼ି ବସିଥିଲେ। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା କହିଲେ, ବାସଭବନକୁ ଯାଇହେଉ ନାହିଁ। ଶିକ୍ଷକମାନେ ରାସ୍ତା ଅବରୋଧ କରି ରଖିଛନ୍ତି। ସମସ୍ୟା ସମାଧାନ ଦାବିରେ ଲକ୍ଷ୍ମଣ ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ। ହଟ୍ଟଗୋଳରେ ମାତିଥିବା ବିରୋଧୀ ଦଳ ☞ପୃଷ୍ଠା-୩







## ମ.ରାମପୁର ଅବକାରୀ ବିଭାଗର ଚଢ଼ାଉ

ମ.ରାମପୁର,(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ଅବକାରୀ ବିଭାଗର ନୂତନ ଏସଆଇ ସଦଳବଳେ ମାଙ୍କଡଖୋଲା ଏବଂ ସାପଲହରାରେ ଚଢ଼ାଉ କରିଥିଲା। ଚଢ଼ାଉରେ ୪୦ କିଲୋ ଦେଶୀ ପୋଚ ଏବଂ ୪୫ ଲିଟର ହାତରନ୍ଧା ମଦ ଜବତ କରିଥିଲେ। ଉକ୍ତ ଚଢ଼ାଉରେ ଅଭିଯୁକ୍ତମାନଙ୍କୁ ମ.ରାମପୁର ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ: ଜଣେ ଗିରଫ

ଗୁଡ଼ଭେଲା,୩୦।୧୧(ଡି.ଏନ.ଏ.): ବୁଧବାର ବଲାଙ୍ଗୀର ଜିଲା ତୁଷୁରା ପୋଲିସ ଏକ ବାଇକ୍ରୁ ୧୦ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲେଇ ଗ୍ରାମର ଘାସିରାମ କୁଅଁର (୪୨)ଙ୍କୁ ପୋଲିସ ଗିରଫ କର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅର୍ଜୁନପୁର- ଗୌରଗୋଠ ରାସ୍ତାରେ ଯାଉଥିବା ଏକ ବାଇକ୍ (ନଂଓଡି୦୩ ଏଚଆର ୭୭୩୬)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ବାଇକ୍ରେ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଓ ବାଇକ୍ ଜବତ କରିଥିଲା । ଏହି ଘଟଣାରେ ବାଇକ୍ ଚାଳକ ଘାସିରାମଙ୍କୁ ଗିରଫ କରାଯିବା ସହ ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା । ଜବତ ବାଇକ୍ର ନମ୍ବର ଜାଲ ନମ୍ବର ବୋଲି ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ ପ୍ରକାଶ କରିଛନ୍ତି। ଏସଆଇ କମଳ ଲୋଚନ ମାଝୀ, ଖାମସିଂ ମାଝୀ, ମଙ୍ଗଳା ମାଡକାମି ଓ ପଞ୍ଚାନନ ମଲ୍ଲିକ ଆଦି ପାଟ୍ରୋଲିଂ କରିବା ବେଳେ ଚଢ଼ାଉ କରିଥିଲେ।

### ଯୁବକଙ୍କୁ ହତ୍ୟା ଘଟଣା: ୨ ଭାଇ କୋର୍ଟ ଚାଲାଣ



କୋକସରା,୩୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମହୁଲମୁଣ୍ଡା ଗ୍ରାମରେ ଗତ ସୋମବାର ସନ୍ଧ୍ୟାରେ ଗ୍ରାମର ଦୟାନିଧି ଦୁଣ୍ଡକିଆ (୫୨)ଙ୍କୁ ଗାଁ ପାଖ ଏକ ଧାନ ଖଳାରେ ପଥରରେ ଛେଚି ହତ୍ୟା କରିବା ଅଭିଯୋଗ ହୋଇଥିଲା। ଜମିବାଡି ବିବାଦକୁ ନେଇ ହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ସାଧନୀ ଦୁଣ୍ଡକିଆ ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ ଅଭିଯୋଗକୁ ଭିତ୍ତିକରି କୋକସରା ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ। ମୃତକଙ୍କ ବଡବାପା ପୁଅ ରୂପଧର ଦୁଣ୍ଡକିଆ (୪୦) ଓ କକା ପୁଅ ଦେବରାଜ ଦୁଣ୍ଡକିଆ (୫୦)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଥିଲା। ସମ୍ପୃକ୍ତ ୨ଜଣ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା (ନଂ. ୨୧୯/୨୨)ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

### ଶୁଚିସ୍ମିତାଙ୍କ ଆକାଉଣ୍ଟରେ ୨ କୋଟି

**ଭବାନୀପାଟଣା ବିଇଓ ଅଫିସ ଟଙ୍କା ହଡ଼ପ ଘଟଣା**

ଭବାନୀପାଟଣା,୩୦।୧୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ବିଇଓ ଅଫିସ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଟଙ୍କା ହଡପ ଘଟଣାରେ ଉଭୟ ପୋଲିସ ଓ ଭିଜିଲାନ୍ସ ଖୋଳତାଡ଼ କରୁଛି। ଅଭିଯୁକ୍ତ ଶୁଚିସ୍ମିତା ଆକ୍ସିସ ବ୍ୟାଙ୍କରୁ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ୨ କୋଟି ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡ଼ିବ ପୂର୍ବରୁ ଭାରତୀୟ ଷ୍ଟେଟବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୩୯ ଲକ୍ଷରୁ ଅଧିକ ଟଙ୍କା ନିଜ ଆକାଉଣ୍ଟଙ୍କୁ ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଥିଲା। ଭବାନୀପାଟଣା ବିଇଓ ଏ ନେଇ ଟାଉନଥାନାରେ ଏତଲା ଦେଇଥିଲେ। ତେବେ, କଳାହାଣ୍ଡି ପୋଲିସ ଟିମ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଚାଡ଼ଉ କରିଥିଲେ ମଧ ଏପର୍ଯ୍ୟନ୍ତ ଶୁଚିସ୍ମିତାଙ୍କୁ ଧରିବା ପାଇଁ ସକ୍ଷମ ହୋଇନାହାନ୍ତି। ଅଭିଯୋଗ ଅନୁସାରେ, ଭବାନୀପାଟଣା ବିଇଓ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ୩୯ ଲକ୍ଷରୁ ଅଧିକ ଟଙ୍କା ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରି ଟଙ୍କା ହଡ଼ପ କରିଥିଲେ। ଏକ୍ସକ୍ୟାଡରମାନଙ୍କ ଦରମା ଓ ଶିକ୍ଷକଙ୍କ ବିଭିନ୍ନ ଅନୁଦାନ ହଡ଼ପ କରିଥିଲେ। ଭବାନୀପାଟଣା ବିଇଓ ଠାକୁର ଚରଣ ସାହୁ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯାଗ କରିଥିଲେ। ଥାନାରେ ମାମଲା ରୁଜୁ ହେବା ପୂର୍ବରୁ ଶୁଚିସ୍ମିତା ଚମ୍ପଟ ମାରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କଳାହାଣ୍ଡି ପୋଲିସ ଟିମ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଶୁଚିସ୍ମିତାଙ୍କୁ ଠାବ କରିବା ପାଇଁ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

# ତେଲଙ୍ଗାନାରୁ ଫେରିଲେ ୪୦ ଦାଦନ ଶ୍ରମିକ

- ବଲାଙ୍ଗୀର ପହଞ୍ଚିବା ପରେ ଏସ୍ପି, ଶ୍ରମ ଅଧିକାରୀଙ୍କୁ ହେଲେ ଫେରାଦ
- ସାଂଘାତିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ କଲେ

ବଲାଙ୍ଗୀର ଅଫିସ, ୩୦।୧୧



ତେଲଙ୍ଗାନାରୁ ପଳାଇ ଆସିଥିବା ଦାଦନ ଶ୍ରମିକ ବଲାଙ୍ଗୀର ଏସ୍ପି ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ପ୍ରାୟ ୪୦ ଜଣ ଦାଦନ ଶ୍ରମିକ ତେଲେଙ୍ଗାନା ପ୍ରଦେଶର ନାଲଗୋଣ୍ଡା ଅଞ୍ଚଳରୁ ନିର୍ଯାତିତ ହୋଇ ଫେରିଥିବା ଅଭିଯୋଗ ହୋଇଛି। ବୁଧବାର ପ୍ରାୟ ୪୦ ଜଣ ଦାଦନ ଶ୍ରମିକ ଟ୍ରେନ୍ ଯୋଗେ ବଲାଙ୍ଗୀର ରେଳ ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଏସ୍ପି ଅଫିସକୁ ଆସି ଅଭିଯୋଗ କରିଥିଲେ। ବେଲପଡା ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ୪୦ ଜଣ ଶ୍ରମିକଙ୍କୁ ଅଗ୍ରୀମ ଟଙ୍କା ଦେଇ ଇଟା ଗଢ଼ିବା ପାଇଁ ଗତ ଦଶହରା ପରେ ନାଲଗୋଣ୍ଡା ସହର ଉପକଣ୍ଠ ଏକ ଇଟାଭାଟିକୁ ନେଇଥିଲେ। ସେଠାରେ କିଛି ଦିନ କାମ କଲାପରେ ଇଟାଭାଟି ମାଲିକ ନିର୍ଯାତନା ଆରମ୍ଭ କରିଥିଲେ। ଅଭିଯୋଗ ମୁତାବକ ରାତି ପ୍ରାୟ ୨ଟାରୁ ସମସ୍ତ ଦାଦନ ଶ୍ରମିକଙ୍କୁ ଜୋର ଜବରଦସ୍ତି ଉଠାଇ କାମ କରାଇବାକୁ ନେଉଥିଲେ। ରାତି ୨ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଲଗାତାର କାମ କରାଉ ଥିଲେ। ଏହାପରେ ଦୁଇଘଣ୍ଟା ଖାଇବାକୁ ଛାଡି ଦେବା ପରେ ପୁଣି ଅପରାହ୍ଣ ୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ କାମ କରାଉଥିବା ଅଭିଯୋଗ କରିଛନ୍ତି। କେହି କାମ କରିବାକୁ ମନା କଲେ ମାଡ ମାରୁଥିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ କରିଛନ୍ତି। ଏଭଳି କାମ କରାଇବା ଫଳରେ ଅନେକ ଶ୍ରମିକ ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କ ସହ ଯାଇଥିବା ପ୍ରାୟ ୧୦ ଜଣ ଶିଶୁଙ୍କ ଯତ୍ନ ମଧ ନିଆଯାଇପାରୁ ନ ଥିଲା। ଏଭଳି ସେମାନେ ଠିକ୍ ଭାବେ ଖାଦ୍ୟ ପ୍ରସ୍ତୁତ ମଧ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ମହିଳାମାନଙ୍କୁ ମଧ ମାଡ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ଏକ ମାସ ଧରି ନିର୍ଯାତିତ ହେବା ପରେ ୪୦ ଜଣ ଦାଦନ ଶ୍ରମିକ ପିଲାଛୁଆଙ୍କୁ ଧରି ରାତିରେ ପ୍ରାୟ ୫୦ କିମି ଚାଲିଚାଲି ଏକ ରେଳଷ୍ଟେଶନରେ ପହଞ୍ଚିବା ପରେ ସେଠାରୁ ବଲାଙ୍ଗୀର ଫେରି ଆସିଥିବା ଜିତେନ୍ଦ୍ର କୁମ୍ଭାର ନାମକ ଜଣେ ଦାଦନ ଶ୍ରମିକ ସୂଚନା ଦେଇଛନ୍ତ। ଏସ୍ପି ଅଫିସରେ ଅଭିଯୋଗ କରିବା ପରେ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜିଲା ଶ୍ରମ ଅଧିକାରୀ ଅନୁପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀଙ୍କୁ ଭେଟି ସମ୍ପୃକ୍ତ ଇଟାଭାଟି ମାଲିକ ଏବଂ ସମ୍ପୃକ୍ତ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନାଲଗୋଣ୍ଡା ଇଟାଭାଟିରୁ ପଳାଇ ଆସିଥିବା ଦାଦନ ଶ୍ରମିକଙ୍କୁ ଓଡିଶା ନିର୍ମାଣ ଶ୍ରମିକ ଏବଂ କୋଠାବାଡି କଲ୍ୟାଣ ବୋର୍ଡରେ ସମ୍ପୃକ୍ତ କରି ସେମାନଙ୍କୁ ଜିଲା ଭିତରେ ବିଭିନ୍ନ ଯୋଜନାରେ କାମ ଯୋଗାଇବାକୁ ଚେଷ୍ଟା କରାଯିବ ବୋଲି ସହକାରୀ ଶ୍ରମ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଶ୍ରମିକମାନେ ଜଣାଇଛନ୍ତି।

# ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ



କଣ୍ଟାବାଞ୍ଜି ରେଲଷ୍ଟେଶନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ।

କଣ୍ଟାବାଞ୍ଜି,୩୦।୧୧(ଡି.ଏନ.ଏ.)

ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ସକାଳେ କଣ୍ଟାବାଞ୍ଜି ରେଲଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ(ଏନ୍ଡିଆରଏଫ), ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, କଣ୍ଟାବାଞ୍ଜି ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟବିଭାଗ କର୍ମଚାରୀ, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍, ସ୍ଥାନୀୟ ଏନ.ଜି.ଓ ଏବଂ ରେଲ ବିଭାଗର ବିଭାଗୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ କାଟିବା ମେଶିନ, ଅଗ୍ନି ନିର୍ବାପକ, ଶୀଘ୍ର ଚିକିତ୍ସା ସେବା ଯୋଗାଇବା ଓ ସ୍ଥାନାନ୍ତର କିପରି କରାଯିବ ସେ ନେଇ ତାଲିମ ଦିଆଯାଇଥିଲା। ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନୀତ ସିଂ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସ୍ଥାନ ପରିଦର୍ଶନ କରି ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିଥିଲେ । ସିଂ ପରିଦର୍ଶନ ବେଳେ ସବୁ ବିଭାଗର କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ ଶିବବ୍ରତ ଧଳ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଅଫିସ ଘେରାଉ, ପ୍ରତିବାଦ ସଭା

ଭବାନୀପାଟଣା,୩୦।୧୧(ସ୍ୱ.ପ୍ର.)





ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା।

କଳାହାଣ୍ଡି ଜିଲାରେ ଗତ କିଛି ମାସ ତଳେ ଆଦିବାସୀ ଯୁବତୀ ଯୁବକମାନଙ୍କ ପାଇଁ ୬୬ଟି ଜିଆରଏସ୍ (ଗ୍ରାମ ରୋଜଗାର ସେବକ) ପଦବୀ ବାହାରିଥିଲା। ଏହି ସମୟରେ ସମ୍ପ୍ରଦାୟର ଯୁବତୀଯୁବକମାନେ ଜିଆରଏସ ପଦବୀ ପାଇଁ ଆବେଦନ କରିଥିଲେ। ପରେ ଯୋଗ୍ୟ ହୋଇଥିବା ପ୍ରାର୍ଥୀଙ୍କ ତାଲିକା ମଧ ପ୍ରକାଶ ପାଇଥିଲା। ହେଲେ ଅଦ୍ୟାବଧି ୮ରୁ ୯ ମାସ ପରେ ବି ସେମାନଙ୍କୁ ନିଯୁକ୍ତି କରାଯାଇନାହିଁ। ଏହାକୁ ଦୃଢ ନିନ୍ଦା କରିଛି କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘ। ଏପରିସ୍ଥଳେ ବୁଧବାର ଭବାନୀପାଟଣାରେ ସଂଘ ପକ୍ଷରୁ ଏହାକୁ ନେଇ ଏକ ପ୍ରତିବାଦ ସଭା କରାଯିବା ସହ ଜିଲାପାଳ ଅଫିସ ଘେରାଉ କରାଯାଇଛି। ଆରମ୍ଭରେ ସଂଘ ପକ୍ଷରୁ ନକଟିଗୁଡା ଆଦିବାସୀ କର୍ମଚାରୀ ଭବନଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ

## ଜିଆର୍ଏସ୍ ନିଯୁକ୍ତି ଦାବି

ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶୀଘ୍ର ଯୋଗ୍ୟ ତାଲିକାରେ ପ୍ରକାଶ ପାଇଥିବା ପ୍ରାର୍ଥୀଙ୍କୁ ଜିଆରଏସ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଏକ ବଡ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ପ୍ରକାଶ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାଙ୍ଗଠାନିକ ସମ୍ପାଦକ ଲକ୍ଷ୍ମଣ ଭୋଇ, ଉପସଭାପତି ପଦ୍ମନ ପାତ୍ର, ଧର୍ମଗଡ ବ୍ଲକ ଯୁଗ୍ମ ସମ୍ପାଦକ ଶ୍ୟାମ ସୁନ୍ଦର ମାଝି, ନରେନ୍ଦ୍ର ଦଣ୍ଡସେନା, ହରିଶଙ୍କର ମାଝି, ସନାତନ ମାଝି, ଶ୍ରୀମନ୍ତ ନାଏକ, ଦକ୍ଷରାଜ ଭୋଇଙ୍କ ସମେତ ବହୁ ଆଶାୟୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବିସ୍ଥାପିତ

ଭବାନୀପାଟଣା,୩୦।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ଠାରେ ଥିବା ବହୁ ରାଷ୍ଟ୍ରୀୟ କମ୍ପାନୀ ବେଦାନ୍ତ ଜମି ହରାଇଥିବା ହିତାଧିକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଛି। କମ୍ପାନୀ ଗଢି ଉଠିବାର ଆଜକୁ ୧୯ ବର୍ଷ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ବିସ୍ଥାପିତଙ୍କ ସମସ୍ୟା ବୁଝିବାରେ ଅବହେଳା କରିଛି। ଏହାକୁ ନେଇ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିସ୍ଥାପିତ ଲୋକେ। ଅଭିଯୋଗ ଅନୁଯାୟୀ ଲାଞ୍ଜିଗଡ଼ ବ୍ଲକ କୋଟଦୁଆର ଓ ବନ୍ଧଗୁଡା ଗାଁକୁ ବେଦାନ୍ତ ବିସ୍ଥାପିତ କରିବା ସହ ଜମି ଅଧିଗ୍ରହଣ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ନ କରି ଏବେ ୨ ଗାଁର ଲୋକଙ୍କୁ ଘର ଛାଡିବାକୁ ବାଧ କରିବା ସହ ନୋଟିସ ପଠାଇଥିବା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଏହାସହ ବେଦାନ୍ତ ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତମାନଙ୍କୁ କମ୍ପାନୀରେ ଚାକିରୀ ଦେବା ସହ ବେଦାନ୍ତ ନଗର ନିର୍ମାଣ କରି ଘର ପ୍ରଦାନ ଓ ଅଧିଗ୍ରହଣ ହୋଇଥିବା ଜମିର ପ୍ରକୃତ ମୂଲ୍ୟ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ନ କରି ବର୍ତ୍ତମାନ ପୁଣି ଥରେ ଘର ଛାଡିବାକୁ ବାଧ କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଉପଜିଲାପାଳ ବିସ୍ଥାପିତମାନଙ୍କୁ ନୋଟିସ ପଠାଇଥିବା ଅଭିଯୋଗ କରି ୨ ଗାଁର ବିସ୍ଥାପିତ ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ୧୦ ଦଫାର ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଏହି ଦାବି ପୂରଣ ନ ହେଲେ ଆସନ୍ତା ଦିନରେ ଧାରଣାରେ ବସିବେ ବୋଲି ଚେତାନୀ ଦେଇଛନ୍ତି ବିସ୍ଥାପିତ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା କାର୍ଯ୍ୟାଳୟ ଉଦ୍ଘାଟିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କର୍ଲାମୁଣ୍ଡା,୩୦।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଜୋରାଡବ୍ରା ଗ୍ରାମପଞ୍ଚାୟତସ୍ଥିତ ଜୋରାଡବ୍ରା ଛକ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୁଖରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା କାର୍ଯ୍ୟାଳୟ ବୁଧବାର ଉଦ୍ଘାଟିତ ହୋଇଛି। ସମାଜ ଜିଲା ସଭାପତି ନୀଳମଣି ସାହୁ ଏହା ଉଦ୍ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ସଭାପତି ନୀଳମଣି ସାହୁ ଓ ସମ୍ପାଦକ ନବୀନ କୁମାର ସାହୁ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ ଓ ମ. ରାମପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂ ଦେଓ, ନର୍ଲା ବ୍ଲକ ଅଧକ୍ଷ୍ୟା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ଭରତ ସାହୁ, ସହସମ୍ପାଦକ ଅକ୍ରୁର ସାହୁ, ଜିଲା ସଂଯୋଜକ ହେମ କିଶୋର ସାହୁ, ଟିଙ୍କୁନୁ ସାହୁ, ଉତ୍ସବ କମିଟି ସଭାପତି ମୁରଲୀଧର ସାହୁ, କାର୍ଜି କିଷନ ଲାଲ ସାହୁ, ଉପଦେଷ୍ଟା ଜୟଦେବ ସାହୁ, ବିଚାରକ ଟିପିଲାଲ ସାହୁ, ହୀରାମଣି ସାହୁ, ପାଣ୍ଠି ସମୀକ୍ଷକ ମୁରଲୀଧ ସାହୁ, କିଷନଲାଲ ସାହୁ, ସଙ୍ଗଠକ ଖୁସିରାମ ସାହୁ, ପୃସେଟ ଶଙ୍କର ପ୍ରସାଦ ସାହୁ, କୁସୁର୍ଲା ଗ୍ରାମ୍ୟ କମିଟି ସଭାପତି ହେମସାଗର ସାହୁ, ଜୋରାଡବ୍ରା ଗ୍ରାମ୍ୟ କମିଟି ସଭାପତି ମିନିକେତନ ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ଲକ୍ଷ୍ମୀ ପ୍ରସାଦ ସାହୁ, ମ. ରାମପୁର ବ୍ଲକ ସଭାପତି ରୋମାଞ୍ଚ ସାହୁ, କେସିଙ୍ଗା ବ୍ଲକ ସଭାପତି ଚକ୍ରଧର ସାହୁ, ଆଜୀବନ ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ତଥା କର୍ଲାମୁଣ୍ଡା ବ୍ଲକ, କେସିଙ୍ଗା, ନର୍ଲା ବ୍ଲକ ଓ ମ. ରାମପୁର ବ୍ଲକ ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଜିଲା କାର୍ଯ୍ୟାଳୟ ପାଇଁ ଉମାକାନ୍ତ ସାହୁ ତାଙ୍କ ସ୍ତ୍ରୀ ସୁଶିଳା ସାହୁ ଭୂମି ଦାନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ଗା ପ୍ରସାଦ ସାହୁ, ଉଜ୍ଜ୍ୱଳ କୁମାର ସାହୁ, ହୃଷୀକେଶ ସାହୁ, ଆଇନ ପରାମର୍ଶଦାତା ସତ୍ୟ ନାରାୟଣ ସାହୁ, ଚୂଡ଼ାମଣି ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ କୁସୁରଲା ଗ୍ରାମ୍ୟ କମିଟି ସମ୍ପାଦକ ପ୍ରତାପ ସାହୁ ଧନ୍ୟବାଦ ଦେଇଥିଲେ।

# ଫୁଟ୍ବଲ ଟୁର୍ନାମେଣ୍ଟ: ଲର୍କା ଚାମ୍ପିୟନ



ଖଡ଼ିଆଳ,୩୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବିରିଘାଟ ଗ୍ରାମପଞ୍ଚାୟତସ୍ଥିତ ବିରିଘାଟ ଗ୍ରାମରେ ଚାଲିଥିବା ଷଷ୍ଠତମ ମା’ ମାଉଳି ଫୁଟ୍ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିକ୍ରମ ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିରିଘାଟ ସରପଞ୍ଚ ରଞ୍ଜିତା କାଣ୍ଡ ଓ ଅର୍ଜୁନ ଛତ୍ରିଆ ବିଶିଷ୍ଟ ପଳାଗୟାକ, ଓଁକାର ମାଝି ସାମରିକ ବାହିନୀ ଭାରତ ସରକାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ ପୁଟୁପଡା ଦଳ ଓ ଲର୍କା ଦଳ ମଧରେ ଖେଳଯାଇଥିଲା। ଫାଇନାଲ ଖେଳରେ ପୁଟୁପଡାକୁ ଏକ ଗୋଲ ଦେଇ ଲର୍କା ଦଳ ବିଜୟ ଲାଭ ହୋଇଥିଲା। ସୁବାସ ଯୋଷୀ ଖେଳ ପରିଚାଳନା କରିଥିବା ବେଳେ ତରୁଣ ବାଗ ଓ ଦୀନବନ୍ଧୁ ଛତ୍ରୀୟା ଧାରବିବରଣୀ ଦେଉଥିବାବେଳେ ସମେସ୍ତେ ସହଯୋଗ କରିଥିଲେ। ଭେଙ୍କଟ ମାଝି, ଲୋକନାଥ ମାଝି, ବିଷମ୍ବର ମାଝି, ଦୀପକ ସିଂ, ଡୋଳାନନ୍ଦ ମାଝି, ମନୋଜ ମାଝି, ଡଗରେ ମାଝି, କୁନୁ, ଦିନେଶ, କେତନ, ଦେବାନନ୍ଦ, ଲାଲା, ଦଶରଥ, କ୍ଷୀରସାଗର, ହରି, ପ୍ରତାପ ମାଝି ତଥା କମିଟି ସମସ୍ତ କର୍ମକର୍ତ୍ତା ସହାୟତା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଲାଞ୍ଜିଗଡ,,୩୦।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ସେମିଲିଭଟା ଗ୍ରାମର ଅଙ୍କୁର ଲୋହରା (୧୬) ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଅଙ୍କୁର କୌଣସି କାମରେ ତାଙ୍କ ଭଉଣୀ ଘର ରାୟଗଡା ଜିଲା ମୁନିଗୁଡା ନିକଟସ୍ଥ ବାଞ୍ଜିକୁସୁମ ଗାଁରୁ ବାଇକ୍ରେ ଘରକୁ ଫେରୁଥିଲେ। ରାୟଗଡା ମୁନିଗୁଡା ମୁଖ୍ୟ ରାସ୍ତା ବନଦୁର୍ଗା ମନ୍ଦିର ନିକଟସ୍ଥ ସାମ୍ନାପଟରୁ ଆସୁଥିବା ଏକ ଗୋରୁ ବୋଝେଇ ବୋଲେରୋ ପିକ୍ଅପ୍ ସହିତ ମୁହାଁମୁହିଁ ଧକ୍କା ହେବାରୁ ଅଙ୍କୁରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ମୁନିଗୁଡା ପୋଲିସ ପହଞ୍ଚି ଗୁରୁତର ଅଙ୍କୁରଙ୍କୁ ଆମ୍ବୁଲାନ୍ସରେ ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ହେଲେ ଅଙ୍କୁର ହସ୍ପିଟାଲ ପହଞ୍ଚିବା ପୂର୍ବରୁ ଆଖି ବୁଜି ଦେଇଥିଲେ। ପୋଲିସ ବାଇକ୍ ଓ ପିକ୍ଅପ୍ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି ।

# ଲୋଇସିଂହା ବ୍ଲକ: ଚଳିତବର୍ଷ ଜଣେ ଏଚ୍ଆଇଭି ସଂକ୍ରମିତ ଚିହ୍ନଟ

ଲୋଇସିଂହା,୩୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ୭୪ ଜଣ ଏଚଆଇଭି ସଂକ୍ରମିତ ଅଛନ୍ତି। ଚଳିତବର୍ଷ ଜଣେ ମାତ୍ର ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତ ଜଣେ ପୁରୁଷ ବୋଲି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଇସିଟିସି କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଞ୍ଚଳରେ ୭୪ ଜଣ ଏଚଆଇଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ପୁରୁଷ ୪୮,ମହିଳା ୨୧ ଓ ୫ ଜଣ ଶିଶୁ ଥିବା ଜଣାଯାଇଛି । ୨୦୧୦ ମସିହାରୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଚଆଇଭି ପରୀକ୍ଷଣ ଆରମ୍ଭ ହୋଇଥିଲା। ୨୦୧୦ରୁ ୨୦୧୫ ମଧରେ ୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ୨୦୧୫ରୁ ୨୦୨୨ ମଧରେ ୧୮ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ତେବେ ୨୦୧୫,୨୦୧୬,୨୦୧୭ ରେ ଜଣେ ଲେଖାଏ,୨୦୧୮ରେ ୪ ଜଣ,୨୦୧୯ରେ ୩ ଜଣ,୨୦୨୦ରେ ସର୍ବାଧିକ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୦୨୧ ଓ ୨୦୨୨ରେ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଆଇସିଟିସି କେନ୍ଦ୍ରର ପରାମର୍ଶଦାତା ଖଗେଶ୍ୱର ଗଡତ୍ୟା କହିଛନ୍ତି । ଏଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ଏଠି ପ୍ରତିବର୍ଷ ପଜିଟିଭ ଚିହ୍ନଟ ହେବା ସାଧାରଣରେ ଚିନ୍ତାର ବିଷୟ ହୋଇଛି।

# ନୂଆପଡ଼ା ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ

ନୂଆପଡ଼ା ଅଫିସ,୩୦।୧୧



ମଣ୍ଡି ଶୁଭାରମ୍ଭ କରାଯାଉଛି।

ନୂଆପଡା ଜିଲା ନିୟନ୍ତ୍ରିତ ବଜାର କମିଟି ଖରିଆର ରୋଡଠାରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ହେମାକାନ୍ତ ସାଏ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର, ଏଆରସିଏସ ଉମାକାନ୍ତ ଦାସ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିବେକାନନ୍ଦ ମହାନନ୍ଦ, ମିଲର୍ସ ଓ ଚାଷୀମାନେ ଉପସ୍ଥିତ ଥିଲେ। ବୁଧବାରଠାରୁ ଜିଲାର ସବୁ ମଣ୍ଡିରେ ଖରିଫ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି। ଚଳିତ ଖରିଫ ଋତୁରେ ଜିଲାରେ ୧୪,୭୬,୩୨୩,୫୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨୬ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୫୭ଟି ଓ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ୧୫ଟି ମୋଟ ୭୨ଟି ମଣ୍ଡି ଖୋଲାଯାଇଛି। ଜିଲାରେ ୪୧ ହଜାର ୮୧୮ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଥିବା ବେଳେ ୪୧ ହଜାର ୬୦୭ଜଣ ବର୍ତ୍ତମାନ ସୁଦ୍ଧା ଅନଲାଇନ ଧାନ ବିକ୍ରୟ ପାଇଁ ଅନୁମୋଦନ ପାଇ ସାରିଛନ୍ତି। ମଣ୍ଡିରେ ମିଲର୍ସମାନଙ୍କୁ ନିୟୋଜନ କରାଯାଇ ନ ଥିଲେ ମଧ୍ୟ ଚାଷୀ ପ୍ରତ୍ୟେକ ମଣ୍ଡିରେ ଧାନ ଆଣି ରଖି ସାରିଲେଣି। ସେହିପରି ତରବୋଡ ମଣ୍ଡିରେ ଗ୍ରାମ ଝାକର ଯୋଗେନ୍ଦ୍ର ନାୟକ ପୂଜା ଅର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ୯୭୬ ବେଗ ୪୮୮ କୁଇଣ୍ଟାଲ ଧାନ ମଣ୍ଡିରେ ପଡିଛି। ପ୍ରାଥମିକ କୃଷି ସମବାୟ ସମିତି ସଭାପତି ହାଡୁ ପ୍ରଧାନ, ତରବୋଡ ସରପଂଚ ଶ୍ୟାମସୁନ୍ଦର ପୃଷ୍ଟି, ଦର୍ଲିପଡା ସରପଞ୍ଚ ରଞ୍ଜିତ ସୁନାନୀ, ପଲସିପାଣି ସରପଞ୍ଚ ଗଙ୍ଗା ମାଝି, ସାଗର ସାହୁ, ହେମନ୍ତ ସାହୁ, ରମେଶ ବନଛୋର, ବଳରାମ ସାହୁ, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଞ୍ଚଳ ମହାବିଦ୍ୟାଳୟ ରସାୟନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ପଦ୍ମପୁର, ୩୦।୧୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧକ୍ଷ ଲଳିତେନ୍ଦୁ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ମନୋଜ କୁମାର ପଧାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ଦିଗଦର୍ଶନ ଦେଇଥିଲେ। ଅଧାପକ ଦେବାଶିଷ ସାହୁ, ଚନ୍ଦ୍ରକାନ୍ତ ସୁନା, ଖୁଦିରାମ ପଟେଲ ଚରିତ୍ର ନିର୍ମାଣ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଛାତ୍ର ଆୟୁସ୍ମାନ ଶତପଥୀ, ଜଗନ୍ନାଥ ଦାସ ସଭା ପରିଚାଳନା କରିଥିଲେ । ମିଷ୍ଟର, ମିସ୍ ଫେସର୍ ଭାବେ ଆଭାସ ଓ ଶୁଭଶ୍ରୀଙ୍କୁ ଚୟନ କରାଯାଇଥିଲା।

### ବୌଦ୍ଧ ଜିଲାରେ ୬୦ ଏଡ୍ସ ରୋଗୀ ଚିହ୍ନଟ

**ବୌଦ୍ଧ,୩୦।୧୧(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଏଡ୍ସ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଜିଲାରେ ଇତିମଧରେ ୬୦ ଜଣ ଏଡ୍ସ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ୬୦ ଜଣ ଏଡ୍ସ ରୋଗୀଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୩୬ ଓ ମହିଳାଙ୍କ ସଂଖ୍ୟା ୨୪ ବୋଲି ଜଣାପଡିଛି। ସେଥିମଧରୁ ୮ ଜଣ ଗର୍ଭବତୀ ମହିଳାଙ୍କଠାରେ ଏଡ୍ସ ରୋଗ ଚିହ୍ନଟ ହୋଇଛି। ଅଧିକାଂଶ ଏଡ୍ସ ରୋଗୀଙ୍କ ବୟସ ସାଧରଣତଃ ୨୦ ରୁ ୪୫ ବର୍ଷ ବୋଲି ଜଣାପଡିଛି। ୧୩ ଜଣଙ୍କ ଏଡ୍ସ ରୋଗରେ ମୃତ୍ୟୁ ପରେ ଅନ୍ୟ ୪୭ ଜଣ ରୋଗୀଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଛି। ଜିଲାରେ ୨୦୦୮ ଅଗଷ୍ଟ ମାସରେ ପ୍ରଥମ ଏଡ୍ସ ରୋଗୀ ଚିହ୍ନଟ ହୋଇଥିଲା ବେଳେ ସେହି ବର୍ଷ ସମୁଦାୟ ୨ ଜଣ ଏଡ୍ସ ରୋଗୀ ଚିହ୍ନଟ ହୋଇଥିଲେ। ୨୦୦୯ରେ ୨ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୦ରେ କେହି ରୋଗୀ ଚିହ୍ନଟ ହୋଇ ନ ଥିଲେ। ୨୦୧୧ରେ ୨ଜଣ ଚିହ୍ନଟ ହୋଇଥିବା ବେଳେ ୨୦୧୨ରେ କେହି ଚିହ୍ନଟ ହୋଇ ନ ଥିଲେ। ୨୦୧୩ରେ ୨ ଜଣ ଓ ୨୦୧୪ରେ ୫ ଜଣ ଏଡସ ରୋଗୀ ଚିହ୍ନଟ କରାଯାଇଛି। ୨୦୧୫ରେ ୫ ଜଣ ଏଡସ ରୋଗୀ ଚିହ୍ନଟ ହୋଇଥିଲେ । ୨୦୧୬ ବର୍ଷରେ ୫ ଜଣ, ୨୦୧୭ରେ ୭ ଜଣ , ୨୦୧୮ରେ ୪ ଜଣ, ୨୦୧୯ରେ ୭ଜଣ,୨୦୨୦ରେ ୫ ଜଣ ଓ ୨୦୨୧ରେ ସର୍ବାଧିକ ୧୦ ଜଣ ଏଡସ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୨ରେ ୪ ଜଣ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଏଡ୍ସ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ଡ୍ରାଇଭର ଓ ବାହାର ଜିଲା କିମ୍ବା ବାହାର ରାଜ୍ୟକୁ ଯାଇଥିବା ଶ୍ରମିକ ବୋଲି ଜଣାପଡିଛି। ଏଡ୍ସ ଆକ୍ରାନ୍ତମାନଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଛି। ଏଡ୍ସରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ପରିବାରକୁ ସରକାର ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରୁଥିବା ବେଳେ ରୋଗୀଙ୍କୁ ମଧୁବାବୁ ପେନସନ, ବିଜୁ ପକ୍କା ଘର ଯୋଜନା, ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସହାୟତା, ରାଶନ କାର୍ଡ,ମୋ କୁଡିଆ ଆଦି ଯୋଜନାରେ ସହାୟତା ପ୍ରଦାନ କରାଯାଉଛି। ଜିଲାରେ ଯେପରି ଛୋଟ ପିଲାଙ୍କୁ ଏଡ୍ସରୁ ମୁକ୍ତ କରାଯିବ ସେଥିପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

### ଅଷ୍ଟମ ଦିନରେ ବିଜେଡିର ଗଣଧାରଣା

**ବରଗଡ଼ ଅଫିସ, ୩୦।୧୧:** କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଅବହେଳା ପ୍ରତିବାଦରେ ବରଗଡ଼ ବିଜେଡି ତରଫରୁ ସ୍ଥାନୀୟ ଗାନ୍ଧୀଛକରେ ଗଣଧାରଣା ବୁଧବାର ଅଷ୍ଟମ ଦିବସରେ ପହଞ୍ଚିଛି। ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ନେତୃତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧାରଣାରେ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ତୁରନ୍ତ ବୃଦ୍ଧି କରନ୍ତୁ ବୋଲି ଦାବି କରାଯାଇଥିଲା। ଯଦି କେନ୍ଦ୍ର ସରକାର ଏହି ଦାବି ତୁରନ୍ତ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଏ ଅଞ୍ଚଳର ଚାଷୀ ପଦ୍ମପୁର ଉପନିର୍ବାଚନରେ ଚାଷୀମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଭାଜପାକୁ ଉଚିତ ଜବାବ ଦେବେ ବୋଲି ବିଜେଡି ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁଚରଣ ନେପାକ କେନ୍ଦ୍ରରେ ଏକ କଥା କୁହାଳିଆ ସରକାର ରହିଥିବା ଉଲ୍ଲେଖ କରି ଭାଜପା ସରକାରର କୃଷକଙ୍କ ପ୍ରତି ଟିକେ ବି ଦରଦ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧରେ ପୌରାଧକ୍ଷା କଳ୍ପନା ମାଝି, ସମୀର ସିଂ, ହିମାଂଶୁ ଦାଶ, ଅନୀଲ ଦଳାଇ, ହାଡୁ ମଲ୍ଲିକ, ଦେବାନନ୍ଦ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଧାରଣାସ୍ଥଳରେ ଉପସ୍ଥିତ ରହିଥିଲେ ।

# ଏଡ୍ସର ବିଷ ବଳୟରେ ସୁବର୍ଣ୍ଣପୁର ଜିଲା

**ସୋନପୁର,୩୦।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଏଡ୍ସ କାୟା ବିସ୍ତାର କରି ଚାଲିଛି । ସରକାରୀ ହିସାବରେ ଜିଲାରେ ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୧୯୧। ଆକ୍ରାନ୍ତଙ୍କ ମଧରେ ଗର୍ଭବତୀ ମହିଳା ଅଛନ୍ତି । ୨୦୦୫ରୁ ୨୦୨୨ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲାରେ ଏଡ୍ସରେ ୩୦ଜଣଙ୍କ ମୃତ୍ୟୁ ହୋଇଛି। ପ୍ରତିମାସରେ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ବହୁ ଅଧିକ। ସେହିଭଳି ୨୫ ଜଣ ଆକ୍ରାନ୍ତ ମୃତ କିମ୍ବା ଜୀବିତ ଅଛନ୍ତି ସେ ସମ୍ପର୍କରେ କୌଣସି ସୂଚନା ସ୍ୱାସ୍ଥ୍ୟ ବିଭାଗ ନିକଟରେ ନାହିଁ।

ଜିଲାର ସୋନପୁର ବ୍ଲକରେ ସର୍ବାଧିକ ୫୬ ଜଣ ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ପଡୋଶୀ ବୌଦ୍ଧ ଜିଲାର ୩୨ଜଣ, ବଲାଙ୍ଗୀରର ୩ ଜଣ, କଳାହାଣ୍ଡିର ୨ ଜଣ, ବରଗଡ, ରାଜ୍ୟ ବାହାର ତେଲେଙ୍ଗାନା ଓ ଛତିଶଗଡର ଜଣେ ଲେଖାଏ ଥିବା ଜଣାପଡିଛି। ଏହା ପଛକୁ ବୀରମହାରାଜପୁର, ଡୁଙ୍ଗୁରିପାଲି, ବିନିକା ଓ ଉଲୁଣ୍ଡା ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ଶିଳ୍ପ ବିହୀନ ଏହି ଜିଲାରେ ନିଯୁକ୍ତି ପାଇଁ ବିଶେଷ ସୁଯୋଗ ନ ଥିବାରୁ ଅଧିକାଂଶ ବେକାରୀ ଯୁବକ ରାୟପୁର, ହାଇଦ୍ରାବାଦ, ସୁରଟ, ଚେନ୍ନାଇ, କଲିକତା ଓ ବମ୍ବେ ଆଦି ସ୍ଥାନକୁ କାମ କରିବାକୁ ଯାଇଥାନ୍ତି। ସେଠାରେ ଅଧିକାଂଶ ଅସୁରକ୍ଷିତ ଯୌନ କ୍ରିୟାରେ ଲିପ୍ତ ରହିବା ଯୋଗୁଁ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଉ କେତେକ ଡ୍ରାଇଭର ସଚେତନତା ଅଭାବରୁ ଏହି ରୋଗର ବାହକ ସାଜୁଛନ୍ତି । ଏହି ରୋଗକୁ ସମ୍ପୂର୍ଣ୍ଣ ବିଲୁପ୍ତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଚେତନତା କାର୍ଯ୍ୟ କରୁଥିଲେ ହେଁ ଏହା ନିୟନ୍ତ୍ରଣ ହୋଇ ପାରୁନାହିଁ।

**୩୦ ମଲେଣି, ୧୯୧ ଆକ୍ରାନ୍ତ**



ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦୫ରୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୬୪ହଜାର ୯୧୩ଜଣ ଏଡ୍ସ ସମ୍ପର୍କରେ ପରାମର୍ଶ ପାଇଁ ଡାକ୍ତରଖାନାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୩୬ହଜାର ୩୨୨ଜଣଙ୍କ ପରୀକ୍ଷା କରାଯାଇଥିଲା। ପୂର୍ବରୁ ଆକ୍ରାନ୍ତମାନେ କଟକ, ବ୍ରହ୍ମପୁର ଅବା ବୁର୍ଲା ମେଡିକାଲକୁ ଚିକିତ୍ସା ନିମନ୍ତେ ଯାଉଥିଲେ। ଏବେ ଏଡ୍ସର ଭୟାବହତାକୁ ଲକ୍ଷ୍ୟ କରି ବଲାଙ୍ଗୀରରେ ଏଡ୍ସ ଚିକିତ୍ସା ପାଇଁ ଏଆରଟି(ଆଣ୍ଟି ରେଟ୍ରୋ ଭାଇରାଲ ଥେରାପି) ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଫଳରେ ଜିଲାର ଆକ୍ରାନ୍ତମାନେ ଏଠାରୁ ଔଷଧ ମାଗଣାରେ ପାଉଛନ୍ତି। ସୋନପୁର, ଡୁଙ୍ଗୁରିପାଲି ଓ ତରଭାରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ରକ୍ତ ପରୀକ୍ଷା କରାଯାଉଛି। ବୀରମହାରାଜପୁର, ବିନିକା, ଉଲୁଣ୍ଡା ଓ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ସ୍କ୍ରିନିଂ ଟେଷ୍ଟ ହେଉଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ କେବଳ ୧୩୬ ଜଣ ରୋଗୀ ହିଁ ଔଷଧ ଖାଉଛନ୍ତି।

# ୫ଦଫା ଦାବି ନେଇ ସିଡିଏମ୍ଓଙ୍କୁ ଦାବିପତ୍ର



ବୀରମହାରାଜପୁର ଏସ୍‌ଡିଏମଓଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଉଛି।

**ଅମରପାଲି, ୩୦।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ବୁଧବାର ସିଡିଏମ୍ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡିଶା ରାଜ୍ୟ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ/ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ବୀରମହାରାଜପୁର ଶାଖା ତରଫରୁ ସ୍ଥାନୀତ ଏସଡିଏମଓ ରବିନ୍ଦ୍ର ନାଥ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ କରି ସେମାନଙ୍କ ଚାକିରି କାଳରେ ୪ଟି ପଦୋନ୍ନତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତା୩/୧୧/୨୦୨୦ରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର, ପୂର୍ବରୁ ଆସିଥିବା ଠିକା ଚାକିରି କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ଟି ଇନକ୍ରିମେଣ୍ଟ ଦିଆଯାଇ ଦରମା ବୃଦ୍ଧି, ଉଭୟ ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ପଦବୀର ନାମ ପରିବର୍ତ୍ତନ ଓ ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି। ଦାବିଗୁଡିକ ପୂରଣ ନ ହେଲେ ଆସନ୍ତା ୭ ତାରିଖରୁ କଳାବ୍ୟାଜ ପିନ୍ଧି ନିରବ ପ୍ରତିବାଦ କରାଯିବ। ଏହାର ଏକ ସପ୍ତାହ ପରେ ଅର୍ଥାତ୍ ୧୪ ତାରିଖରୁ କାର୍ଯ୍ୟରେ ଅସହଯୋଗ ଆନ୍ଦୋଳନ କରାଯିବ। ତଥାପି ଦାବି ପୂରଣ ନ ହେଲେ ଆସନ୍ତା ୨୧ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ଗିରିଧାରୀ ସାହୁ, ବ୍ରଜେଶ୍ୱରୀ ପାତ୍ର, ପ୍ରିୟବ୍ରତ ଜଗଦଳା, ସରୋଜ କୁମାର ସାହୁ, ଅଷ୍ଟମୀ ନାଏକ, ସୁରଶୈବାଳିନୀ ହୋତା, ପ୍ରିୟଦର୍ଶିନୀ ସ୍ୱାଇଁ, ଦୁଷ୍ମନ୍ତ ଡାଙ୍ଗଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଦସ୍ତଖତ ଥିବା ଦାବିପତ୍ର ପ୍ରଦାନ କରାଯାଇଛି।

**ଦାବି ପୂରଣ ନ ହେଲେ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**

# ଅନଶନରେ ବସିଲେ ଗ୍ରାମବାସୀ




ମାଟିଆପାଲି ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଅନଶନରେ ବସିଛନ୍ତି ।

**ସୋନପୁର,୩୦।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ମାଟିଆପାଲି ଗ୍ରାମବାସୀଙ୍କ ଦାବିକୁ ଜିଲା ପ୍ରଶାସନ ଅଣଦେଖା କରିଆସୁଛି। ଗ୍ରାମର ସରକାରୀ ଜମିରୁ ବେଆଇନ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଗ୍ରାମବାସୀ ୨୦୧୮ମସିହାରୁ ଦାବିକରିଆସୁଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପିଲା ଛୁଆଙ୍କୁ ଧରି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଅନଶନରେ ବସିଛନ୍ତି। ଆନ୍ଦୋଳନକାରୀଙ୍କ ଦାବି ପୂରଣ ହୋଇ ନଥିବାରୁ ସେମାନେ ରାତି ପର୍ଯ୍ୟନ୍ତ ଭୋକ ଉପାସରେ ଶୀତ କାକରରେ ବସି ରହିଛନ୍ତି।

**ସମସ୍ୟା ଶୁଣିଲାନି ପ୍ରଶାସନ**

ଗ୍ରାମବାସୀଙ୍କ କହିବା ଅନୁଯାୟୀ କେତେକ ମୁଷ୍ଟିମେୟ ଲୋକ ୫ ଏକରରୁ ଉର୍ଦ୍ଧ୍ୱ ଗୋଚର ଜମିକୁ ଜବରଦଖଲ କରି ରଖିଛନ୍ତି। ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଉକ୍ତ ଜମିକୁ ମାଟିଆପାଲି ନୋଡାଲ ୟୁପି ସ୍କୁଲ ନାମରେ ନାମିତ କରିବାକୁ ସେମାନେ ଦାବି କରି ଆସୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯିବା, ଗାଁ ରାସ୍ତାକୁ ପକ୍କା କରିବା, ୟୁପି ସ୍କୁଲର ଉନ୍ନତି ଓ ମାଟିଆପାଲି କେନ୍ଦୁପତ୍ର ଗୋଦାମର ଉନ୍ନତୀକରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗତ ୨୨ ତାରିଖରେ ଏ ସମ୍ପର୍କିତ ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଦାବି ପୂରଣ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନଶନରେ ବସିବାକୁ ବାଧ ହେଲୁ ବୋଲି ମାଟିଆପାଲି ଗ୍ରାମର ସବ୍ୟରାଣୀ ଧରୁଆ, ଛୁଆନାରୀ ବିଶି, ବ୍ରଜେଶ୍ୱରୀ ଘିବେଲା, ଦେବକୀ ଦାନକ, ବନିତା ବିଶି, ହିରନ୍ୟ ବାଗ, ଘାସିରାମ ଦନ୍ତା ଓ ସୁରଞ୍ଜି ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲା ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚର ସଭାନେତ୍ରୀ ଜ୍ୟୋତିର୍ମୟୀ ରଥ, ଶ୍ରମିକ ନେତା ଗୋବିନ୍ଦ ମହାରଣା ଓ କୃଷ୍ଣ ଚନ୍ଦ୍ର କମ୍ପ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

## ସୁନାପାଲି-ଭାଲୁଡୁଙ୍ଗୁରି ରାସ୍ତା କାମ ସରିଲା

**ଡୁଙ୍ଗୁରିପାଲି, ୩୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ଅନ୍ତର୍ଗତ ସୁନାପାଲି ପଥୁରିଆହୁଡ଼ାରୁ ତମାମୁରା ପଞ୍ଚାୟତ ଭାଲୁଡୁଙ୍ଗୁରି ରାସ୍ତା କାମ ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ କରାଯାଇଛି। ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁ ସୁନାପାଲ-ଭାଲୁଡୁଙ୍ଗୁରି ରାସ୍ତାରେ ବର୍ଷବର୍ଷ ଧରି ଯାତାୟାତ ସମ୍ଭବ ହେଉ ନ ଥିଲା। ଉଭୟ ଗ୍ରାମର ଲୋକେ ଯାତାୟତରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଆର୍ଥ ଆବଣ୍ଟନ ପରେ ମାଟି ଉନ୍ନତୀକରଣ କରାଯାଇଥିଲା। ସୁନାପାଲି ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ସେଠ ଏହିକାମ ଅବିଳମ୍ବେ ସାରି ଜନସାଧାରଣଙ୍କ ବ୍ୟବହାର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ପଞ୍ଚାୟତ ଅଞ୍ଚଳର କାମରେ ନିୟୋଜିତ ହୋଇ ଶ୍ରମ ଦିବସ ସୃଷ୍ଟି କରିଥିଲେ। ଉକ୍ତ ରାସ୍ତାରେ ଏବେ ଗାଁର ଚାଷୀମାନେ ଧାନ ଅମଳ କରି ନେବା ଆଣିବା କରୁଛନ୍ତି। ପିଲାମାନେ ସ୍ୱଚ୍ଛନ୍ଦରେ ଉକ୍ତ ରାସ୍ତାରେ ଚଳପ୍ରଚଳ କରୁଛନ୍ତି।

## ଶ୍ରୀରାମ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଥମ ସମ୍ପାନ




ମଞ୍ଚାସୀନ ଅତିଥି ବୃନ୍ଦ।

**ଡୁଙ୍ଗୁରିପାଲି, ୩୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଶିକ୍ଷା ବର୍ଷର ପ୍ରଥମ ସଂପାନ ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନାରୀବାଦର ସମସ୍ୟା ଓ ସମାଧାନ ଶୀର୍ଷକ ଉପରେ ଅନୁଷ୍ଠିତ ସଂପାନରେ ବରଗଡ଼ ପଞ୍ଚାୟତ କଲେଜ ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧାପକ ତରଣୀସେନ ବାରିକ ଆଲୋଚକଭାବେ ଯୋଗଦେଇଥିଲେ। ଅଧାପକ ଗୁଣନିଧି ବାରିକ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧାପକ ରବିନାରାୟଣ ତ୍ରିପାଠୀ, ଛାତ୍ରୀ ସ୍ୱାଗତିକା ନାଏକ, ଲିଜାରାଣୀ ପଧାନ, ନିକିତା ପଧାନ, ଛାତ୍ର ସଚିନ ସାହୁ, ଅଙ୍କିତ ସାହୁ, ଜଗମୋହନ ମିଶ୍ର, ଦୀପକ ବାଗ ନାରୀବାଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଭାଗର ପ୍ରଥମ ବର୍ଷର ନବାଗତ ଛାତ୍ରୀଛତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟୀ ଛାତ୍ରଛାତ୍ରଙ୍କ ଉଦ୍ଦ୍ୟେଶ୍ୟରେ ଏକ ବିଦାୟ ଉତ୍ସବ ପାଳିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଆଦ୍ୟାଶା ପଧାନ ଓ ତନିକା ମାଝିଙ୍କୁ ଶେଷ୍ଠ କଳାକାର ଭାବେ ଚୟନ କରି ଏଡି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶୃଙ୍ଖଳା ଗୁଣାତ୍ମକ ଶିକ୍ଷା ମାନ ବୃଦ୍ଧିରେ ସହାୟକ ହୋଇଥାଏ

**ଅମରପାଲି,୩୦।୧୧(ଡି.ଏନ.ଏ.)**

ଶିକ୍ଷା ସମସ୍ତଙ୍କ ପାଇଁ ଆବଶ୍ୟକ।ଉତ୍ତମ ଶିକ୍ଷା ଭଲ ମଣିଷ ହେବାରେ ସହାୟକ ହେଉଥିବା ବେଳେ କୁଶିକ୍ଷା ବିପଥଗାମୀ କରିଥାଏ। ଶୃଙ୍ଖଳା ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧିରେ ସହାୟକ ହୋଇଥାଏ।ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜର +୩ ଶିକ୍ଷା ବିଭାଗର ସ୍ୱାଗତ ସମାରୋହରେ କଲେଜ ପରିଚାଳନା ପରିଷଦ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ମତବ୍ୟକ୍ତ କରିଥିଲେ। ଅଧକ୍ଷ ସୁଦାମ ଚରଣ ସାହୁ ଶିକ୍ଷାର୍ଥୀଙ୍କ ପଠନଶୈଳୀର ଉପଯୋଗୀ ଉପରେ ମତପୋଷଣ କରିଥିଲେ। ଅଧାପକ ଶିଶିର ବଣିଆଁ ଓ ଅଧାପିକା ସୀମାରାଣୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ବିଜୟ କୁମାର ପଧାନ ଅତିଥି ପରିଚୟ ପ୍ରଦାନ, ଅଧାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ବୀରମହାରାଜପୁର କଲେଜରେ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି।

## କବିତା ପୁସ୍ତକ କୁରେଫୁଲ ଉନ୍ମୋଚିତ

**ଉଲୁଣ୍ଡା,୩୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମେଟାକାନୀ ମନ୍ଦିର ପରିସରରେ ବୁଧବାର କବୟିତ୍ରୀ ସନ୍ଧ୍ୟାରାଣୀ ମେଣ୍ଡେଲିଙ୍କ ରଚିତ କବିତା ପୁସ୍ତକ କୁରେଫୁଲ ଉନ୍ମୋଚିତ ହୋଇଯାଇଛି। ଉପେନ୍ଦ୍ର ଶୋଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଯୋଜନା ଅଧିକାରୀ ପ୍ରକାଶ ଚନ୍ଦ୍ର ବହିଦାର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଲୁପ୍ତପ୍ରାୟ ଗ୍ରାମ୍ୟ ସଂସ୍କୃତିକୁ ନେଇ କୋଶଲି କବିତା କୁରେଫୁଲ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଶିକ୍ଷକ ଜିତେନ୍ଦ୍ର ପର୍ଡିଆ, ରଞ୍ଜିତା ବହିଦାର, ଦିଲୀପ କୁମାର ସାହୁ ଏବଂ ନରେନ୍ଦ୍ର ଥପା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାଦେବ ସାହୁ, ଜୟଲାଲ ଘିବିଲା, ମୋହିତ କୁମାର ସାହୁ, ରାଜେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ମାନ୍ୟତା ଦାବିରେ ଛାତ୍ରୀଛାତ୍ରଙ୍କ ରାଲି

**ବରଗଡ ଅଫିସ,୩୦।୧୧**

ବରଗ ଜିଲା ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଜୋର୍ ଧରି ବସିଛି। ଏହି ଦାବି ନେଇ ବୁଧବାର ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରେଲି ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷକ ସଂଗଠନ ଗାଇସିଲେଟର ସଭାପତି ଅରବିନ୍ଦ ପଣ୍ଡା, ବଣିକ ସଂଘ ନାଗରିକ କମିଟି, ଓଡ଼ିଶା ଚାଳକ ସଂଘ, ଯୁବଗୋଷ୍ଠୀ, ଆଡଭୋକେଟ ପ୍ରଶାନ୍ତ ମାଝି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗାଇସିଲେଟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଗଡ଼ିଲା ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ

**ସୋନପୁର,୩୦।୧୧(ନି.ପ୍ର.)**

ଅନ୍ତର୍ଜାତୀୟ ପୌଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ନଭେମ୍ବର-୨୨ ଅବସରରେ ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଏକ ସଚେତନତା ରଥ ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ପ୍ରତ୍ୟେକ ବ୍ଲକ ତଥା ସମ୍ବେଦନଶୀଳ ପଞ୍ଚାୟତ ଯଥା ସୋନପୁର ବ୍ଲକର ଲଛିପୁର ପଞ୍ଚାୟତ, ବୀରମହାରାଜପୁର ବ୍ଲକର ମୁର୍ଚ୍ଛୁଣ୍ଡି, ଉଲୁଣ୍ଡା ବ୍ଲକର କୋଟସମଲେଇ, ତରଭା ବ୍ଲକର ବ୍ରାହ୍ମଣି, ବିନକା ବ୍ଲକର ମହାଦେବପାଲି, ଡୁଙ୍ଗୁରିପାଲି ବ୍ଲକର ଶୁଖା ପଞ୍ଚାୟତରେ ସଚେତନତାର ବାର୍ତ୍ତା ପହଞ୍ଚାଇ। ଶିଶୁ ପଣ୍ୟ ଦ୍ରବ୍ୟ ନୁହେଁ, ଏହାକୁ କିଣାବିକା କରନ୍ତୁ ନାହିଁ, ଆଇନଗତ ପଦ୍ଧତିରେ ଗ୍ରହଣ କରନ୍ତୁ। ଶିଶୁ ପରିବାର ଚାହେଁ, ତାକୁ ପର କରନାହିଁ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ ଦିଲେଶର ଖାଖା, ଶିଶୁ ମଙ୍ଗଳ କମିଟି ସଦସ୍ୟ ରଞ୍ଜିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୋନପୁର ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ଓ ବାଲ୍ୟ ବିବାହ ପରାମର୍ଶଦାତା ରାକେଶ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଖି, ଚାଇଲଡ ଲାଇନ, ଶିଶୁ ଯତ୍ନ ଅନୁଷ୍ଠାନ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର କର୍ମଚାରୀ, ଅଧିକାରୀ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।



ଏସ୍‌ପି ଅମରେଶ କୁମାର ପଣ୍ଡା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ନୂତନ ଭୋଟର ପଞ୍ଜୀକରଣକୁ ସଫଳ କର

**ସୋନପୁର,୩୦।୧୧(ନି.ପ୍ର.)**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦଳେଇ ବୁଧବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ନିର୍ବାଚନ ଓ ରାଜସ୍ୱ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ଡ଼ ଦଳେଇ ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ୫ଟି ଉଚ୍ଚବିଦ୍ୟାଳୟ ସହ ଉଦେପଦର ଓ ନାଏକପଡା ସ୍କୁଲସ୍ଥିତ ବୁଥଗୁଡିକ ପରିଦର୍ଶନ କରିଥିଲେ। ଏହି ସମୟରେ ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଉଲୁଣ୍ଡା ଏବିଡିଓ ଶୁଭ୍ରାଂଶୁ ମଲ୍ଲିକ, ବିଏସଏସଓ କ୍ଷୀରୋଦ୍ର ଭୂଷଣ ରାଏଙ୍କ ସମେତ ସୁପରଭାଇଜର, ବିଏଲଓ ଓ ସ୍କୁଲ ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଦଳେଇ ଉପସ୍ଥିତ ଅଧିକାରୀଙ୍କ ସହ ସ୍କୁଲର ଭିତ୍ତିଭୂମି, ଶିକ୍ଷାଦାନ, ଶିକ୍ଷାର ଗୁଣାତ୍ମକ ମାନ ଓ ଅନୁଷ୍ଠାନର ବାର୍ଷିକ ଫଳ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜନୈତିକ ଦଳର ନେତା/ପ୍ରତିନିଧିଙ୍କ ସହ ଜିଲାର ନୂତନ ଭୋଟର ପଞ୍ଜିକରଣର ସ୍ଥିତି, ଅଗ୍ରଗତି ଓ ଆଧାର ସଂଯୋଗୀକରଣ ଉପରେ ଆଲୋଚନା କରିଥିଲେ। ଜିଲାରେ ନୂତନ ଭୋଟର ପଞ୍ଜିକରଣକୁ ଶତପ୍ରତିଶତ ସଫଳ କରିବାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଆନ୍ତରିକ ସହଯୋଗ କରିବାକୁ ରାଜସ୍ୱ ଅଯୁକ୍ତ ଅନୁରୋଧ କରିଥିଲେ।

ବୈଠକରେ ବିଜେଡିରୁ କଇଁରୁ ସ୍ୱାଇଁ, ଭାଜପାରୁ ସୁଶାନ୍ତ କୁମାର ସାହୁ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଶେଷଦେବ ମେହେର, ଏସୟୁସିଆଇରୁ ଗୋବିନ୍ଦ ମହାରଣା, ବିଏସପିରୁ ଅନିଲ କୁମାର ତାଣ୍ଡି ଉପସ୍ଥିତ ଥିଲେ। ପରେ ଜିଲାର ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ରାଜସ୍ୱ ଆୟୁକ୍ତ ଦଳେଇ ସମୀକ୍ଷା କରିଥିଲେ। ରାଜସ୍ୱ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟକ୍ରମଗୁଡିକୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମୟ ଅବଧିରେ ସମ୍ପୂର୍ଣ୍ଣ କରିବା, ସରକାରଙ୍କ ବିଭିନ୍ନ ବିଭାଗୀୟ ଅଦେଶାନାମାକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ତଥା ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମ୍ୟୁଟେସନ କେସ, ହାଇଟେକ ସର୍ଭେ, ବେବନ୍ଦୋବସ୍ତ ବ୍ୟବସ୍ଥା ତଥା ନୂତନ ଭାବେ ନିର୍ମାଣ ହେଉଥିବା ଆରଆଇ କାର୍ଯ୍ୟାଳୟ, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଓ ଅଗ୍ରଗତି ଉପରେ ପଚାରି ବୁଝିଥିଲେ। ବୈଠକରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଡେପୁଟି କଲେକ୍ଟର ଆନନ୍ଦଚନ୍ଦ୍ର ପଣ୍ଡା, ଅଭିଳାଷ ପୁରୋହିତ, ଯଶସ୍ୱିନୀ ପୂଥାଲ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଉତ୍ତରାଞ୍ଚଳ ରାଜସ୍ୱ ଅଯୁକ୍ତ ଡ଼ ସୁରେଶ ଚନ୍ଦ୍ର ଦଳେଇ ସମୀକ୍ଷା କରୁଛନ୍ତି।

**ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ**

# ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ସୁନ୍ଦରଗଡ଼, ୩୦।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଏକ ବଳାତ୍କାର ମାମଲାର ବୁଧବାର ଶୁଣାଣି କରିଛନ୍ତି। ୩ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୨ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ପୀଡିତା ନାବାଳିକାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଅଦାଲତ ଜିଲା

**ନାବାଳିକା ବଳାତ୍କାର ମାମଲା**

ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଲାଠିକଟା ବ୍ଲକର ମନୋକୋବୋରିବେଡା ଗ୍ରାମର ରାଜେଶ ଗୁଡିଆ (୩୨), ଭାଲେଣ୍ଟିନ୍ ଗୁଡିଆ (୩୫) ଓ ସେହି ଗ୍ରାମରେ ରହୁଥିବା ଝାଡ଼ଖଣ୍ଡ ସୀମଡେଗା ଜିଲା ବାଉଁଶଯୋର ଥାନା ଅନ୍ତର୍ଗତ ରଙ୍ଗାବେଡା ଗ୍ରାମର ଉଜ୍ଜ୍ୱଳ ଲାକ୍ରା (୨୬)।

ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ୨୦୧୫ ଜୁଲାଇ ୧୯ ଅପରାହ୍ନ ପ୍ରାୟ ୪ଟା ବେଳେ ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳିକା(୧୭) ଡ୍ରେସ୍ କିଣିବା ପାଇଁ ସାଇକେଲ ଯୋଗେ ରାଉରକେଲା ଫର୍ଟିଲାଇଜର ମାର୍କେଟ ଯାଉଥିଲେ। କନରସୁଆଁ ଗ୍ରାମ ଜଙ୍ଗଲ ରାସ୍ତାରେ ଉକ୍ତ ୩ ଯୁବକ ବାଇକରେ ଆସି ତାଙ୍କୁ ଟେକିନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତା ନାବାଳିକା ପାଟି କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। କୌଣସିମତେ ପୀଡିତା ଜଣକ ସେମାନଙ୍କ କବଳରୁ ଖସି ଗୋରୁ ଚରାଉଥିବା ଜଣେ ବୃଦ୍ଧାଙ୍କୁ ଡାକି ସବୁ କଥା କହିଥିଲେ। ତାଙ୍କ ସହ ଘଟଣାସ୍ଥଳକୁ ଯାଇ ନିଜ ମୋବାଇଲ ଫୋନ୍ ପାଇଥିବା ବେଳେ ସାଇକେଲ ଓ କପଡା ଧରି ୩ ବଳାତ୍କାରୀ ସେଠାରୁ ଫେରାର୍ ହୋଇଯାଇଥିଲେ। ପରିବାର ଲୋକଙ୍କ ସହାୟତାରେ ପୀଡିତା ଜଣକ ଏ ସମ୍ପର୍କରେ ଲାଠିକଟା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ ଲାଠିକଟା ଥାନାରେ ଏକ ମାମଲା ( ନଂ.୩୧।୨୦୧୫) ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ପରେ ଉକ୍ତ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଖାଦ୍ୟ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ

**ରାଉରକେଲା ଅଫିସ,୩୦।୧୧:** ଆର୍‌ଏମ୍‌ସି ଖାଦ୍ୟ ବିଭାଗ ପକ୍ଷରୁ ରାଉରକେଲା ସିଭିଲଟାଉନଶିପ ଓ ପାନପୋଷ ଅଞ୍ଚଳରେ ଥିବା ବିଭିନ୍ନ ଫାଷ୍ଟଫୁଡ ଓ ହୋଟେଲରେ ଚଢ଼ାଉ କରାଯାଇଛି। ଆର୍‌ଏମ୍‌ସି ଫୁଡ ଇନ୍ସପେକ୍ଟର ସ୍ୱାଗତିକା ବେହେରାଙ୍କ ନେତୃତ୍ୱରେ ସିଭିଲଟାଉନଶିପ ଅଞ୍ଚଳରେ ଥିବା ୫ଟି ଫାଷ୍ଟଫୁଡ ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ଦୋକାନମାନଙ୍କରେ ଖାଦ୍ୟର ମାନ, ସସ୍‌ର ମାନ ଯାଞ୍ଚ କରାଯାଇଥିଲା। ସେହିଭଳି ବିଭିନ୍ନ ହୋଟେଲଗୁଡିକରେ ଥିବା ଖାଦ୍ୟର ମାନ ଯାଞ୍ଚ କରାଯିବା ସହ କିଛି ଖାଦ୍ୟର ନମୁନା ସଂଗ୍ରହ କରାଯାଇଥିଲା। ଏହି ଚଢାଉ ସମୟରେ ଫୁଡ ଏସ୍‌ଆଇ ଦୀକ୍ଷା ଦେ, ମୋନାଲିସା ଟପ୍ପୋଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବେଟି ବଞ୍ଚାଅ, ବେଟି ପଢ଼ାଓ ସମନ୍ୱୟ ବୈଠକ

**ଦେବଗଡ଼, ୩୦।୧୧(ଡି.ଏନ୍.ଏ.):** ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବେଟି ବଞ୍ଚାଅ ବେଟି ପଢାଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଦେବଗଡ଼ ଜିଲାରେ ଶିଶୁ କନ୍ୟାକୁ ଗଢି ତୋଳିବା ପାଇଁ ସମସ୍ତଙ୍କୁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଆହ୍ୱାନ କରିଥିଲେ। ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂହ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ୟୁନିସେଫ ଆବାହକ ଜିଲା ସଂଯୋଜକ ପୀତବାସ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡିପିଏମ ଓଡ଼ିଶା ଜୀବିକା ମିଶନ, ସିଡିପିଓ ନିର୍ଦ୍ଦେଶିକା ସିଏସଡିଆର ଯୋଗ ଦେଇଥିଲେ। ୟୁନିସେଫ ଆବାହକ ଜିଲା ସଂଯୋଜକ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ସ୍ୱରେଜ ସଂଯୋଗୀକରଣ ମେଳା ଆରମ୍ଭ

**ରାଉରକେଲା ଅଫିସ,୩୦।୧୧:** ରାଉରକେଲା ପାୱାର ହାଉସ୍ ରୋଡ୍ ସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ସ୍ୱରେଜ ସଂଯୋଗୀକରଣ ମେଳା ୱାଟକୋ ପ୍ରୋଜେକ୍ଟ ଡିଭିଜନ ମ୍ୟାନେଜର ବସନ୍ତ ପ୍ରସାଦ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ମେଳାରେ ଉକ୍ତ ଅଞ୍ଚଳର ଆଖାପାଖରେ ବାସ କରୁଥିବା ଶତାଧିକ ଲୋକ ଯୋଗଦେଇ ସ୍ୱରେଜ ସଂଯୋଗୀକରଣ ପାଇଁ ଆବେଦନ କରିଥିଲେ। ଏହାପୂର୍ବରୁ ଛେଣ୍ଡ ଓ ସିଭିଲ ଟାଉନସିପ୍ ଅଞ୍ଚଳରେ ହୋଇଥିବା ସ୍ୱରେଜ ମେଳାରେ ୨ହଜାର ଆବେଦନକାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧ଶହ ୭ଜଣ ସ୍ୱରେଜ ସଂଯୋଗୀକରଣ କରିସାରିଥିବା ମ୍ୟାନେଜର ଡାକୁଆ ସୂଚନା ଦେଇଛନ୍ତି। ସ୍ୱରେଜ ସଂଯୋଗୀକରଣ କଲେ କୌଣସି ସେପ୍‌ଟିକ୍ ଟାଙ୍କିର ଆବଶ୍ୟକତା ନ ଥିବାବେଳେ ଅତ୍ୟାଧୁନିକ ପ୍ରଣାଳୀରେ ମଇଳା ପାଣି ବିଶୋଧନ କରାଯାଇପାରିବ। ଏହାପରେ ବାସନ୍ତୀ କଲୋନି ଓ ଉଦିତନଗର ଅଞ୍ଚଳରେ ସ୍ୱରେଜ ମେଳା ଆୟୋଜନ ହେବ ବୋଲି ୱାଟକୋ ପକ୍ଷରୁ କୁହାଯାଇଛି।

# ରାସ୍ତା ମରାମତି ଦାବିରେ ଲୋକଙ୍କ ରାସ୍ତା ଅବରୋଧ



**ଦେବଗଡ଼,୩୦।୧୧(ଡି.ଏନ୍.ଏ.)**

ଦେବଗଡ଼ ଥାନା ଆମ୍ବପାଲଠାରେ ରାଞ୍ଚି ବିଜୟୱାଡା ରାସ୍ତା ମରଣଯନ୍ତା ସାଜିଥିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ବୁଧବାର ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅତି ଶୋଚନୀୟ ହୋଇପଡିଥିବା ବେଳେ ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏଥିସହ ଠିକାଦାର ରାସ୍ତା କାମ ଠିକ ଭାବେ ନ କରି ଅଧପନ୍ତରିଆ ଅବସ୍ଥାରେ ଛାଡି ଦେଉଥିବା ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ପାଇଁ ପ୍ରଶାସନ ପାଖରେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିଲେ । ପ୍ରତିବାଦରେ ଆମ୍ବପାଲ ଓ ରଙ୍ଗମାଟିଆ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ରାସ୍ତା ଅବରୋଧ କରି ଏହାର ପ୍ରତିବାଦ କରିଥିଲେ। ପୂର୍ତ୍ତ ବିଭାଗର ଅଧିକାରୀମାନେ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ମରାମତି କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସୁନ୍ଦରଗଡ଼, ୩୦।୧୧(ଡି.ଏନ୍.ଏ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଚଳିତବର୍ଷ ବରିଷ୍ଠ ବିଭାଗରେ ମହିଳା ବର୍ଗରେ ରୂପାଲି ମାଝୀ ଓ ପୁରୁଷ ବର୍ଗରେ ଅନମୋଲ କେରକେଟା ଓ କନିଷ୍ଠ ବିଭାଗରେ ପୁରୁଷବର୍ଗରେ ଆଜାଦ ଓରାମ ଓ ମହିଳା ବର୍ଗରେ ପିଙ୍କି କାଲୋ ଓ ମୋନାଲିସା ଏକ୍କା ଯୁଗ୍ମ ଚାମ୍ପିୟନ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମହାବିଦ୍ୟାଳୟର ଅମୃତଲାଲ ନାୟାର ଷ୍ଟାଡିୟମଠାରେ ଆୟୋଜିତ ଏହି ଦୁଇଦିନ ବ୍ୟାପୀ କ୍ରୀଡା ଉତ୍ସବର ଉଦ୍‌ଘାଟନୀ ସମାରୋହରେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢା ସହିତ ଖେଳକୁଦରେ କୃତିତ୍ୱ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। କ୍ରୀଡା ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ମହନୀୟତା ତାର ବ୍ୟକ୍ତିତ୍ୱକୁ ଶୃଙ୍ଖଳିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗଦେଇ ଛାତ୍ରୀଛାତ୍ର କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

କରି ଜିଲାକୁ ଗୌରବାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ସଦର ତହସିଲଦାର କୁଳମଣି ରଣବିଡା, ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ସଭ୍ୟ ଡ. ଚିରବ୍ରତ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହର ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡାସଂସଦର ଉପସଭାପତି ଅଧ୍ୟାପକ ପ୍ରଭାକର ସେଠୀ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପିତାମ୍ବର ବେହେରା ଓ ଅଧ୍ୟାପିକା ସୁସ୍ମିତା ଭୋଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏନ୍‌ସିସି ପ୍ରୋଗ୍ରାମ ଅଫିସର ଆର୍ଯ୍ୟ ବିଭାସ କୁମାର ଧନ୍ୟବାଦ ଦେଇଥିଲେ। କ୍ରୀଡା ଉତ୍ସବର ଦ୍ୱିତୀୟ ଦିବସରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଦୌଡକୁଦ, ଉଚ୍ଚଡିଆଁ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ସହ ଆକର୍ଷଣୀୟ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ଇନ୍ଦିରା ଗଡନାୟକ, ସୁନ୍ଦରଗଡର ବର୍ଷିୟାନ କ୍ରୀଡାବିତ ଅଲମ୍ପିୟାଡ ଆନନ୍ଦ ଚନ୍ଦ୍ର ନାଏକ, କେଦାର ପଟେଲ, ସୌମେନ୍ ବାରିକ, ପ୍ରସନ୍ନ ଠାକୁର, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅମୀୟ କୁମାର ପଟ୍ଟନାୟକ, ଜୟନାରାୟଣ ତ୍ରିପାଠୀ, ସୁମନ୍ତ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରି ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ଅଧ୍ୟାପକ ଡ. ବିନୋଦ ବିହାରୀ ମଲ୍ଲିକ, କୁଳମଣି ବେହେରା, ବୀରେନ୍ଦ୍ର କୁମାର ପଟେଲ, ପ୍ରଦୀପ ବହିଦାର ପ୍ରମୁଖ ସହଯୋଗ କରିଥିଲେ।

# ସହରାଞ୍ଚଳ ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରର ଶୁଭାରମ୍ଭ

**ସୁନ୍ଦରଗଡ଼,୩୦।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ସହରର ଆର୍‌ଆର୍‌ଆଇଟି କଲୋନୀ ଠାରେ ବୁଧବାର ସନ୍ଧ୍ୟାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ସୁନ୍ଦରଗଡ଼ ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ପୌରପାଳିକାଙ୍କ ଆର୍ଥିକ ସହଯୋଗ ଓ ସୁନ୍ଦରଗଡ଼ ସ୍ୱାସ୍ଥ୍ୟ ବିଭାଗର ସହାୟତାରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବକ' ରଙ୍ଗିଆମୁଣ୍ଡାକୁ ଉକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି କେନ୍ଦ୍ରରେ ସମସ୍ତ ରୋଗୀଙ୍କୁ ଡାକ୍ତରୀ ସୁବିଧା ଯୋଗାଇ ଦିଆଯିବ। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଏହାର ଚିକିତ୍ସା ଭାର ତୁଲାଇବେ। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ଉପାଧକ୍ଷ ଲଲାଟେନ୍ଦୁ ପରିଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କାହ୍ନୁଚରଣ ନାୟକ, ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରୀତା ଡାଙ୍ଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁନ୍ଦରଗଡ଼ର ଜିଲା କାର୍ଯ୍ୟକ୍ରମ ପରିଚାଳକ ଶଙ୍କର ଆଚାର୍ଯ୍ୟ, ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ସହରାଞ୍ଚଳ ସ୍ୱାସ୍ଥ୍ୟ ବିଭାଗର ସହକାରୀ କାର୍ଯ୍ୟକ୍ରମ ପରିଚାଳକ ସତ୍ୟବ୍ରତ ପାଣିଗ୍ରାହୀ, ସେବକର ଅଧକ୍ଷ ଅମିୟକାନ୍ତ ନାଏକ, ସେବକର ଅର୍ଥ ବିଭାଗର ପରିଚାଳକ ନିଳାମ୍ବର ଉପାଧ୍ୟାୟ, ସେବକର କାର୍ଯ୍ୟକର୍ତ୍ତା ସଞ୍ଜୁ ପଟେଲ, ଉମେଶ ଚନ୍ଦ୍ର ପଟେଲ, ସୁନ୍ଦରଗଡ଼ ପୌରପାଳିକାର ସମସ୍ତ କାଉନସିଲର, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଉକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସକାଳ ୭ ରୁ ୧୧ ଟା ଓ ମଧ୍ୟାହ୍ନ ୫ ରୁ ୮ ଟା ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବହିଃ ବିଭାଗ (ଓପିଡି)ସେବା, ନିରାମୟ ଔଷଧ ବିତରଣ, ରକ୍ତ ମଳମୂତ୍ର ପରୀକ୍ଷା, ଯୋଗ, ଫିଜିଓଥେରାପି ସେବା ଲୋକଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।



ଜିଲାପାଳ, ପୌରାଧକ୍ଷା ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

# ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ କ୍ୟାସିୟରଙ୍କୁ ୨ ବର୍ଷ ଜେଲ

**ସୁନ୍ଦରଗଡ଼,୩୦।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ବୁଧବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ତଥା ଅବସରପ୍ରାପ୍ତ କ୍ୟାସିୟର ତ୍ରିଲୋଚନ ନାଥଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲ ସହ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ନାଥ ଜଣେ ଅବସରପ୍ରାପ୍ତ ଏଏନ୍‌ଏମ୍‌ଙ୍କ ଏରିଅର୍ ଟଙ୍କା ମଞ୍ଜୁର ସକାଶେ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଏନ୍‌ଏମ୍ ଜଣକ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନମ୍ବର ୩୯। ୨୦୦୪ରେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ଏକ ମାମଲା ରୁଜୁ ହୋଇଥିଲା। କ୍ୟାସିୟର ନାଥ ତାଙ୍କ ଠାରୁ ୧୨ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି କୋର୍ଟ ଚାଲାଣ ହୋଇଥିଲେ। ଏହି ମାମଲାରେ ତତ୍କାଳୀନ ରାଉରକେଲା ଭିଜିଲାନ୍ସ ଇନିସପେକ୍ଟର ତ୍ରିନଥ ପଟେଲ ମାମଲାରେ ତଦନ୍ତକାରୀ ଅଫିସର ଥିଲାବେଳେ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗୌରମୋହନ ଦାସ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଆବାସ ଯୋଜନାର ସାମାଜିକ ସମୀକ୍ଷା କର୍ମଶାଳା

**ଦେବଗଡ଼,୩୦।୧୧(ଡି.ଏନ.ଏ.)**

ଦେବଗଡ଼ ଟାଉନ ହଲ ସଭାଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀମାନଙ୍କ ପାଇଁ ଏକ ସାମାଜିକ ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ମୁଖ୍ୟ ଅତିଥି ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସିଏମ୍‌ଏମ୍ ଅଭିଷେକ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଲାଇଫ ଏକାଡେମୀ ଅଫ ଭୋକେଶନାଲ



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ଷ୍ଟଡିଜ୍‌ର କର୍ମକର୍ତ୍ତା ରମେଶ ଚନ୍ଦ୍ର ବଳ ଓ ସାମାଜିକ ସମୀକ୍ଷକ ସମୀର କୁମାର ପରିଡା କର୍ମଶାଳାରେ ଉପସ୍ଥିତ ସମସ୍ତ ପୌର ପରିଷଦର ସଭ୍ୟାସଭ୍ୟ, ହିତାଧିକାରୀ, ପରିଷଦର କର୍ମଚାରୀ, ବିଭିନ୍ନ ୱାର୍ଡରୁ ଆସିଥିବା ବାସିନ୍ଦାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ପାଞ୍ଚଟି ଉପକମିଟି ଗଠନ କରି ସାମାଜିକ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୁଧବାର ଜନଶୁଣାଣି କରାଯିବ।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ମହାଯଜ୍ଞ ଉଦ୍‌ଘାଟିତ

**ରାଉରକେଲା ଅଫିସ,୩୦।୧୧**

ସେକ୍ଟର-୧୩ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ୧୦୮ କୁଣ୍ଡୀୟ ମହଯଜ୍ଞ ରାଜ୍ୟ ସହପ୍ରଭାରୀ ଅଙ୍କୁର ମଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଭାରତ ସ୍ୱାଭିମାନ ନ୍ୟାସର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ରାଜ୍ୟ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ରାଧା ମାଧବ ବହିରଦାର, ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ, ଡ. ସୁଦର୍ଶନ ଦେବଜୀ, କ୍ଷୀତିଶ ପଟ୍ଟନାୟକ, ଗଙ୍ଗାଧର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ୧୦୮ କୁଣ୍ଡୀୟ ଯଜ୍ଞ ଆଚାର୍ଯ୍ୟ ଡ. ସୁଦର୍ଶନ ମହାରାଜ ଜୀଙ୍କ ପୌରହିତ୍ୟରେ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବିଶ୍ୱଶାନ୍ତି ଓ ମାନବ କଲ୍ୟାଣ ପାଇଁ ଏହି ଯଜ୍ଞର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲାର ମହିଳା ପ୍ରଭାରୀ ନିତମ୍ବନୀ ସ୍ୱାଇଁ ତାଙ୍କର ନିରନ୍ତର ପ୍ରୟାସ ଓ ସାଙ୍ଗଠନିକ ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଯଜ୍ଞ ପରିଚାଳନାରେ ବନଲତା ଜେନା, ମିନାକ୍ଷୀ ପାଢୀ, ରଥ ହରିପାଲ, ନଗେନ୍ଦ୍ରନାଥ ସ୍ୱାଇଁ, ବି.ବିଭୂଜବଳ, ମନୋଜ ମଙ୍ଗରାଜ, ରୁଦ୍ରନାରାୟଣ ସାହୁ, ଅରୁଣ ପଟ୍ଟନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଏଡିଏମ୍‌ଙ୍କୁ କଂଗ୍ରେସର ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ,୩୦।୧୧**

ରାଉରକେଲା ୱାର୍ଡ ନଂ-୧୧ ଅଧୀନ ମଧୁସୂଦନପାଲୀ ଓ ବିବେକାନନ୍ଦପାଲୀର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଆରଏମ୍‌ସି କମିଶନର ତଥା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ମଧୁସୂଦନପାଲୀର ମଧୁସୂଦନଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ପାହାଡ ପାର୍ଶ୍ୱକୁ ଯାଇଥିବା ମୁଖ୍ୟ ରାସ୍ତାର ଡାହାଣ ପାର୍ଶ୍ୱ ଡ୍ରେନ ଭାଙ୍ଗିରୁଜି ଯାଇଥିବାରୁ ଏହାକୁ ତୁରନ୍ତ ନିର୍ମାଣ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଟାଉନ କ୍ରିକେଟ କ୍ଲବକୁ ହରାଇ ବାମଣ୍ଡା ବିଜୟୀ

**ଦେବଗଡ଼, ୩୦।୧୧(ଡି.ଏନ୍.ଏ.)**

**ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚରେ ଟାଉନ କ୍ରିକେଟ କ୍ଲବକୁ ୫ ଉଇକେଟରେ ହରାଇ ବାମଣ୍ଡା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟାଉନ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆଦର୍ଶ ରାୟଗୁରୁ ୪୮, ଅନୁରାଗ ପ୍ରିୟଦର୍ଶୀ ୩୫, ସ୍ୱୟମ ସମ୍ଭବ ରାଜଗୁରୁ ୨୧ ରନ କରିଥିବା ବେଳେ ବାମଣ୍ଡା ଦଳର ହ୍ରିତିକ ଦେହୁରୀ ଓ ଶିବମ ମୋଦୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ବାମଣ୍ଡା ଦଳ ବ୍ୟାଟିଂ ଆରମ୍ଭ କରି ୨୩ ଓଭରରେ ୫ଉଇକେଟ ହରାଇ ୧୮୭ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ଆଶିଷ ମଲିକ ୮୩ , ସିଦ୍ଧାର୍ଥ ନାଏକ ୩୨, ହ୍ରିତିକ ଦେହୁରୀ ୨୫ ରନ କରିଥିବା ବେଳେ ଟାଉନ ଦଳର ଆଶିଷ ସାହୁ ୨ଟି, ସ୍ୱୟମ ରାଜଗୁରୁ ଓ ରୋହିତ ପ୍ରସାଦ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚରେ ସଞ୍ଜୟ କୁମାର ନାଏକ ଓ ଦିଲ୍ଲୁ ଦସଭାୟା ଅମ୍ପାୟାର ରହିଥିଲେ। ସ୍କୋରର ଭାବେ ରୋମି ନାୟକ ଓ ରିତିକ ଦେହୁରୀ କାର୍ଯ୍ୟ ତୁଲାଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ, ନବୀନ ପାଣି, ଅଶୋକ ନନ୍ଦ, ବିଦ୍ୟା ମହାପାତ୍ର, ସତ୍ୟନାରାୟଣ ପାଣି, ସନ୍ତୋଷ ଦେବତା, ସିଦ୍ଧାର୍ଥ ଗୁରୁ, ବେଣୁଧର ଗଡ଼ନାଏକ, ମନୋଜ ଆଚାର୍ଯ୍ୟ, ବାବୁଲି ଭୁକ୍ତା, ଭୋଳାନାଥ ଦାଶ, ଜୟନ୍ତ ସାହୁ, ଅଜିତ ମୋଦୀ, ହରେକୃଷ୍ଣ ସାହୁ, ଅଶୋକ ଆଚାର୍ଯ୍ୟ, ଶିବାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।




ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅତିଥିଙ୍କ ସହ ଖେଳାଳି।

# ଦେବଗଡ଼ ପୌର ପରିଷଦରେ ଅନିୟମିତତା

**ଦେବଗଡ଼,୩୦।୧୧(ଡି.ଏନ.ଏ)**




ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ପୂର୍ବତନ ଅଧକ୍ଷ ସୁଶୀଳ କୁମାର କପରଦାର ପ୍ରମୁଖ ମଞ୍ଚାସୀନ।

କାଉନସିଲରମାନଙ୍କ ବିନା ଅନୁମୋଦନ ଏବଂ ଅଜ୍ଞାତସାରରେ ଦେବଗଡ ପୌର ପରିଷଦ କର୍ତ୍ତୃପକ୍ଷ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ସହ ପୌର କର୍ତ୍ତୃପକ୍ଷ ଅନାବଶ୍ୟକ ଏବଂ ବେଆଇନ କାର୍ଯ୍ୟ କରୁଛନ୍ତି। ଏଭଳି ଏକାଧିକ ଗୁରୁତର ଅଭିଯୋଗ ନେଇ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଦେବଗଡ଼ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ (ଝୁନୁ)ଙ୍କ ଆବାହକତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧକ୍ଷ ତଥା ଜିଲା ନାଗରିକ କମିଟିର ସଭାପତି ସୁଶୀଳ କୁମାର କପରଦାର, ସୁଧିର କୁମାର କପରଦାର, ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି ଓ ନିରଞ୍ଜନ ଦ୍ୱିବେଦୀ ମଞ୍ଚାସୀନ ରହି ଦେବଗଡ଼ ପୌର ପରିଷଦ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ସାଙ୍ଗକୁ ଠିକାଦାର ପୋଷଣନୀତି ଏବଂ ସ୍ୱେଚ୍ଛାଚାରିତା ଚାଲିଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ସେମାନେ ନୂତନ କାଉନସିଲ ଗଠନ ପରଠାରୁ ଇତିମଧ୍ୟରେ ୨ରୁ ୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲେ ହେଁ କୌଣସି ଆଖିଦୃଶିଆ ଉନ୍ନତି ପ୍ରଦର୍ଶନ ହେଉ ନ ଥିବା କହିଥିଲେ। ପୌରାଞ୍ଚଳବାସୀ ସର୍ବନିମ୍ନ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ପୌର ପରିଷଦ ନିର୍ବାଚନର ୮ମାସ ପରେ ମଧ୍ୟ ସହରରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରିଥିଲେ। ପୌରାଞ୍ଚଳର ଜନସାଧାରଣଙ୍କ ହୋଲ୍ଡିଂ ଟ୍ୟାକ୍ସ ଛାଡ ପାଇଁ ପରିଷଦ ବୈଠକରେ ଭାଜପା କାଉନସିଲରମାନେ ଦାବି କରିଥିଲେ

**ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ପୌର ଉପାଧକ୍ଷ, ପୂର୍ବତନ ଅଧକ୍ଷ**

ମଧ୍ୟ ପୌରାଧକ୍ଷା ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା କହିଥିଲେ। ସହରରେ ଆଜି ପର୍ଯ୍ୟନ୍ତ ଆବଶ୍ୟକ ସଂଖ୍ୟକ ଷ୍ଟ୍ରିଟଲାଇଟ ସଂଯୋଗ କରା ନ ଯିବା, ଅତୀତରେ ସୌନ୍ଦର୍ଯ୍ୟକରଣ ଓ ରାସ୍ତାର ପ୍ରଶସ୍ତିକରଣ ପାଇଁ ଟାଉନହଲ ସମ୍ମୁଖରେ ଥିବା ୩ଟି ପୁରୁଣା ଦୋକାନ ଘରକୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଭଙ୍ଗାଯାଇଥିବା ବେଳେ ଜନସାଧାରଣଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ସେଠାରେ ଭେଣ୍ଡିଂ ଜୋନ ତିଆରି ପାଇଁ ଉଦ୍ୟମ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ଅଖଣ୍ଡ କ୍ଷମତା ଦେଇ ଲକ୍ଷଲକ୍ଷ ଟଙ୍କା ବାଟମାରଣା ଓ ଆତ୍ମସାତ କରାଯାଉଥିବା ସେମାନେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଯଦି ଏସବୁର ପ୍ରତିକାର କରା ନ ଯାଏ ତେବେ ଦେବଗଡ଼ ଜନସାଧାରଣ ଏବଂ ସର୍ବଦଳୀୟ ମିଶି ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ପୌର ପରିଷଦର କାଉନସିଲରମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏଭଳି ଅନିୟମିତତା ହେଉଥିବାରୁ ସେମାନଙ୍କୁ ଏକାଠି କରି ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ପୂର୍ବତନ ପୌରାଧକ୍ଷ କପରଦାର ଏହି ଅବସରରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ ।

# ୩ ସ୍ଥାନରେ ଜନସଭାକୁ ସମ୍ବୋଧନ କରିବେ ମୁଖ୍ୟମନ୍ତ୍ରୀ

## ପଦ୍ମପୁର ଉପନିର୍ବାଚନ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋରରେ ଚାଲିଛି। ପ୍ରଚାର ପାଇଁ ହାତରେ ଆଉ ଦିନ କେଇଟା ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ହେଭିୱେଟ୍ ନେତା ପଦ୍ମପୁର ଗସ୍ତରେ ଅଛନ୍ତି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ପୂର୍ବରୁ ବହୁ ଉପନିର୍ବାଚନରେ ନବୀନ ଆଭାସି ଜରିଆରେ ପ୍ରଚାର କରିଥିବାବେଳେ ପଦ୍ମପୁରରେ ସିଧାସଳଖ ପ୍ରଚାରକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ଦ୍ୱିଗୁଣିତ ହୋଇଛି।

ଆସନ୍ତା ୨ତାରିଖରେ ପାଇକମାଳ, ଝାରବନ୍ଧ ଏବଂ ପଦ୍ମପୁରଠାରେ ଆୟୋଜନ ହେବାକୁ ଥିବା ନିର୍ବାଚନୀ ସଭାରେ ନବୀନ ଯୋଗଦେବା ସହ ଲୋକମାନଙ୍କୁ ସମ୍ବୋଧନ କରିବେ। ମୁଖ୍ୟମନ୍ତ୍ରୀଙ୍କ ପଦ୍ମପୁର ଗସ୍ତ ସୂଚୀ ଚୂଡ଼ାନ୍ତ ହୋଇଛି। ମିଳିଥିବା ସୂଚନା ମୁତାବକ, ୨ରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତରେ ଯିବେ। ସେଦିନ ୧୧ଟା ୨୫ ମିନିଟ୍‌ରେ ଝାରବନ୍ଧ ବ୍ଲକର ଶକ୍ତିଛକ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସେ ସଭାସ୍ଥଳକୁ ଯାଇ ଜନସଭାକୁ ସମ୍ବୋଧିତ କରିବେ। ମଧ୍ୟାହ୍ନ ୧୨ଟା ୩୦ରେ ପାଇକମାଳ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜନସଭାରେ ଉଦ୍‌ବୋଧନ ଦେବେ। ସେହିପରି ଅପରାହ୍ନ ୧ଟା ୩୦ରେ ପଦ୍ମପୁର ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯିବେ। ସେଠାରୁ ୩ଟା ୧୫ ମିନିଟ୍‌ରେ ସଡ଼କ ଯୋଗେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଅଭିମୁଖେ ଯିବେ। ଆୟୋଜିତ ଜନସଭାକୁ ମୁଖ୍ୟମନ୍ତ୍ରୀ ସେଠାରେ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ସନ୍ଧ୍ୟା ୫ଟା ୨୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଜଣାପଡ଼ିଛି।

# ଏସ୍‌ଏଚ୍‌ଜିଙ୍କ ପାଇଁ ଋଣରାଶି ସହାୟତା କେନ୍ଦ୍ର ବଢ଼ାଇଛି: ଭାଜପା

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** କେନ୍ଦ୍ର ଯୋଜନାକୁ ନିଜ ନାଁରେ କରି ସବୁବେଳେ ବାହାବା ନେଉଥିବା ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ପାଇଁ ବିନା ସୁଧରେ ଋଣ ରାଶିର ସୀମାକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଉପନିର୍ବାଚନ ଆସିଲେ ୨୩ ବର୍ଷର ମିଥ୍ୟାବାଦୀ ସରକାରର ସର୍ବଦା ଚାଷୀ ଓ ମହିଳାଙ୍କ କଥା ମନେପଡ଼େ। ଉପନିର୍ବାଚନ ପାରହେବା ଲାଗି ରାଜ୍ୟ ସରକାର ମିଶନ ଶକ୍ତି ମହିଳାଙ୍କୁ ମିଛ କହି ଭୁଆଁ ବୁଲାଉଛନ୍ତି। ବାସ୍ତବରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଯୋଜନା ଦେଶରେ ଚଳିତବର୍ଷ ଗତ ଏପ୍ରିଲଠାରୁ ଆରମ୍ଭ ହୋଇସାରିଛି ବୋଲି ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ କହିଛନ୍ତି, ଦେଶର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ରାଶିର ସୀମାକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ କିଛି ନୂଆକଥା କହିନାହାନ୍ତି କି ନୂଆ ବ୍ୟବସ୍ଥା କରିନାହାନ୍ତି। ଏହି ଯୋଜନା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତି ପାର୍ଲାମେଣ୍ଟରେ ଗତ ୨୯ ମାର୍ଚ୍ଚରେ ତଥ୍ୟ ରଖିଥିଲେ। ମହିଳାଙ୍କ ପ୍ରତି ସରକାରଙ୍କ ଯଦି ଏତେ ଦରଦ ଅଛି ତେବେ ୫ ଲକ୍ଷ ଋଣକୁ ବୃଦ୍ଧି କରି ୧୦ ଲକ୍ଷ ପର୍ଯ୍ୟନ୍ତ କରନ୍ତୁ ବୋଲି ପ୍ରଭାତୀ କହିଛନ୍ତି।




# ଛତିଶଗଡ଼ରୁ ଗୁଣ୍ଡା ଆଣି ବୁଲାଉଛି ଭାଜପା

## ସିଇଓଙ୍କୁ ଫେରାଦ ହୋଇ ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ବାରମ୍ବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟକୁ ଯାଇ ଫେରାଦ ହେବାରେ ଲାଗିଛନ୍ତି। ମୁଖ୍ୟତଃ ଉଭୟ ଦଳ ପରସ୍ପର ବିରୋଧରେ ଗୁଣ୍ଡାଗର୍ଦ୍ଦି ନେଇ ଅଭିଯୋଗ ଚଳାଇଛନ୍ତି। ତେବେ ବୁଧବାର ବିଜେଡି ଦୁଇଥର ଯାଇ ସିଇଓଙ୍କ ନିକଟରେ ଭିନ୍ନଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରିଛି। ପ୍ରଥମେ ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଅଭିଯୋଗ କରିଛି ଯେ, ଭାଜପା ଛତିଶଗଡ଼ରୁ ଗୁଣ୍ଡା ଆଣି ଝାରବନ୍ଧ ବ୍ଲକରେ ବୁଲାଉଛି। ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରବନ୍ଧ ବ୍ଲକର ଜଗଦଲପୁର, କୁମିର ଏବଂ କୁରଲୁପାଲି ପଞ୍ଚାୟତରେ ଛତିଶଗଡ଼ରୁ ଆସିଥିବା ଗୁଣ୍ଡାମାନେ ୬ରୁ ୭ଟି ବଡ଼ ଗାଡ଼ିରେ ବୁଲୁଛନ୍ତି। ସେମାନେ ଅର୍ଥ ଏବଂ ବାହୁବଳ ପ୍ରୟୋଗକରି ଲୋକଙ୍କୁ ଡରାଇବା, ଧମକାଇବାରେ ଲାଗିଛନ୍ତି। ଏହାର ଏକ ଭିଡିଓ ଫୁଟେଜ୍ କରି ଏହାକୁ ପେନ୍‌ଡ୍ରାଇଭ ଜରିଆରେ ବିଜେଡି ସିଇଓଙ୍କୁ ପ୍ରଦାନ କରିଛି। ଏହା ଉପରେ କଡ଼ା ନଜର ରଖିବା ଲାଗି ଦଳ ପକ୍ଷରୁ ଦାବି କରାଯାଇଛି। ସେହିପରି ଅନ୍ୟ ଏକ ପ୍ରତିନିଧି ଦଳ ସିଇଓଙ୍କୁ ପୁଣିଥରେ ଭେଟିବା ସହ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ଗାଳିଗୁଲଜ ପାଇଁ ଭାଜପାର ଆଉ ଏକ ଷଡ଼ଯନ୍ତ୍ର ଧରାପଡ଼ିଛି। ମହିଳାଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ବଦନାମ କରିବାକୁ ପଛାଉ ନାହିଁ। ସାଧାରଣ ଲୋକଙ୍କୁ ମଦ ଏବଂ ହଜାରେ ଟଙ୍କା ଦେଇ ବିଜେଡି ପ୍ରାର୍ଥୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ପାଇଁ ଲୋକଙ୍କୁ ଭାଜପା ବ୍ୟବହାର କରୁଥିବା ବିଜେଡି ଅଭିଯୋଗ କରିବା ସହିତ ଏହାର ଏକ ଭିଡିଓ ଜାରି କରିଛି। ଭାଜପା ହାରିଯିବ ବୋଲି ଜାଣିବା ପରେ ଏପରି କରୁଥିବା ବିଜେଡି କହିଛି। ଏହାସହ ଯେଉଁ ଭାଜପା ନେତାମାନେ ଏପରି କରିଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବା ଲାଗି ବିଜେଡି ଦାବି କରିଛି।







**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଆଜି ବିଶ୍ୱ ଏଡ୍‌ସ ଦିବସରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢି ତୋଳିବାକୁ ମୁଁ ମୋ ରାଜ୍ୟବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ କରୁଛି।

ଏଚ.ଆଇ.ଭି. / ଏଡସ୍ ପରି ଏକ ମହାମାରୀ ବିରୁଦ୍ଧରେ ସଂଗ୍ରାମ କରି ଆମେ ଅନେକାଂଶରେ ସଫଳ ହୋଇଥିବା ବେଳେ, ଆସନ୍ତୁ ଆଜିର ଦିବସରେ ଏହି ସଂଗ୍ରାମକୁ ଆହୁରି ତୀବ୍ର କରିବା। ଏଚ.ଆଇ.ଭି. / ଏଡ୍‌ସ ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ସହ ସଂକ୍ରମିତଙ୍କୁ ସାମାଜିକ ଜୀବନରେ ସମାନତାର ଅଧିକାର ପ୍ରଦାନ କରି ସାମାଜିକ ସଶକ୍ତୀକରଣର ବାର୍ତ୍ତା ଦେବା ହେଉଛି ଆମର ଅନ୍ୟତମ ଆଭିମୁଖ୍ୟ।

ସଂକ୍ରମିତ ଜନସାଧାରଣଙ୍କ ପ୍ରତି ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ ସହ ଭେଦଭାବ ଦୂର କରି ସେମାନଙ୍କ ଜୀବନକୁ ଆତ୍ମବିଶ୍ୱାସରେ ଭରି ଦେବା ଦିଗରେ ଆମେ ଉଦ୍ୟମରତ ଥିଲାବେଳେ ଏହି ପ୍ରୟାସକୁ ଫଳବତି କରିବାରେ ସହଯୋଗ କରିଆସୁଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି, ବିଭିନ୍ନ ବେସରକାରୀ ଓ ସରକାରୀ ଅନୁଷ୍ଠାନ ତଥା ଜନସାଧାରଣଙ୍କୁ ବିଶ୍ୱ ଏଡ୍‌ସ ଦିବସରେ ମୋର ଅନେକ ଶୁଭକାମନା।

ଆସନ୍ତୁ, ଆମେ ସମସ୍ତେ ସତର୍କ ଓ ସଚେତନ ରହି ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବା।

(ନବୀନ ପଟ୍ଟନାୟକ)



**ନବ କିଶୋର ଦାସ**
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

**ବାର୍ତ୍ତା**

ସବୁ ବର୍ଷ ପରି ଆଜି ମଧ୍ୟ ଆମେ ବିଶ୍ୱ ଏଡ୍‌ସ ଦିବସ ପାଳନ କରିବାକୁ ଯାଉଛେ। ଏହି ମହାମାରୀ ବିରୁଦ୍ଧରେ ଆମର ସଂଗ୍ରାମର ସୁଫଳ ସମାଜକୁ ମିଳିବା ଆରମ୍ଭ ହୋଇଛି। ସଂକ୍ରମିତ ମଣିଷଟି ଅନେକ କ୍ଷେତ୍ରରେ ଅସମାନତାର ସାମ୍ନା କରୁଥିଲା ବେଳେ ସହଯୋଗ ଓ ଶ୍ରଦ୍ଧା ତା' ଜୀବନ ପାଇଁ ପ୍ରମୁଖ ଆବଶ୍ୟକତା। ଏହି ଅସମାନତାର ଶେଷରେ ହିଁ ଏଡସର ଅନ୍ତ ହୋଇପାରିବ ବୋଲି କୁହାଯାଇପାରେ।

ଆର୍ଥିକ, ସାଂସ୍କୃତିକ, ଆଇନଗତ ଅସମାନତା ଶେଷ ହୋଇଗଲେ ଏଡସ ପୀଡିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ଏଚ.ଆଇ.ଭି ପରୀକ୍ଷା, ଚିକିତ୍ସା ଓ ପ୍ରତିଷେଧକରେ ନିରନ୍ତର ଗୁଣାତ୍ମକ ସେବାର ଉପଲବ୍ଧତା ହେଉଛି ଆମର ପ୍ରମୁଖ ଲକ୍ଷ୍ୟ। ଏଣୁ ଆସନ୍ତୁ ସମସ୍ତେ ମିଳିମିଶି ଏଚ.ଆଇ.ଭି. ବିରୁଦ୍ଧରେ ଆମର ଲଢେଇକୁ ଆହୁରି ଶାଣିତ କରିବା। ଜଣେ ସଚେତନ ନାଗରିକ ଭାବେ ପ୍ରଥମେ ମୁଁ ନିଜର ରକ୍ତ ପରୀକ୍ଷା କରାଇ ନିଜର ସ୍ଥିତି ବିଷୟରେ ଜାଣିବି। ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଆଗାମୀ ଦିନରେ ଏଡ୍‌ସ ମୁକ୍ତ ସ୍ୱପ୍ନକୁ ସାକାର କରିବା।

(ନବ କିଶୋର ଦାସ)


# ପ୍ରଚାରକୁ ଜୋରଦାର କଲା କଂଗ୍ରେସ

**ପଦ୍ମପୁର, ୩୦।୧୧ (ଡି.ଏନ.ଏ.):** ପଦ୍ମପୁର ଉପ ନିର୍ବାଚନ ଆଉ ୫ଦିନ ବାକିଥିବା ବେଳେ କଂଗ୍ରେସ ପ୍ରଚାରକୁ ଜୋରଦାର କରିଛି। ବୁଧବାର ଦିନତମାମ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର, ମୁଖପାତ୍ର ରଜନି କୁମାର ମହାନ୍ତି, ଅମୀୟ ପାଣ୍ଡବ, ବିସ୍ମୟ ମହାପାତ୍ର, ପ୍ରକାଶ ମିଶ୍ର, ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ପୂର୍ବତନ ବିଧାୟକ ଭୁଜବଳ ମାଝି ପଦ୍ମପୁର ବ୍ଲକ ଜିଲା ପରିଷଦ ଜୋନ ୨ଅଧୀନ ବିଭିନ୍ନ ଗାଁରେ ଦଳୀୟ ପାର୍ଥୀ ସତ୍ୟ ଭୂଷଣ ସାହୁଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ। ପିସିସି ସଭାପତି ଶରତ ଆୟୋଜିତ ପଥପ୍ରାନ୍ତ ସଭାଗୁଡ଼ିକରେ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଉଭୟ ସରକାର ଚାଷୀ, ଶ୍ରମିକ, ମଧ୍ୟବିତ୍ତ, ସର୍ବୋପରି ସବୁବର୍ଗର ଲୋକଙ୍କୁ ପ୍ରତାରଣା କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ସାହୁ ଭୂଷଣ ସାହୁ ଙ୍କୁ ଆଶୀର୍ବାଦ କରି ପଦ୍ମପୁରର ବିକାଶରେ ସହାୟତା କରିବାକୁ ସେ ନିବେଦନ କରିଥିଲେ।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୧/୨୦୨୨ Sambalpur, Thursday, December 1/ 2022


ଫ୍ରାନ୍ସ ବିପକ୍ଷରେ ଗୋଲ ଦେବାପରେ ଉଲ୍ଲସିତ ଟ୍ୟୁନିସିଆ ଖେଳାଳି।

# ଇଂଲଣ୍ଡ, ଆମେରିକା ଆଗେଇଲେ

**ଦୋହା, ୩୦।୧୧**

ଇଂଲଣ୍ଡ ଓ ଆମେରିକା ଚଳିତ ଫିଫା ବିଶ୍ୱକପର ରାଉଣ୍ଡ ଅଫ୍-୧୬ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ବି' ମ୍ୟାଚରେ ୱେଲ୍ସକୁ ଇଂଲଣ୍ଡ ଏବଂ ଇରାନକୁ ଆମେରିକା ପରାସ୍ତ କରିଛି। ଏଥିସହ ଦୁଇଟି ଯାକ ଦଳ ଅପରାଜେୟ ରହି ନକ୍ଆଉଟରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୱେଲ୍ସ ଓ ଇରାନର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଛି। ଇରାନ ୩ ଓ ୱେଲ୍ସ ୧ ପଏଣ୍ଟ ପାଇ ବିଦାୟ ନେଇଛି।

## ରଶ୍‌ଫୋର୍ଡଙ୍କ ଡବଲ ଗୋଲ

ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚର ପ୍ରଥମାର୍ଦ୍ଧରେ ଇଂଲଣ୍ଡକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ୱେଲ୍ସ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଟ୍ରିପଲ ଗୋଲ ବଳରେ ଇଂଲଣ୍ଡ ଆଗକୁ ବଢ଼ିଥିଲା। ୫୦ତମ ମିନିଟରେ ମାର୍କୁସ ରଶଫୋର୍ଡ ଗୋଟିଏ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଏହାର ୧ ମିନିଟ ପରେ ଫିଲ୍ ଫୋଡେନ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୱେଲ୍ସ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୬୮ତମ ମିନିଟରେ ରଶ୍‌ଫୋର୍ଡ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଇଂଲଣ୍ଡ ପକ୍ଷରୁ ତୃତୀୟ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଖେଳର ସବୁ ବିଭାଗରେ ୱେଲ୍ସ ଉପରେ ଭାରି ପଡ଼ିଥିଲା ଇଂଲଣ୍ଡ। ଦ୍ୱିତୀୟାର୍ଦ୍ଧରେ ଚାପର ବଶବର୍ତ୍ତୀ ହୋଇ ୱେଲ୍ସ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲା। ଇଂଲଣ୍ଡ ୧୯୬୬ରେ ଥରେ ଚାମ୍ପିୟନ ହୋଇଥିଲା। ଏହା ବ୍ୟତୀତ ୨ଥର ୧୯୯୦ ଓ ୨୦୧୮ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ୧୯୫୪, ୧୯୬୨, ୧୯୭୦, ୧୯୮୬, ୨୦୦୨ ଓ ୨୦୦୬ରେ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଗତ ସଂସ୍କରଣର ସେମିଫାଇନାଲରୁ କ୍ରୋଏସିଆ ନିକଟରୁ ଅତିରିକ୍ତ ସମୟରେ ହାରି ଯିବାପରେ ବ୍ରୋଞ୍ଜ ପଦକ ମୁକାବିଲାରେ ମଧ ବେଲଜିୟମଠାରୁ ହାର ମାନିଥିଲା। ଚଳିତ ବିଶ୍ୱକପରେ ଇଂଲଣ୍ଡ ୬-୨ ଗୋଲରେ ଇରାନକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଆମେରିକା ବିପକ୍ଷ ମ୍ୟାଚକୁ ଡ୍ର ରଖି ତୃତୀୟ ମ୍ୟାଚ ଖେଳିଥିଲା।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**କାନାଡା ବନାମ ମରକ୍କୋ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ, ସମୟ: ରାତି ୮.୩୦

**କ୍ରୋଏସିଆ ବନାମ ବେଲଜିୟମ**
ସ୍ଥାନ: ଅଲ ରାୟାନ ଷ୍ଟାଡିୟମ, ସମୟ: ରାତି ୮.୩୦

**କୋଷ୍ଟାରିକା ବନାମ ଜର୍ମାନୀ**
ସ୍ଥାନ: ଅଲ ବାୟତ୍ ଷ୍ଟାଡିୟମ, ସମୟ: ରାତି ୧୨.୩୦

**ଜାପାନ ବନାମ ସ୍ପେନ୍**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ସମୟ: ରାତି ୧୨.୩୦

## ଆମେରିକା ବିଜୟରେ ପୁଲିସିକ୍ ହିରୋ

ଅଲ ରାୟାନ୍ ଷ୍ଟାଡିୟମରେ ଇରାନ ଭଲ ଖେଳିଥିଲେ ହେଁ ଆମେରିକାକୁ ଭାଗ୍ୟ ସାଥ୍ ଦେଇଥିଲା। ୩୮ତମ ମିନିଟରେ ଆମେରିକା ପକ୍ଷରୁ ଗୋଲ ଦେଇଥିଲେ ଖ୍ରିଷ୍ଟିଆନ ପୁଲିସିକ। ଆମେରିକାର ବିଶ୍ୱକପ ରେକର୍ଡ ସେତେ ଭଲ ନାହିଁ। ଦଳ ପ୍ରଥମ ସଂସ୍କରଣରେ ସେମି ଫାଇନାଲ ଖେଳିଥିଲେ ହେଁ ପରେ ଆଉ କେବେ ସେ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ।

# ଫ୍ରାନ୍ସକୁ ହରାଇଲା ଟ୍ୟୁନିସିଆ

**ଦୋହା,୩୦।୧୧,(ପି.ଟି.)**

**ବିଶ୍ୱକପରେ ଆଉ ଏକ ବିପର୍ଯ୍ୟୟ**

କାତାରରେ ଅନୁଷ୍ଠିତ ଫିଫା ୨୦୨୨ରେ ଦେଖିବାକୁ ମିଳିଛି ଆଉ ଏକ ବିପର୍ଯ୍ୟୟ। ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସକୁ ୧-୦ରେ ପରାସ୍ତ କରିଛି ଅଣ୍ଡରଡଗ୍ ଟ୍ୟୁନିସିଆ। ୫୮ ତମ ମିନିଟରେ ଟ୍ୟୁନିସିଆ ପକ୍ଷରୁ ୱାହବି ଖାଜରି ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ୨ଟି ବିଜୟ ସହିତ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ସୁରକ୍ଷିତ କରି ନେଇଥିବା ଡିଡଏର ଡେସଚାମ୍ପଙ୍କ ଫ୍ରାନ୍ସ ଆରମ୍ଭରୁ ୪-୩-୩ କମ୍ବିନେଶନରେ ଓହ୍ଲାଇଥିଲା। ପ୍ରଥମାର୍ଦ୍ଧରେ ଦଳ ସମସ୍ତ ଷ୍ଟାର ଫରୱାର୍ଡ କିଲିଆନ୍ ଏମବାପେ ଓ ଆଣ୍ଟୋନିଓ ଗ୍ରିଜମ୍ୟାନଙ୍କୁ ବାହାରେ ବସାଇଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ବରଣ କରିବା ପରେ ଉଭୟ ଖେଳାଳିଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଥିଲା। ୭୬ ତମ ମିନିଟରେ ଏମବାପେଙ୍କ ଏକ ଶକ୍ତିଶାଳୀ କ୍ରସକୁ ଟ୍ୟୁନିସିଆ ଗୋଲ କିପର ରୋକି ଦେଇଥିବା ବେଳେ ଇଞ୍ଜୁରୀ ଟାଇମ ଶେଷ ହେବାର ୩୦ ସେକେଣ୍ଡ ପୂର୍ବରୁ ଏକ ଚମତ୍କାର ଗୋଲ ଦେଇଥିଲେ ଆଣ୍ଟୋନିଓ ଗ୍ରିଜମ୍ୟାନ୍। ଭିଡିଓ ରେଫରାଲ ପରେ ଏହାକୁ ରେଫରୀ ଅଫସାଇଡ୍ ଘୋଷଣା କରିଥିଲେ। ପରାଜୟ ସତ୍ତ୍ୱେ ଗ୍ରୁପ୍ ଡିର ଏକ ନମ୍ବର ଦଳ ଭାବରେ ଫ୍ରାନ୍ସ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିବା ବେଳେ ଟ୍ୟୁନିସିଆର ବିଶ୍ୱକପ ଯାତ୍ରା ଶେଷ ହୋଇଛି।

# ଭାରତର ପ୍ରଥମ ବିଜୟ

**ଆଡିଲେଡ୍, ୩୦।୧୧, (ପି.ଟି.):** ହକି ଟେଷ୍ଟ ସିରିଜର ତୃତୀୟ ମ୍ୟାଚର ଶେଷ ମିନିଟରେ ଗୋଲ ସ୍କୋର କରିବା ସହିତ ବିଶ୍ୱର ଏକ ନମ୍ବର ଦଳ ଅଷ୍ଟ୍ରେଲିଆକୁ ୪-୩ରେ ପରାସ୍ତ କରିଛି ଭାରତ। ଏହା ସହିତ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ୧୩ ମ୍ୟାଚ ପରାଜୟ ଧାରାକୁ ଭାରତ ସମାପ୍ତ କରିଛି। ପ୍ରଥମ ଦୁଇ ମ୍ୟାଚକୁ ଅଷ୍ଟ୍ରେଲିଆ ୫-୪ ଓ ୭-୪ରେ ଜିତିଥିବା ବେଳେ ବୁଧବାରର ବିଜୟ ସହିତ ୫ ମ୍ୟାଚ ବିଶିଷ୍ଟ ହକି ସିରିଜକୁ ଭାରତ ୨-୧ରେ ଜୀବନ୍ତ ରଖିଛି। ଶନିବାର ଓ ରବିବାର ସିରିଜର ଅନ୍ତିମ ଦୁଇ ମ୍ୟାଚ ଖେଳାଯିବ। ଭାରତ ପକ୍ଷରୁ ହରମନପ୍ରୀତ ସିଂ(୧୨), ଅଭିଷେକ(୪୭), ଶମଶେର ସିଂ(୫୭) ଓ ଆକାଶଦୀପ ସିଂ(୬୦ ମିନିଟରେ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜ୍ୟାକ୍ ୱେଲ୍ଚ(୨୫), ଅଧିନାୟକ ଆରାନ ଜାଲେବ୍ସ୍କି(୩୨) ଓ ନାଥନ୍ ଏଫ୍ରମସ(୫୯) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଭୟ ଦଳ ଆରମ୍ଭରୁ ରକ୍ଷଣାତ୍ମକ ଖେଳ ଆରମ୍ଭ କରିଥିଲେ। ମ୍ୟାଚର ସପ୍ତମ ମିନିଟରେ ଅଷ୍ଟ୍ରେଲିଆ ପାଖରେ ସ୍କୋର କରିବାର ସୁଯୋଗ ଥିଲେ ମଧ କ୍ରିଷନ ବାହାଦୂର ପାଠକ ଏହାକୁ ପଣ୍ଡ କରି ଦେଇଥିଲେ।

# ଇରାନରେ ଆମେରିକାର ବିଜୟ ଉତ୍ସବ

**ବାଗଦାଦ,୩୦।୧୧,(ପି.ଟି.)**

ଇରାନର କୁର୍ଦ୍ଦିଶ ଅଞ୍ଚଳରେ ଆମେରିକା ଫୁଟବଲ ଦଳର ବିଜୟ ଉତ୍ସବ ମନାଯାଇଛି। ଇରାନ ଫୁଟବଲ ଦଳ ଆମେରିକା ନିକଟରୁ ୧-୦ରେ ପରାଜିତ ହୋଇଥିବା ବେଳେ ବୁଧବାର କୁର୍ଦ୍ଦିଶ ବହୁଳ ଅଞ୍ଚଳ କୁର୍ଦ୍ଦିସ୍ତାନ ପ୍ରଦେଶରେ ଏହାର ଉତ୍ସବ ମନାଉଥିବାର ଦେଖିବାକୁ ମିଳିଛି। ଇରାନ ଓ ଆମେରିକା ମଧ୍ୟରେ ରାଜନୈତିକ ବିବାଦ ଜାରି ରହିଥିବା ବେଳେ ଇରାନ ସରକାର ବିରୋଧୀ ମାନେ ଆତସବାଜି ପ୍ରଦର୍ଶନ ସହିତ ଜାତୀୟ ଦଳର ପରାଜୟକୁ ସେଲିବ୍ରେଟ କରିଥିଲେ। ଉଭୟ ରାଷ୍ଟ୍ର ମଧ୍ୟରେ ବିଗତ ୪ ଦଶନ୍ଧି ଧରି ଶୀତଳ ଯୁଦ୍ଧ ଜାରି ରହିଛି। ବୁକାନ ଓ ପଶ୍ଚିମ ଆଜରବୈଜାନର ଆକାଶ ଆତସବାଜିରେ ଛାଇ ଯାଇଥିଲା। ଏହା ସହିତ ଏହା ଜଣେ ଏକଛତ୍ରବାଦୀ ଶାସକର ମୃତ୍ୟୁ ବୋଲି ମଧ ସ୍ଲୋଗାନ ଶୁଣିବାକୁ ମିଳିଥିଲା। ଇରାନର ଏକଛତ୍ରବାଦ ଶାସକ ଆୟାତୋଲ୍ଲା ଅଲୀ ଖମିନେନୀଙ୍କ ବିରୋଧରେ ମଧ ସ୍ଲୋଗାନ ଶୁଣିବାକୁ ମିଳିଥିଲା। ଇରାନ ବିରୋଧୀ ମତବାଦ ରଖୁଥିବା ବ୍ୟକ୍ତି ଇରାନକୁ ଆରବ ଦୁନିଆ, ଇରାକ, ଲେବାନନ, ସିରିଆ, ପାଲେଷ୍ଟାଇନ ଓ ୟେମେନର ଗୃହଯୁଦ୍ଧ ପାଇଁ ଦାୟୀ କରିଛନ୍ତି। ଅପରପକ୍ଷରେ ସମର୍ଥକ ମାନେ ଆମେରିକୀୟ ପକ୍ଷପାତିତା, ଆରବ ରାଷ୍ଟ୍ର ସମୂହର ଦୁର୍ନୀତିଗ୍ରସ୍ତ ନେତୃତ୍ୱ ଓ ଇସ୍ରାଏଲର ପାଲେଷ୍ଟାଇନ୍ ଅଧିଗ୍ରହଣକୁ ସମାଲୋଚନା କରିଛନ୍ତି। ଇରାନ ସରକାରଙ୍କ ବିରୋଧରେ ଜାରି ରହିଥିବା ଆନ୍ଦୋଳନରେ କୁର୍ଦ୍ଦିଶ ବହୁଳ ଅଞ୍ଚଳ ଗୁଡିକ ଆନ୍ଦୋଳନର ହଟସ୍ପଟ ରହିଛି। ୨୫ ବର୍ଷୀୟା କୁର୍ଦ୍ଦିଶ ମହିଳା ମାହଶା ଅମିନିଙ୍କ ପୋଲିସ ହେପାଜତରେ ମୃତ୍ୟୁ ପରେ ଇରାନ ସରକାରଙ୍କ ବିରୋଧରେ ଏହି ଆନ୍ଦୋଳନ ତେଜିବାରେ ଲାଗିଥିଲା। ହିଜାବକୁ ବିରୋଧ କରିବା କାରଣରୁ ଅମିନିଙ୍କୁ ପୋଲିସ ନିର୍ଯାତନା ଦେଇଥିବା ବେଳେ ସେପ୍ଟେମ୍ବର ୧୬ ତାରିଖରେ ତେହେରାନରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଫ୍ରାପାର୍ଟ ପ୍ରଥମ ମହିଳା ରେଫରି

**ଦୋହା, ୩୦।୧୧ (ଏପି)**

**ଫିଫା ବିଶ୍ୱକପ୍‌ରେ ଇତିହାସ**

**ଜର୍ମାନୀ-କୋଷ୍ଟାରିକା ମ୍ୟାଚ ପରିଚାଳନା କରିବେ ୪ ମହିଳା**




ଫିଫା ବିଶ୍ୱକପ୍ (ପୁରୁଷ) ଇତିହାସରେ ପ୍ରଥମଥର ପାଇଁ ଜଣେ ମହିଳା ରେଫରି ମ୍ୟାଚ ପରିଚାଳନା କରିବାକୁ ଯାଉଛନ୍ତି। ସେ ହେଲେ ଫ୍ରାନ୍ସର ଷ୍ଟିଫେନି ଫ୍ରାପାର୍ଟ। ଗୁରୁବାର ଅଲ୍‌ବାୟଟ ଷ୍ଟାଡିୟମରେ ସେ ଜର୍ମାନୀ ଓ କୋଷ୍ଟାରିକା ମ୍ୟାଚ ପରିଚାଳନା କରିବେ। କେବଳ ସେତିକି ନୁହେଁ, ଫୁଟବଲ ପରିଚାଳନାର ସର୍ବୋଚ୍ଚ ସଂସ୍ଥା (ଫିଫା) ଏହି ମ୍ୟାଚରେ ଫ୍ରାପାର୍ଟଙ୍କୁ ସହଯୋଗ କରିବା ପାଇଁ ୨ ଜଣ ମହିଳା ରେଫରିଙ୍କୁ ମଧ ନିଯୁକ୍ତ କରିଛି। ସେମାନେ ହେଲେ ବ୍ରାଜିଲର ନୁଏଜା ବେକ୍ ଓ ମେକ୍ସିକୋର କରେନ ଡିଆଜ ମେଡିନା। ଏହା ବ୍ୟତୀତ ୪ର୍ଥ ମହିଳା ମ୍ୟାଚ ଅଫିସିଆଲ ଭାବେ ଆମେରିକାର କାଥ୍ରିନ ନେସବିଟଙ୍କୁ ମଧ ଫିଫା ଦାୟିତ୍ୱ ଦେଇଛି। ତେଣୁ ପ୍ରଥମଥର ପାଇଁ ଏକ ବିଶ୍ୱକପ୍‌ରେ ୪ ଜଣ ଯାକ ମହିଳା ରେଫରି ମ୍ୟାଚ ପରିଚାଳନା ଦାୟିତ୍ୱରେ ରହିବେ। ନେସବିଟ ଭିଡିଓ ରିଭ୍ୟୁ ଟିମ୍‌ର ଅଫ୍‌ସାଇଡ୍ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ ନିର୍ବାହ କରିବେ। କାତାର ବିଶ୍ୱକପ୍ ପାଇଁ ଫିଫା ଆଉ ୨ ଜଣ ମହିଳା ରେଫରି ରୱାଣ୍ଡାର ସାଲିମା ମୁକାନସାଙ୍ଗା ଓ ଜାପାନର ୟୋଶିମି ୟାମାଶିତାଙ୍କୁ ଏହାର ପ୍ୟାନେଲରେ ସାମିଲ କରିଛି। ଚଳିତ ବିଶ୍ୱକପ୍‌ରେ ମୋଟ ୬୪ଟି ମ୍ୟାଚ ଖେଳାଯିବାକୁ ଥିବାବେଳେ ଜର୍ମାନୀ-କୋଷ୍ଟାରିକା ୪୪ତମ ମ୍ୟାଚ ପାଇଁ ସମସ୍ତ ମହିଳା ରେଫରିଙ୍କୁ ନିଯୁକ୍ତ କରି ଫିଫା ଐତିହାସିକ ନିଷ୍ପତ୍ତି ନେଇଛି। ଫ୍ରାପାର୍ଟ ପୂର୍ବରୁ ୪ର୍ଥ ଅଫିସିଆଲ ଭାବେ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି। ୟୁରୋପିଆନ ଫୁଟବଲର ସର୍ବୋଚ୍ଚ ସଂସ୍ଥା ୟୁଫା ଏବଂ ଫ୍ରାନ୍ସ ପକ୍ଷରୁ ୩୮ ବର୍ଷୀୟା ଫ୍ରାପାର୍ଟଙ୍କୁ ପୁରୁଷ ଫୁଟବଲ ମ୍ୟାଚ ପାଇଁ ପ୍ରମୋଟ କରାଯାଇଥିଲା। ପୂର୍ବରୁ ସେ ବିଶ୍ୱକପ୍ କ୍ୱାଲିଫାଇଂ, ଚାମ୍ପିୟନ୍ସ ଲିଗ୍ ଏବଂ ଚଳିତ ବର୍ଷର ଫ୍ରେଞ୍ଚକପ୍ ଫାଇନାଲ ପୁରୁଷ ଗେମ୍‌ରେ ରେଫରି ଥିଲେ। ସେ ୨୦୧୯ ମହିଳା ବିଶ୍ୱକପ୍ ଫାଇନାଲରେ ମଧ ରେଫରି ଦାୟିତ୍ୱରେ ଥିଲେ।

# ଅନ୍ତିମ ଦିନିକିଆରେ ବର୍ଷା: ନ୍ୟୁଜିଲାଣ୍ଡ ସିରିଜ ବିଜୟୀ

**ଖ୍ରୀଷ୍ଟଚର୍ଚ୍ଚ,୩୦।୧୧,(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଇଥିବା ଦିନିକିଆ ସିରିଜକୁ ୧-୦ରେ ଜିତି ନେଇଛି ଘରୋଇ ଦଳ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚକୁ ଭାରତ ହାରିଥିବା ବେଳେ ପରବର୍ତ୍ତୀ ଦୁଇ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା। ବୁଧବାର ଖ୍ରୀଷ୍ଟଚର୍ଚ୍ଚରେ ଖେଳା ଯାଇଥିବା ଅନ୍ତିମ ଦିନିକିଆଟି ବର୍ଷା କାରଣରୁ ସମ୍ପୂର୍ଣ୍ଣ ହୋଇ ପାରିନଥିଲା। ଭାରତ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ୪୭.୩ ଓଭରରେ ୨୧୯ ରନରେ ସମସ୍ତ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୫୧ ଓ ଶ୍ରେୟାସ ଆୟର ୪୯ ରନ୍ କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୮ ଓଭରରେ ୧ ଉଇକେଟ ବିନିମୟରେ ୧୦୪ ରନ୍ କରିଥିଲା। ଡର୍କୱର୍ଥ ଲୁଇସ ହିସାବରେ ନ୍ୟୁଜିଲାଣ୍ଡର ରନ୍‌ହାର ମଧ ବେଶ ଆଗୁଆ ରହିଥିଲା। ମାତ୍ର ନ୍ୟୁଜିଲାଣ୍ଡ ଇନିଂସର ୨୦ ଓଭର ସମ୍ପୂର୍ଣ୍ଣ ହୋଇନଥିବା କାରଣରୁ ମ୍ୟାଚକୁ ବାତିଲ କରାଯାଇଥିଲା।

ଲଗାତାର ତୃତୀୟ ଥର ପାଇଁ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ହାଗଲେ ଓଭାଲର ମେଘୁଆ ପରିବେଶରେ ପୁଣି ଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ୱାଶିଂଟନ୍ ସୁନ୍ଦର ଓ ଆୟରଙ୍କୁ ବାଦ ଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟର କିୱି ବୋଲରଙ୍କ ମୁକାବିଲା କରି ପାରିନଥିଲେ। ରିଷଭ ପନ୍ତ(୧୬ ବଲ୍୧୦), ସୂର୍ଯ୍ୟକୁମାର ଯାଦବ(୧୦ ବଲ ୬) ଓ ଦୀପକ ହୁଦା(୨୫ ବଲ୍ ୧୨) ପୁଣି ଥରେ ନିରାଶ କରିଥିଲେ। ୫୯ ବଲ ଖେଳିଥିବା ଆୟର ୮ ଚୌକା



ଟ୍ରଫି ସହ କେନ୍ ୱିଲିୟମସନ।

ସହିତ ୪୯ ରନ କରିଥିବା ବେଳେ ୬୪ ବଲ ଖେଳି ସୁନ୍ଦର ୫ ଚୌକା ଓ ୧ ଛକା ମାରିଥିଲେ। ଉଭୟଙ୍କ ଅବଦାନ ଫଳରେ ଭାରତ ୨୧୯ରନର ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ୍ ମିଲନେ ଓ ଡାରିଲ୍ ମିଚେଲ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବର ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ଓପନର ଫିନ୍ ଆଲେନ୍(୫୭) ଓ ଡେଭନ୍ କନୱେ(୩୮) ପ୍ରଥମ ଉଇକେଟରେ ୯୭ ରନ୍ ଯୋଡିଥିଲେ। ଫିନ୍ ଆଲେନ୍‌ଙ୍କୁ ଆଉଟ କରି ଉମ୍ରାନ ମଲିକ ଏହି ଯୋଡି ଭାଙ୍ଗିଥିଲେ। ୫୪ ବଲ ଖେଳି ସେ ୮ ଚୌକା ଓ ୧ ଛକା ମାରିଥିଲେ। ୧୮ତମ ଓଭର ବେଳକୁ ବର୍ଷା କାରଣରୁ ଆଉ ଖେଳ ସମ୍ଭବ ନ ହେବାରୁ ମ୍ୟାଚକୁ ବାତିଲ କରାଯାଇଥିଲା। ଟମ୍ ଲାଥାମଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ ୪୭.୩ ଓଭରରେ ୨୧୯/୧୦(ୱାଶିଂଟନ୍ ସୁନ୍ଦର-୫୧, ଶ୍ରେୟାସ ଆୟର-୪୯, ଶିଖର ଧାୱନ-୨୮, ଆଡାମ୍ ମିଲନେ-୩/୫୭,ଡାରିଲ୍ ମିଚେଲ୍-୩/୨୫)।

ନ୍ୟୁଜିଲାଣ୍ଡ- ୧୮ ଓଭରରେ ୧୦୪/୧( ଫିନ୍ ଆଲେନ୍-୫୭, ଡେଭନ୍ କନୱେ-୩୮*, ଉମ୍ରାନ୍ ମଲିକ୍-୧/୩୧)।




ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମମାନଙ୍କର ଅଭୁଲା ସ୍ମୃତି ହୋଇ ରହିବ । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ବିକାଶରେ ଆପଣଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ । ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।



୰ ବିବେକାନନ୍ଦ ପରିଡ଼ା
ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ନିର୍ଦ୍ଦେଶକ ଭିଜନ୍‌ଟେକ୍ କନ୍‌ସଲଟାନ୍ସି ସର୍ଭିସ୍
ପ୍ରତିଷ୍ଠାତା: ଆରପଟା ଉଚ୍ଚ ବିଦ୍ୟାଳୟ, ଉପଦେଷ୍ଟା: ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଂଗଠନ, ଡେଙ୍ଗୁଆ ମଙ୍ଗଳପୁର
ମାର୍ଗଶିର ମାସ କୃଷ୍ଣପକ୍ଷ, ଦ୍ୱାଦଶୀ ତିଥି

ଶୋକସନ୍ତପ୍ତ: କୁମାର ରଞ୍ଜନ, ରମଣୀ ରଞ୍ଜନ ଓ ଭିଜନ୍‌ଟେକ୍ କନ୍‌ସଲ୍‌ଟାନ୍ସି ପରିବାରବୃନ୍ଦ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ